ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
SAMBALPUR
◆VOLUME- 43 ◆ISSUE-14 ◆TUESDAY ◆8 JULY 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୧୪ ◆ମଙ୍ଗଳବାର ◆୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ରଥରେ ଲାଗିହେଲା ଅଧରପଣା

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



## ତିନିରଥରେ ଭଙ୍ଗାହେଲା ୯ ଅଧର ପଣା ହାଣ୍ଡି

■ **ପୁରୀ, ୭।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ମଙ୍ଗଳବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ସୋମବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ଧାର୍ଯ୍ୟ ସମୟ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ୧ଘଣ୍ଟା ୧୦ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୧୦ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭଙ୍ଗା ଯାଇଥିଲା।

ସୋମବାର ଆଷାଢ଼ଶୁକ୍ଳ ଦ୍ୱାଦଶୀ। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏଁ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

### ବର୍ଷକରେ କଞ୍ଚା ତେଲ କମିଛି ୨୦ ଡଲାର: କମୁନି ପେଟ୍ରୋଲ-ଡିଜେଲ

# ୪୦ ଟଙ୍କାର ତେଲ ୧୦୧ରେ ବିକ୍ରି




**ତେଲ କମ୍ପାନୀ ଲାଭ ଲିଟର ପିଛା ୧୫ ଟଙ୍କା**
**୪୨ ଟଙ୍କା ଟିକସ ନେଉଛି କେନ୍ଦ୍ର ଓ ରାଜ୍ୟ**
**ପେଟ୍ରୋଲ ପମ୍ପ ମାଲିକଙ୍କ ଭାଗ ୩ରୁ ୪ ଟଙ୍କା**

■ **ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଅର୍ଥାତ୍ କ୍ରୁଡ଼ ଅଏଲ ମୂଲ୍ୟ ତଳମୁହାଁ। କ୍ରୁଡ଼ ଅଏଲର ମୂଲ୍ୟ ବ୍ୟାରେଲ ପିଛା ୬୬ ଡ଼ଲାରରେ ପହଞ୍ଚିଛି। ଆଗକୁ କ୍ରୁଡ଼ ଅଏଲ୍ ମୂଲ୍ୟ ୬୦ ଡ଼ଲାର ତଳକୁ ଖସିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ମାତ୍ର ଆନ୍ତର୍ଜାତୀୟସ୍ତରରେ ତୈଳ ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଉପଭୋକ୍ତା ଏଥିରୁ କୌଣସି ଲାଭ ପାଉ ନାହାନ୍ତି।

ବର୍ତ୍ତମାନର ମହଙ୍ଗା ବଜାର ଦରରେ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଠାରୁ ବଳିଯାଉଛି ଖାଉଟିଙ୍କ ତେଲ କଷ୍ଟ। ବିଡ଼ମ୍ବନା ହେଉଛି ପେଟ୍ରୋଲିୟମ ଉତ୍ପାଦ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟର ଅଧାରୁ ଅଧିକ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ପେଟ୍ରୋଲିୟମ କମ୍ପାନୀର ଲାଭ ନେଇଯାଉଛି। ପ୍ରକ୍ରିୟାକରଣ ପରେ ଅଶୋଧିତ ତୈଳର ମୂଲ୍ୟ ପାଖାପାଖି ୫୦ ଟଙ୍କା ଥିବାବେଳେ ଖାଉଟି ଏହାକୁ ୧୦୧ ଟଙ୍କା ଦରରେ କ୍ରୟ କରୁଛି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ହାରାହାରି ଲିଟର ପିଛା ୧୫ ଟଙ୍କା ଲାଭ କରୁଛନ୍ତି। ଓଡ଼ିଶାରେ ଟିକସ ବାବଦରେ ୨୮% ଆଦାୟ କରାଯାଉଛି ଓ ଅନ୍ୟ ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ଟିକସ ହାର ଲାଗୁ ହୋଇଛି, ସେହିପରି କେନ୍ଦ୍ର ସରକାର ମଧ୍ୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ଟିକସ ଆଦାୟ କରୁଛନ୍ତି। ବିଡ଼ମ୍ବନା ହେଉଛି ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ▸ପୃଷ୍ଠା-୭

# ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ନବୀନ



**ଡ଼ାକ୍ତରୀ ଦଳ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଲେ ନବୀନ**
**କୃତଜ୍ଞତା ସହ ଦ୍ରୁତ ଆରୋଗ୍ୟ କାମନା କଲେ ହସ୍ପିଟାଲ କର୍ତ୍ତୃପକ୍ଷ**

■ **ଭୁବନେଶ୍ୱର, ୭।୭ (ସମିସ):** ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପରେ ଆଜି କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ସମୟରେ ସେଠାରେ ଉପସ୍ଥିତ ଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ୍ ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହ ହାତ ମିଳାଇ ସେମାନଙ୍କ ଚିକିତ୍ସା ଓ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ଡାକ୍ତରଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ନବୀନଙ୍କ ସହ ଚାଲି ଚାଲି ଆସି ତାଙ୍କୁ ବାଟୋଇ ଦେଇଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ତେବେ ▸ପୃଷ୍ଠା-୭

### ବିଜେପି ରାଜ୍ୟ ସଭାପତି ପାଇଁ ଏକମାତ୍ର ନାମାଙ୍କନ ଦାଖଲ

# ମୁଖିଆ ହେବେ ମନମୋହନ

■ **ଭୁବନେଶ୍ୱର, ୭।୭ (ସମିସ):** ବିଗତ କିଛି ମାସ ଧରି ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ମନମୋହନ ସାମଲ ପୁନର୍ବାର ରାଜ୍ୟ ବିଜେପିର ସଭାପତି ହେବା ପଥ ପରିଷ୍କାର ହୋଇଛି। ରାଜ୍ୟ ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ଚତୁର୍ଥ ଥର ପାଇଁ ଶ୍ରୀ ସାମଲ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ଆପାତତଃ ଚୂଡ଼ାନ୍ତ ବୋଲି କୁହାଯାଉଛି।



ତେବେ ଆସନ୍ତାକାଲି ବିଧିବଦ୍ଧ ଭାବରେ ଦଳର ସଭାପତି ଭାବରେ ତାଙ୍କ ନାମ ଘୋଷଣା ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କ ସୂଚନା ଅନୁସାରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିଲା। ନିର୍ଦ୍ଧାରିତ ଅବଧି ▸ପୃଷ୍ଠା-୭

■ **ଅସୁରକ୍ଷିତ ଗଞ୍ଜାମ**

# ଘରୁ ଘୋଷାଡ଼ି ନେଇ ହତ୍ୟା

■ **ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୭।୭ (ସମିସ):** ଘରୁ ଘୋଷାଡ଼ି ନେଇ ହାଣିଦେଲେ। ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡ଼ିରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି।



ମୃତକ ହେଲେ, ସେହି ଗ୍ରାମର ଦିଲ୍ଲୀପ କୁମାର ପାତ୍ର(୪୭)। ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟାଣି ନେଇ ହତ୍ୟା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ୪ରୁ ୫ ଅଭିଯୁକ୍ତଙ୍କ ▸ପୃଷ୍ଠା-୭

# ୩ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ

■ **ଫୁଲବାଣୀ, ୭।୭(ସମିସ):** ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ବଡ଼ ସଫଳତା। ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ଦୁଇ ମହିଳା କ୍ୟାଡର ସମେତ ତିନିଜଣ ହାର୍ଡକୋର ମାଓବାଦୀ। ଏନେଇ ଆଜି କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଆତ୍ମସମର୍ପଣ ▸ପୃଷ୍ଠା-୭

## କ୍ୟାଡର୍ କର୍ମୀଙ୍କୁ ଦେହସୁଖ ନ ଦେଲେ ଶାରୀରିକ ଦଣ୍ଡ



■ **ଭୁବନେଶ୍ୱର,୭।୭(ସମିସ):** ନବାଗତ ମହିଳା ମାଓବାଦୀଙ୍କଠାରୁ କ୍ୟାଡ଼ର ମାଓବାଦୀ ଲୋଡ଼ୁଥିଲେ ଦେହସୁଖ। ଯେଉଁମାନେ ସେମାନଙ୍କ କଥାରେ ରାଜି ହେଉ ନ ଥିଲେ ସେମାନଙ୍କୁ ଭୀଷଣ ଶାରୀରିକ ଦଣ୍ଡ ମିଳୁଥିଲା। କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ୨ ମହିଳା ମାଓବାଦୀ ବଖାଣିଛନ୍ତି ଜଙ୍ଗଲ ଯନ୍ତ୍ରଣାର କରୁଣ କାହାଣୀ। ▸ପୃଷ୍ଠା-୭


**ଗଞ୍ଜାମରେ ଝାଡ଼ାବାନ୍ତି**

# ୨ ମୃତ, ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

■ **ବ୍ରହ୍ମପୁର/ଦିଗପହଣ୍ଡି, ୭।୭(ସମିସ):** ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ଝାଡ଼ାବାନ୍ତି ଧୀରେଧୀରେ ବ୍ୟାପିବାରେ ଲାଗିଛି। ପ୍ରଥମେ ଦିଗହପଣ୍ଡି ବ୍ଲକରୁ ଏହା ଆରମ୍ଭ ହୋଇଥିବା ବେଳେ ସମ୍ପ୍ରତି ପାତ୍ରପୁର ବ୍ଲକରେ ମଧ୍ୟ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, ଜିଲ୍ଲାର ବିଭିନ୍ନ ମେଡ଼ିକାଲରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ସମୟରେ ଲୋକେ ଚିକିତ୍ସିତ ହେଉଥିବା ମଧ୍ୟ ଜଣାଯାଇଛି। ଏଭଳି ସ୍ଥଳେ ଦିଗପହଣ୍ଡି ବ୍ଲକ ଏସ୍.ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତକାଲି ରାତିରେ ଝାଡ଼ାବାନ୍ତିରେ ଆଉ ଜଣଙ୍କର ଜୀବନ ଚାଲିଯାଇଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତିନି ଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲ୍ ପଠାଇଥିବା ଜଣାଯାଇଛି। ପାଟପୁର ପୁଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ପ୍ରକାଶ ରଇତ(୩୩)। ଗୁରୁତରମାନେ ହେଲେ, କାଳିଆ ବିଷୋୟୀ(୬୦), ନନ୍ଦିନୀ ଶବର(୩) ଓ ସୁକାନ୍ତ ଶବର (୨୫) ବୋଲି ଜଣାପଡ଼ିଛି। ସେହଭଳି ଗତ ଚାରିଦିନ ତଳେ ଗ୍ରାମର ଦାସ ଶବର (୬୦) ଏହି ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଫଳରେ ମୃତକଙ୍କ ସଂଖ୍ୟା ସମ୍ପ୍ରତି ଦୁଇରେ ପହଞ୍ଚିଛି।

ସୂଚନାନୁସାରେ, ମୃତ ପ୍ରକାଶ ରଇତ ଗତକାଲି ମଧ୍ୟାହ୍ନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଭୀଷ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ନିଆଯାଇଥିଲା। ହେଲେ ବିଳମ୍ବିତ ରାତିରେ ସେ ଅସୁସ୍ଥ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗ୍ରାମରେ ହଇଜା ବ୍ୟାପିଥିବାରୁ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ ଧ୍ୱନ ଦସ୍ତାଗିର, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍(ଏଡିଏମ୍) ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ଗଞ୍ଜାମ ଜିଲ୍ଲା ଡିପିଏମ୍ ବୁଲୁନାଥ ସାହୋଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ସିଡିପିଓ ▸ପୃଷ୍ଠା-୭


GIET UNIVERSITY
GUNUPUR - 765022, RAYAGADA, ODISHA
The Best University in Eastern India incorporated by Act 23 (2018) of Govt. of Odisha, and approval of UGC, NBA, AICTE, AIU, DSIR, INC & ICAR, New Delhi, India.
CAMPUS PLACEMENT DURING 2024-25 HIGHLIGHTS
192 + Companies
1044 + Job Offers
26.5 LPA Highest Salary Offered
5.2 LPA Average CTC
720 + Paid Internships
540 + Students With multiple job offers
B.Tech
Computer Sc. & Engg. (AI & ML, DS, IoT), Computer Sc. & Tech., Electrical & Electronics Engg., Electrical Engg., Civil Engg., Ele. & Comm. Engg., VLSI Design & Tech, Biotechnology Engg., Chemical Engg., Mechanical Engg.
AERONAUTICAL ENGINEERING
M.Tech Heat Power & Thermal Engg., Manufacturing Tech., Machine Design, Power Electronics, VLSI Design, Electronics & Comm. Engg., Computer Sc. & Engg., Structural Engg., Construction Tech. & Mgt. Biotechnology Engg., Chemical Engg., Industrial Safety Engg.
DIPLOMA CSE, EE, Mechanical & Civil
M.Sc. Agri., Phy., Chem., Math., Life Sc. & Biotech.
WE ARE A HIGH GRADE UNIVERSITY, BUT OUR FEES ARE AFFORDABLE.

ATTRACTIVE SCHOLARSHIPS TO MERITORIOUS STUDENTS AVAILABLE
We also offer
B.Sc. Ag.
MBA
BBA
MCA
BCA
B.Sc. Nursing
WE GIVE 100% GUARANTEE OF CAMPUS PLACEMENT to all students attending 90% of the classes.
8118053 001 to 009
deanadmission@giet.edu

## ବିହାରରେ ଡାହାଣୀ ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା



ପୂର୍ଣ୍ଣିୟା, ୭ ।୭ (ଏଜେନ୍ସି): ବିହାରର ପୂର୍ଣ୍ଣିୟାରେ ଗୋଟିଏ ପରିବାରର ୫ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ରବିବାର ରାତିରୁ ସମସ୍ତେ ନିଖୋଜ ଥିଲେ । ସୋମବାର ସନ୍ଧ୍ୟାରେ ସମସ୍ତଙ୍କ ମୃତଦେହ ଠାବ କରାଯାଇଛି । ଘରଠାରୁ ଦେଢ଼ କିମି ଦୂରରେ ଥିବା ଏକ ଗଡ଼ିଆରେ ମୃତଦେହଗୁଡିକ ମିଳିଛି । ମୃତଦେହଗୁଡିକ ଜଳାଇବାକୁ ଚେଷ୍ଟା କରାଯାଇଥିଲା ଓ ୮୦ ପ୍ରତିଶତ ଜଳିଯାଇଛି । ଏହି ପରିବାର ସଦସ୍ୟ ଗୁଣିଗାରେଡି ତଥା ଝଡ଼ାଫୁଙ୍କା କରୁଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି । ୩ ଦିନ ତଳେ ଗାଁରେ ଜଣେ ଛୋଟ ଝିଅ ମୃତ୍ୟୁବରଣ କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଗାଁ ଲୋକେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି । ରବିବାର ରାତି ୧୦ରେ ହଠାତ ୫୦ ଜଣ ଲୋକ ଆମ ଘରକୁ ଆସିଥିଲେ ଓ ମୋ ମାଙ୍କୁ ଡାହଣୀ କହି ବାଉଁଶରେ ପିଟିବାକୁ ଲାଗିଥିଲେ ବୋଲି ପରିବାରର ଛୋଟ ପୁଅ କହିଛି । ମାରପିଟ୍ କରିବା ପରେ ୫ ଜଣଙ୍କ ଉପରେ ଡିଜେଲ ପକାଇ ଜିଅନ୍ତା ଜଳାଇ ଦେଇଥିଲୁ ବୋଲି ଗିରଫ୍ ହୋଇଥିବା ନକୁଳ କହିଛନ୍ତି । ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ପୁଟିନଙ୍କ ଦ୍ୱାରା ବହିଷ୍କୃତ ହେବା ପରେ ପରିବହନ ମନ୍ତ୍ରୀଙ୍କ ଆତ୍ମହତ୍ୟା



ମସ୍କୋ, ୭ ।୭ (ଏଜେନ୍ସି): ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ଦ୍ୱାରା ପଦରୁ ବହିଷ୍କୃତ ହେବା ପରେ ରୁଷିଆ ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଲେଟ୍ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି । ପରିବହନ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୁର୍ନୀତି ଓ ଏ ନେଇ ଚାପକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୁଟିନ ତାଙ୍କୁ ପଦରୁ ବହିଷ୍କାର କରିଥିଲେ । ସୋମବାର ମ୍ୟାକିନିନୋ ଗାଁ ନିକଟରେ ରୋମାନଙ୍କ ମୃତଦେହ ତାଙ୍କ କାର୍‌ରେ ଦେଖିବାକୁ ମିଳିଥିଲା । ଏବେ ତାଙ୍କ ଡେପୁଟି ଆନ୍ଦ୍ରେଇ ନିକିତିନଙ୍କୁ ନୂଆ ପରିବହନ ମନ୍ତ୍ରୀ ଭାବେ ପୁଟିନ ନିଯୁକ୍ତି ଦେଇଛନ୍ତି । ରୋମାନଙ୍କୁ ୨୦୨୩ରେ ପୁରସ୍କାର ବାବଦରେ ଏହି ବନ୍ଧୁକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି ବନ୍ଧୁକରେ ହିଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଇଛି । ଏ ନେଇ ତଦନ୍ତ ଶେଷ ହୋଇ ନଥିଲେ ମଧ୍ୟ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତଦନ୍ତକାରୀ କମିଟି ତରଫରୁ କୁହାଯାଇଛି । ମସ୍କୋ ଓ ସେଣ୍ଟ ପିଟର୍ସବର୍ଗ ବିମାନବନ୍ଦରରେ ଶହଶହ ବିମାନ ଉଡାଣ ବାତିଲ ଓ ବିଳମ୍ବିତ ହେବା ଫଳରେ ରୋମାନଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା ଓ ସେ ସମାଲୋଚିତ ହୋଇଥିଲେ । ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ବିମାନ ସେବା ଓ ପରିବହନ କ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି ହୋଇଥିଲା । ଗତ ଶନିବାର ଓ ରବିବାର ପାଖାପାଖି ୪୮୫ ବିମାନ ଉଡାଣକୁ ରଦ୍ଦ କରାଯାଇଥିଲା । ୧, ୯୦୦ ଉଡାଣରେ ଅସମ୍ଭବ ପ୍ରକାର ବିଳମ୍ବ ହୋଇଥିଲା ।

# ବ୍ରିକ୍ସ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ଘୋଷଣା

## ଆମେରିକା-ବିରୋଧୀ ନୀତି ପାଇଁ ଅତିରିକ୍ତ ୧୦ % ଶୁଳ୍କ ଧାର୍ଯ୍ୟ ଧମକ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ସଂପ୍ରତି ବିଶ୍ୱରେ ପ୍ରଚଳିତ ବାଣିଜ୍ୟ ବିଶୃଙ୍ଖଳାକୁ ନେଇ ବ୍ରିକ୍ସ ଚିନ୍ତା ପ୍ରକଟ କରିଥିବା ବେଳେ ଏହି ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଧମକ ଦେଇଛନ୍ତି ଯେ ଯେଉଁ ଦେଶ ବ୍ରିକ୍ସର ଆମେରିକା-ବିରୋଧୀ ନୀତିକୁ ସମର୍ଥନ କରିବ ତା ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରାଯିବ । ଏଥିରେ ଚୀନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ବାଣିଜ୍ୟ କ୍ଷେତ୍ରରେ ଏଭଳି ଧମକ କାମ ଦେବନାହିଁ ।

ଭାରତ ସମେତ ୧୧ଟି ଦେଶକୁ ନେଇ ଗଠିତ ବ୍ରିକ୍ସ ସମ୍ମିଳନୀରେ ଟ୍ରମ୍ପଙ୍କ ବାଣିଜ୍ୟନୀତିର ତୀବ୍ର ସମାଲୋଚନା କରାଯାଇଛି । ବ୍ରିକ୍ସ ପକ୍ଷରୁ କୁହାଯାଇଛି ଯେ ଆମେରିକା ଯେଉଁଭଳି ଶୁଳ୍କ ନୀତି ଆପଣାଇଛି, ତାହା ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରିପକାଇବ । କେବଳ ଏତିକି ନୁହେଁ ଆମେରିକାର ଆଖିବୁଜା ଶୁଳ୍କ ବୃଦ୍ଧି ବାଣିଜ୍ୟ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବ । ତେବେ ବ୍ରିକ୍ସ ଘୋଷଣାନାମାରେ ଆମେରିକା କିମ୍ବା ଟ୍ରମ୍ପଙ୍କ ନାମ ନିଆଯାଇନାହିଁ । ଆମେରିକା ଓ ଟ୍ରମ୍ପଙ୍କୁ ପରୋକ୍ଷ ସମାଲୋଚନା କରି ଘୋଷଣାନାମାରେ କୁହାଯାଇଛି ଯେ ଏଭଳି ଶୁଳ୍କ ନୀତି ଆନ୍ତର୍ଜାତିକ ଅର୍ଥନୈତିକ ଓ ବାଣିଜ୍ୟ କାରବାର କ୍ଷେତ୍ରରେ ଏବେ ଠାରୁ ଅନିଶ୍ଚିତତା ସୃଷ୍ଟି କରିବା ଆରମ୍ଭ କଲାଣି । ବିଶ୍ୱ ବାଣିଜ୍ୟ ସଂଗଠନ ତତ୍ତ୍ୱାବଧାନରେ ଆପୋସ ବୁଝାମଣା ଓ ସହମତି ଜରିଆରେ ଏକ ଖୋଲା ଓ ସ୍ୱଚ୍ଛ ବାଣିଜ୍ୟ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଘୋଷଣାନାମାରେ ଆହ୍ୱାନ କରାଯାଇଛି । ଏହି ଘୋଷଣାନାମା ପ୍ରକାଶ ପାଇବା ପରେ ଟ୍ରମ୍ପ ପ୍ରତିକ୍ରିୟାଶୀଳ ହୋଇ ବ୍ରିକ୍ସ ରାଷ୍ଟ୍ରଙ୍କୁ ଶୁଳ୍କ ଧମକ ଦେଇଛନ୍ତି । କହିଛନ୍ତି ଯେ ଏଥିରେ କାହାରିକୁ ରିହାତି ମିଳିବାର ପ୍ରଶ୍ନ ଉଠୁନାହିଁ ।

### ପହଲଗାମ୍ ଓ ଇରାନ ଆକ୍ରମଣକୁ ବ୍ରିକ୍ସ ଦେଶଙ୍କ ନିନ୍ଦା

ସୂଚନାଯୋଗ୍ୟ ଯେ ୨୦୦୯ରେ ଭାରତ, ବ୍ରାଜିଲ, ରୁଷ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ହୋଇଥିବା ବ୍ରିକ୍ସରେ ଏବେ ୧୧ ଦେଶ ସଭ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଇଣ୍ଡୋନେସିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ ଏବଂ ଇଥିଓପିଆ ।

ବ୍ରାଜିଲର ରିଓ ଡି ଜାନେରିଓରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀର ଯେଉଁ ମିଳିତ ଘୋଷଣାନାମା ଜାରି କରାଯାଇଛି ସେଥିରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଇରାନ ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରାଯାଇଛି । ତେବେ ପାକିସ୍ତାନର ନାମ ନିଆଯାଇ ନାହିଁ । ଏହା ପୂର୍ବରୁ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସଦସ୍ୟ ଥିବା କ୍ୱାଡ ରାଷ୍ଟ୍ରଙ୍କ ବିଦେଶମନ୍ତ୍ରୀ ସମ୍ମିଳନୀରେ ପହଲଗାମ ଆକ୍ରମଣକୁ ନିନ୍ଦା କରାଯାଇଥିଲା । ବ୍ରିକ୍ସ ସମ୍ମିଳନୀରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ପହଲଗାମ ଆକ୍ରମଣ କେବଳ ଭାରତ ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ । ଆତଙ୍କବାଦକୁ ନିନ୍ଦା କରିବା ଆମର ସିଦ୍ଧାନ୍ତ ହେବା ଉଚିତ, କିନ୍ତୁ ଏହା ସୁବିଧା ହେବା ଅନୁଚିତ । ଏହା ସହିତ ମୋଦୀ ଏକ ନୂଆ ବିଶ୍ୱ ବ୍ୟବସ୍ଥା ପାଇଁ ଦାବି କରିଥିଲେ । ସମ୍ମିଳନୀରେ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଶବ୍ଦରେ ନିନ୍ଦା କରାଯାଇ କୁହାଯାଉଛି ଯେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବା ଉଚିତ ନୁହେଁ ।




## ଟ୍ରମ୍ପଙ୍କ କଟାକ୍ଷ; ଟ୍ରାକ୍‌ଚ୍ୟୁତ ହୋଇଗଲେଣି ମସ୍କ

ୱାସିଂଟନ, ୭।୭ (ଏଜେନ୍ସି): ଶିଳ୍ପପତି ବନ୍ଧୁ ଏଲନ ମସ୍କ ନୂଆ 'ଆମେରିକା ପାର୍ଟି'କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟାକ୍ଷ କରିଛନ୍ତି । କହିଛନ୍ତି ଯେ ଟେସ୍‌ଲା ମାଲିକ ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ଚ୍ୟୁତ ହୋଇଯାଇଛନ୍ତି । ଗତ ୫ ସପ୍ତାହ ହେଲା ସେ ଏକ ଅନିୟନ୍ତ୍ରିତ ଟ୍ରେନ ଭଳି ହୋଇ ଯାଇଛନ୍ତି । ସେ ତୃତୀୟ ରାଜନୈତିକ ଦଳ ଆରମ୍ଭ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହା କେବେ ସଫଳ ହୋଇନାହିଁ ବୋଲି ଇତିହାସ ସାକ୍ଷୀ ଅଛି । ଆମେରିକୀୟ ବ୍ୟବସ୍ଥା ଏଭଳି ଦଳ ପାଇଁ ହୋଇନାହିଁ । ତୃତୀୟ ଦଳ କେବଳ ଅବ୍ୟବସ୍ଥା ଏବଂ ଅରାଜକତା ସୃଷ୍ଟି କରିଥାଏ । ଚରମପନ୍ଥୀ ଡେମୋକ୍ରାଟ୍ସ ସୃଷ୍ଟି କରିଥିବା ଅନେକ ଅରାଜକତା ଦେଶରେ ଅଛି । ସମ୍ବିଧାନ ଅନୁଯାୟୀ ଦେଶର ଜନ୍ମିତ ନାଗରିକ ହିଁ ନିର୍ବାଚନ ଲଢ଼ିପାରିବେ । ତେଣୁ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିବାରୁ ମସ୍କ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ସେ ପ୍ରାର୍ଥୀ ଦେଇ କିଙ୍ଗମେକର ହେବାକୁ ଚାହୁଁଛନ୍ତି । ୨୦୨୬ ନଭେମ୍ବରରେ 'ହାଉସ୍ ଅଫ୍ ରିପ୍ରେଜନଟେଟିଭ୍'ର ସମସ୍ତ ୪୩୫ ଆସନ ଏବଂ ସିନେଟର ୧୦୦ରୁ ୩୪ ଆସନରେ ନିର୍ବାଚନ ହେବ । ଏଥିରୁ ଯଥାକ୍ରମେ ୮-୧୦ ଏବଂ ୩-୪ ଆସନ ଜିତି ଟ୍ରମ୍ପଙ୍କ ବିଲ୍‌କୁ ଅଟକାଇବାକୁ ମସ୍କ ଲକ୍ଷ୍ୟ ରଖିଛନ୍ତି ।

## ଭୋଟର ତାଲିକା ଯାଞ୍ଚକୁ ନେଇ ବିହାର ରାଜନୀତି ସରଗରମ


ପାଟନା, ୭।୭ (ଏଜେନ୍ସି): ବିହାର ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚକୁ ନେଇ ରାଜ୍ୟ ରାଜନୀତି ସରଗରମ । ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ଦଳଗୁଡିକ ଗୁରୁବାର ବିହାର ବନ୍ଦ ଡାକରା ଦେଇଛନ୍ତି । ଏଥିରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ 'ଭୋଟ ବନ୍ଦୀ' ନାମ ଦେଇଛନ୍ତି । ସେ ଏହାକୁ ନେଇ ସୋମବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । କହିଛନ୍ତି ଯେ ରବିବାର ଇସିଙ୍କୁ ଭେଟିଥିଲୁ, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଜବାବ ମିଳିନାହିଁ । ପାଟନାର ଇସି କୌଣସି କାମକୁ ନୁହଁନ୍ତି । ଏହା ପୋଷ୍ଟ ଅଫିସ ଭଳି । ସେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି । ଅନ୍ୟପକ୍ଷରେ ଆରଜେଡି ମୁଖ୍ୟ ଲାଲୁ ଯାଦବ କହିଛନ୍ତି ଯେ ୨ ଗୁଜରାଟୀ ମିଶି ୮ କୋଟି ବିହାରୀଙ୍କ ଭୋଟ ଅଧିକାର କ୍ଷୁର୍ଣ୍ଣ କରିବାକୁ ପ୍ରୟାସ କରୁଛନ୍ତି । ଉଭୟେ ବିହାର, ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଘୃଣା କରୁଛନ୍ତି । ସତର୍କ ହୋଇ ସ୍ୱର ଉଠାଇବାକୁ ଏବଂ ଗଣତନ୍ତ୍ର ବଞ୍ଚାଇବାକୁ ଲାଲୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ।

## ଶଯ୍ୟାଶାୟୀ ପତିଙ୍କୁ ହତ୍ୟା କଲେ ପତ୍ନୀ ଓ ପ୍ରେମିକ

ନାଗପୁର, ୭ ।୭ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଜଣେ ଶଯ୍ୟାଶାୟୀ ପତିଙ୍କ ମୁହଁରେ ତକିଆ ମାଡ଼ି ତାଙ୍କ ପତ୍ନୀ ଓ ପ୍ରେମିକ ହତ୍ୟା କରିଛନ୍ତି । ଦୁହେଁ ପୁଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି । ୧୩ ବର୍ଷ ତଳେ ଚନ୍ଦ୍ରସେନ ରାମଟେକ ଓ ଦିଶା ରାମଟେକ ବିବାହ କରିଥିଲେ । ଉଭୟଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପାଖାପାଖି ଦୁଇବର୍ଷ ପୂର୍ବେ ଚନ୍ଦ୍ରସେନ୍ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ହୋଇଥିଲେ । ଦୁଇମାସ ତଳେ ଦୀଶା ଜଣେ ମେକାନିକ୍ ଆସିଫ୍ ଇସଲାମ ଅନସାରୀ ଉଫ୍‌ର୍ ରାଜାବାବୁ ତିରେୱାଲାଙ୍କ ସହ ପରିଚିତ ହୋଇଥିଲା ଓ ପରେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ପତି ଦୀଶା ଓ ଆସିଫ୍‌ଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ଜାଣି ପାରିଥିଲେ । ଏ ନେଇ ପତି ଓ ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଦିଶା ଏଭଳି ଚରମ ପଦକ୍ଷେପ ନେଇଥିଲେ ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏତଲା ରୁଜୁ ହେବା ଆବଶ୍ୟକ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୭ ।୭ (ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରେ ମିଳିଥିବା ଅଧାଜଳା ନଗଦ ଟଙ୍କା ମାମଲାରେ ତୁରନ୍ତ ଏତଲା ରୁଜୁ କରିବା ଜରୁରୀ ବୋଲି କହିଛନ୍ତି । ଏହି ମାମଲା ନିହାତି ଚିନ୍ତାଜନକ । ଏହା ଆମ ନ୍ୟାୟିକ ବ୍ୟବସ୍ଥାକୁ ଦୋହାଲାଇ ଦେବା ଭଳି ସ୍ଥିତି ସୃଷ୍ଟି କରିଛି । ଏହି ମାମଲାର ମୂଳକୁ ଯିବା ଆବଶ୍ୟକ । ନଗଦ ଟଙ୍କା କେଉଁଠୁ ଆସିଲା ତାହା ଜାଣିବା ନିହାତି ଜରୁରୀ । କିନ୍ତୁ ଏହି ମାମଲାରେ କେନ୍ଦ୍ର ସରକାର ନାଚାର । ୯୦ ଦଶକରେ ସୁପ୍ରିମକୋର୍ଟଙ୍କ ଆଦେଶ କାରଣରୁ କୌଣସି ବିଚାରପତି ଉପରେ ଏତଲା ଦାଏର କରାଯାଇପାରିବ ନାହିଁ ବୋଲି ନ୍ୟାସନାଲ ଆଡଭାନ୍ସ ଲିଗାଲ ଷ୍ଟଡିଜ୍ (ଏନ୍‌ୟୁଏଏଲ୍‌ଏସ୍) ବିଶ୍ୱବିଦ୍ୟାଳୟର ସେମିନାରେ ଯୋଗ ଦେଇ ଧନଖଡ଼ ଏହା କହିଛନ୍ତି ।



### ଏନ୍‌ଆଇଏ ଜେରାରେ ସତ ମାନିଲା ତହବୁର

## ୨୬/୧୧ ଆକ୍ରମଣ ସମୟରେ ମୁମ୍ବାଇରେ ଥିଲା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ୨୦୦୮ରୁ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ଆତଙ୍କବାଦୀ ତହବୁର ରାଣା ମୁମ୍ବାଇରେ ଥିଲା । ସେ ପାକିସ୍ତାନ ସେନାର ଏଜେଣ୍ଟ ଭାବେ ମଧ୍ୟ କାମ କରୁଥିଲା । ଆତଙ୍କବାଦୀ ଡେଭିଡ କୋଲମାନ ହେଡଲି ସହ ସେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଶିବିରରେ ପ୍ରଶିକ୍ଷଣ ନେଇଥିଲା । ଏହି ଲସ୍କର ଏକ ଆତଙ୍କବାଦୀ ନେଟୱର୍କ ଭଳି କାମ କରୁଥିଲା । ଏନ୍‌ଆଇଏ ଜେରା ସମୟରେ ଆତଙ୍କବାଦୀ ତହବୁର ରାଣା ଏହା ସ୍ୱୀକାର କରିଛି । ଏହି ଜେରାରେ ସାମିଲ ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ଏବେ ରାଣାକୁ ଗିରଫ କରି ରିମାଣ୍ଡରେ ନେବାକୁ ପ୍ରସ୍ତୁତି କରୁଛି । ଏବେ ସେ ନ୍ୟାୟିକ ହେପାଜତରେ ରହିଛି । ଦିଲ୍ଲୀର ଅଦାଲତ ଏହି ସମୟସୀମାକୁ ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି । ୨୦୦୯ ଅକ୍ଟୋବରରେ ଆମେରିକା ଏଜେନ୍ସି ଏଫ୍‌ବିଆଇ ରାଣାକୁ ଚିକାଗୋରୁ ଗିରଫ କରିଥିଲା । ତାକୁ ଗତ ଏପ୍ରିଲ ୧୦ ତାରିଖରେ ପ୍ରତ୍ୟର୍ପଣ କରି ଆମେରିକାରୁ ଭାରତ ଅଣା ଯାଇଥିଲା ।

### ପାକିସ୍ତାନର ଏଜେଣ୍ଟ ଥିଲା; ହେଡଲି ସହ ନେଇଥିଲା ପ୍ରଶିକ୍ଷଣ

ଜେରା ସମୟରେ ରାଣା କହିଥିଲା ଯେ ସେ ଯୋଜନା କରି ମୁମ୍ବାଇରେ ନିଜ କମ୍ପାନୀ ନାମରେ ଇମିଗ୍ରେସନ୍ ସେଣ୍ଟର ଖୋଲିଥିଲେ । ଆକ୍ରମଣର ପ୍ରସ୍ତୁତି ପାଇଁ ସ୍ଥାନ ଏବଂ ସୁବିଧା ଉପଲବ୍ଧ କରିବାକୁ ସେ ଏପରି କରିଥିଲା । ସେଠାରେ ହୋଇଥିବା କାରବାରକୁ ବ୍ୟବସାୟିକ ଖର୍ଚ୍ଚରେ ଦର୍ଶା ଯାଇଥିଲା । ସେ ହେଡଲିକୁ ମୁମ୍ବାଇରେ ଫାଷ୍ଟ ୱାର୍ଲ୍ଡ ନାମରେ ଅଫିସ ଖୋଲିବା ପାଇଁ ମଧ୍ୟ ସହଯୋଗ କରିଥିଲା । ନିଜ ଆତଙ୍କବାଦୀ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ହେଡଲି ଏହାକୁ ବ୍ୟବହାର କରିଥିଲା । ରାଣା ନିଜେ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ସ୍ଥାନଗୁଡ଼ିକର ରେକି କରିଥିଲେ ବୋଲି ସ୍ୱୀକାର କରିଛି । ରିପୋର୍ଟ ଅନୁଯାୟୀ ରାଣା କହିଛି ଯେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ମିଶି ୨୬/୧୧ ଆକ୍ରମଣ କରିଥିଲା । ଉପସାଗରୀୟ ଦେଶରେ ଯୁଦ୍ଧ ସମୟରେ ତାକୁ ପାକ୍ ସେନା ସାଉଦି ଆରବ ପଠାଇ ଥିଲା ବୋଲି ସେ ସ୍ୱୀକାର କରିଛି ।



## ବିବାଦରେ ୟୁଟ୍ୟୁବର ଜ୍ୟୋତିଙ୍କ କେରଳ ଗସ୍ତ

ହିସାର, ୭ ।୭ (ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହିସାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୁଣି ଜେଲ୍‌କୁ ପଠାଇ ଦିଆଯାଇଛି । ସୋମବାର ଷଷ୍ଠଥର ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । କିନ୍ତୁ କୋର୍ଟ ତାଙ୍କୁ ପୁଣିଥରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି । ଉଲ୍ଲେଖଥାଉ କି, ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହି ଅବସରରେ ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରି ସେନା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନକୁ ସେୟାର କରିବା ଅଭିଯୋଗରେ ଗିରଫ ହୋଇଥିଲେ ।

ସେପଟେ ଜ୍ୟୋତିଙ୍କୁ ନେଇ ନୂଆ ଖୁଲାସା ହୋଇଛି । ଆରଟିଆଇ ଦ୍ୱାରା ଦାଏର କରାଯାଇଥିବା ଏକ ଆବେଦନର ଜବାବ ଦେବା ଅବସରରେ ଜ୍ୟୋତି କେରଳ ଗସ୍ତ କରିଥିଲେ ବୋଲି କୁହାଯାଇଛି ଓ ଏ ନେଇ ବିବାଦ ସୃଷ୍ଟି ହୋଇଛି । କେରଳ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଯାଇଥିଲେ । ଜ୍ୟୋତିଙ୍କ ସମେତ ଏକାଧିକ ବ୍ଲଗର୍ସଙ୍କୁ କେରଳ ଡକାଯାଇଥିଲା ବୋଲି କେରଳ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ମହମ୍ମଦ ରିୟାଜ୍ କହିଛନ୍ତି । କେରଳ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି । ଏହି ଗସ୍ତରେ ଜ୍ୟୋତି କୋଚି, କୁନ୍ନୁର, କୋଝିକୋଡ, ଅଲପୁଝା, ମୁନ୍ନାର ଓ ତିରୁଅନନ୍ତପୁରମ ଯାତ୍ରା କରିଥିଲେ । ଏହି ଅବସରରେ ସେ ଭିଡିଓ ବନାଇ ୨୦୨୫ ଜାନୁୟାରୀ ୩୧ରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଅପଲୋଡ କରିଥିଲେ । ତାଙ୍କ ସବୁ ଖର୍ଚ୍ଚ କେରଳ ସରକାର ବହନ କରିଥିଲେ । ଏ ନେଇ ବିଜେପି କେରଳ ସରକାରଙ୍କୁ ସମାଲୋଚନା କରିଛନ୍ତି । ଜ୍ୟୋତି ମହଙ୍ଗା ହୋଟେଲ ଓ ହାଉସ୍ ବୋଟ୍‌ରେ ରହିଥିଲେ ବୋଲି ଅଭିଯୋଗ ହୋଇଛି ।

# ସହିପାରୁ ନାହାନ୍ତି ଚୀନ୍, ପାକିସ୍ତାନ

### ଜାଲିଆତି କରି ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି

ପ୍ୟାରିସ, ୭।୭ (ଏଜେନ୍ସି): କ୍ରମାଗତ ଭାବେ ପାକିସ୍ତାନ ଏବଂ ଚୀନ୍ ଭାରତ ବିରୋଧୀ ଚକ୍ରାନ୍ତ କରି ଚାଲିଛନ୍ତି । 'ଅପରେସନ ସିନ୍ଦୂର' ଅଧିନରେ ଘମାଘୋଟ ଆକ୍ରମଣକୁ ଦେଖି ଅସ୍ତ୍ରବିରତି ପାଇଁ ଆମେରିକାର ଶରଣ ପଶି ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ଚୀନ୍ ସହି ମିଶି ଭାରତ ବିରୋଧରେ ଅପପ୍ରଚାର ଚଳାଇଛି । ଚୀନ ଏବଂ ତୁର୍କୀର ସହାୟତା ନେଇ ବି ଭାରତ ସହ ୪ ଦିନିଆ ସଂଘର୍ଷରେ ହାର ମାନିଥିବା ଇସ୍‌ଲାମାବାଦ ଜମାରୁ ସୁଧୁରିବାର ନା ଧରୁନି । ଏହି ଯୁଦ୍ଧରେ ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ବଡ଼ ଝଟ୍‌କା ଲାଗିଥିଲା । ଯୁଦ୍ଧରେ ଚୀନ୍ ସମସ୍ତ ସହାୟତା ଦେଇଥିବା ସତ୍ତ୍ୱେ ପାକିସ୍ତାନ ମୁହଁ ମାଡ଼ି ପଡ଼ିଥିଲା । ଏହି ଝଟ୍‌କାକୁ ଚୀନ୍ ଏବଂ ପାକିସ୍ତାନ ସହି ପାରୁନାହାନ୍ତି । ତେଣୁ ଜାଲିଆତି କରି ରାଫେଲ ଲଢୁଆ ବିମାନକୁ ନେଇ ଭାରତ ଏବଂ ଫ୍ରାନ୍ସ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରୁଛନ୍ତି । ରାଫେଲର କ୍ଷମତା ଉପରେ ପ୍ରଶ୍ନ ଉଠାଉଛନ୍ତି । ପାକିସ୍ତାନ ସାମାଜିକ ଗଣମାଧ୍ୟମରେ ଏବଂ ବିଭିନ୍ନ ଦେଶରେ ଥିବା ନିଜ ଦୂତାବାସଙ୍କୁ ଚୀନ୍ ବ୍ୟବହାର କରି ଏପରି କରୁଛି । ଏହି ଷଡ଼ଯନ୍ତ୍ର ପାଇଁ ଅପରେସନ ସିନ୍ଦୂରର ଏଆଇ ଫଟୋକୁ ବ୍ୟବହାର କରାଯାଉଛି । ପାକିସ୍ତାନର ଗୁମରକୁ ଭାରତ ଏବଂ ଫ୍ରାନ୍ସର ମିଲିଟାରୀ ଓ ସିକ୍ରେଟ ଅଧିକାରୀମାନେ ଚୀନ୍‌ର ମୁଖା ଖୋଲି ଦେଇଛନ୍ତି ।

ଅନେକ ପାକିସ୍ତାନୀ ସାମାଜିକ ଗଣମାଧ୍ୟମ ସାଇଟରେ ଭାରତର ତିନୋଟି ରାଫେଲ ସହିତ ୫ଟି ଯୁଦ୍ଧ ବିମାନ ଉଡ଼ାଇଥିବା ଦାବି କରାଯାଇଥିଲା । ଏଥିରେ ଭାରତୀୟ ବାୟୁସେନାର ୪ ପାଇଲଟ ପ୍ରାଣ ହରାଇଥିବା କୁହାଯାଇଥିଲା । ଏମାନଙ୍କ ମଧ୍ୟରେ ରାଫେଲର ତିନି ପାଇଲଟ ଥିବା ଭାରତ ସରକାର ସ୍ୱୀକାର କରିଛନ୍ତି ବୋଲି କୁହାଯାଇଥିଲା । ତେବେ ଭାରତ ସରକାର ଏହାକୁ ଖଣ୍ଡନ କରିଦେଇଛନ୍ତି । ଏହି ଦାବିର କୌଣସି ସତ୍ୟତା ନାହିଁ ବୋଲି ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ ଚେକ୍ ୟୁନିଟ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସମ୍ପୂର୍ଣ୍ଣ ମିଥ୍ୟା ଦାବି କରୁଛି । ଏଭଳି ଖବରକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ କୁହାଯାଇଛି । ସରକାରଙ୍କ ପକ୍ଷରୁ ଏଭଳି କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।

## ପାକିସ୍ତାନରେ ସାମରିକ ବିଦ୍ରୋହକୁ ନେଇ ଚର୍ଚ୍ଚା

### ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରିବେ ଜେନେରାଲ ମୁନୀର!

ଇସଲାମାବାଦ, ୭।୭: ପାକିସ୍ତାନରେ ଯେକୌଣସି ମୁହୂର୍ତ୍ତରେ ହୋଇପାରେ ସାମରିକ ବିଦ୍ରୋହ । ରାଷ୍ଟ୍ରପତି ଆସିଫ ଅଲୀ ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରାଯିବ । ତାଙ୍କ ସ୍ଥାନରେ ରାଷ୍ଟ୍ରପତି ହେବେ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର । ପାକିସ୍ତାନ ଗଣମାଧ୍ୟମରେ ଆଜି ଦିନ ତମାମ ଏଭଳି ଜୋରଦାର ଚର୍ଚ୍ଚା ଚାଲିଛି । ରାଜନୈତିକ ବାତାବରଣ ମଧ୍ୟ ବେଶ ସରଗରମ ରହିଛି । କିନ୍ତୁ ସେନା କିମ୍ବା ସରକାର ଏସଂପର୍କରେ ମୁହଁ ଖୋଲୁନଥିବାରୁ ସାମରିକ ବିଦ୍ରୋହ ପାଇଁ ପରଦା ପଛରେ ପ୍ରସ୍ତୁତି ଚାଲିଥିବା କୁହାଯାଉଛି ।

ପାକିସ୍ତାନ ।ାରେ ସେନା ଅଧକ୍ଷ ଜେନେରାଲ ମୁନୀରଙ୍କ ଦବ୍‌ଦବା ଗତ କିଛି ମାସ ହେଲା ବଢ଼ି ବଢ଼ି ଚାଲିଛି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତରବରିଆ ଭାବେ ଯେଉଁଭଳି ମୁନୀରଙ୍କୁ ଫିଲ୍ଡ ମାର୍ଶଲ ଘୋଷଣା କଲେ, ସେଥିରୁ ସ୍ପଷ୍ଟ ସୂଚନା ମିଳୁଥିଲା ଯେ ସରିଫ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନିଜର ପଦବୀ ବଞ୍ଚାଇବା ଲାଗି ମୁନୀରଙ୍କୁ ପଦୋନ୍ନତି ଦେଇଥିଲେ । ପାକିସ୍ତାନ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ସାମରିକ ବିଦ୍ରୋହ ହେଲେ ସରିଫ ବି ବଳିପଡ଼ିବେ ।

ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କ ସହିତ ଜେନେରାଲ ମୁନୀରଙ୍କ ସଂପର୍କ ଗତ କିଛି ଦିନ ଧରି ତିକ୍ତ ହେବାରେ ଲାଗିଛି । ଏହାର କାରଣ କଣ ତାହା ଜଣାପଡ଼ି ନଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ପୁଅ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ଏକ ବିବାଦୀୟ ବୟାନ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ ଦେଇ ଜେନେରାଲ ମୁନୀରଙ୍କର କଡ଼ା ସମାଲୋଚନା କରିଥିଲେ ଭୁଟ୍ଟୋ । କେବଳ ଏତିକି ନୁହେଁ ମୁନୀରଙ୍କ ଛତ୍ରଛାୟାରେ ରହିଥିବା ଦୁଇ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ହାଫିଜ ସୟୀଦ ଏବଂ ମସୁଦ ଆଝାରଙ୍କୁ ଭାରତକୁ ହସ୍ତାନ୍ତର କରିବା ସପକ୍ଷରେ ସେ ଯୁକ୍ତି କରିଥିଲେ । ତାଙ୍କର ଏହି ବୟାନ ପାକିସ୍ତାନ ମୌଳବାଦୀଙ୍କ ଭିତରେ ନିଆଁ ଲଗାଇଦେଇଛି । ମୁନୀର ବି କ୍ଷୁବ୍ଧ । ଭୁଟ୍ଟୋ ମୁନୀରଙ୍କୁ ଯେଉଁଭଳି ପ୍ରହାର କରିଛନ୍ତି, ସେଥିରୁ ସାମରିକ ବିଦ୍ରୋହର ଆଭାସ ମିଳୁଥିବା କୁହାଯାଉଛି ।

## ମହାରାଷ୍ଟ୍ରରେ ଉଗ୍ର ହେଉଛି ଭାଷା ବିବାଦ

ମୁମ୍ବାଇ, ୭।୭ (ଏଜେନ୍ସି): ମୁମ୍ବାଇର ସ୍ଥାନୀୟ ପୌର ନିର୍ବାଚନ ପୂର୍ବରୁ ମରାଠୀକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟି ଗଲାଣି । ଏମଏନଏସ ନେତା ହିନ୍ଦୀ ଭାଷଭାଷୀ ଲୋକଙ୍କ ସହ ମାର୍‌ପିଟ୍ କରୁଛନ୍ତି । ଏହା ମଧ୍ୟରେ ଏମଏନଏସ ଉପାଧକ୍ଷ ଜାଭେଦ ଶେଖ୍‌ଙ୍କ ପୁଅ ରାହିଲ ଅର୍ଦ୍ଧନଗ୍ନ ଅବସ୍ଥାରେ ଗାଡ଼ି ଚଲାଇ ନେଲ୍ ଆର୍ଟିଷ୍ଟ ରାଜଶ୍ରୀ ମୋରଙ୍କ କାର୍‌କୁ ଧକ୍କା ଦେବା ସହିତ ଧମକ ଦେଇଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ମନ୍ତ୍ରୀ ଆଶୀଷ ସେଲାର ମୁମ୍ବାଇରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ତୁଳନା କରିଛନ୍ତି । କିଛି ନେତା ହିନ୍ଦୁଙ୍କ ସହ ହେଉଥିବା ମାର୍‌ପିଟର ଆନନ୍ଦ ନେଉଛନ୍ତି । ମରାଠୀ ନ କହିବାରୁ ମିଠା ଦୋକାନ ମାଲିକଙ୍କୁ ଏମଏନଏସ କର୍ମୀ ମାଡ଼ ଏବଂ ନିବେଶକ ସୁଶୀଲ କେଡିଆଙ୍କ ଘର ଭଙ୍ଗାଯିବା ପରେ ମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ କିଛି ଦିନ ତଳେ ରାଜ୍ ଠାକରେ ଦେଇଥିବା ଟିପ୍ପଣୀକୁ ସମାଲୋଚନା କରି ଏହା ଦାଦାଗିରିକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି । ଉତ୍ତର ପ୍ରଦେଶର ଜଣେ ପୂର୍ବତନ କମାଣ୍ଡୋ ପ୍ରବୀଣ କୁମାର ତେଓତିଆ କହିଛନ୍ତି ଯେ ୨୬/୧୧ ଆକ୍ରମଣ ବେଳେ ମୁଁ ଲୋକଙ୍କ ଜୀବନ ବଞ୍ଚାଇ ଥିଲି । ସେତେବେଳେ ଏମଏନଏସ କର୍ମୀ କୁଆଡେ ଚାଲି ଯାଇଥିଲେ?

### ଠାକରେଙ୍କୁ ନିଶିକାନ୍ତ ଦୁବେଙ୍କ ଧମକ

ଏବେ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାଜ ଠାକେରଙ୍କୁ ଧମକ ଦେଇ କହିଛନ୍ତି ଯେ ଯଦି ନିଜ ରାଜ୍ୟରେ ତୁମେ ନିଜକୁ ବହୁତ ବଡ଼ ବସ୍ ଭାବୁଚ ତେବେ ବିହାର, ଉତ୍ତର ପ୍ରଦେଶ, ତାମିଲନାଡୁ ଆସ । ସେଠାରେ ତୁମକୁ ବୁଲାଇ ବୁଲାଇ ମାଡ଼ ମାରିବୁ ।

# ଆଜି ଦାରୁଦିଅଁଙ୍କ ରତ୍ନବେଦୀ ବିଜେ



## ଅପରାହ୍ଣ ୪ଟାରୁ ପହଣ୍ଡି ଆରମ୍ଭ

ପୁରୀ,୭।୭ (ସମିସ): ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁର ସୁନାବେଶରେ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ସୋମବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ମଙ୍ଗଳବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏହାସହ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବୁଧବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳିଚହଳି। ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ୍ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ଣ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

# ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

ପୁରୀ,୭।୭ (ସମିସ): ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି,

## ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥା'ନ୍ତି। ପରେ ଗୋଟିପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥା'ନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥା'ନ୍ତି।

ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାର ଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥା'ନ୍ତି। ପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ।

# ଡ୍ରାଇଭର୍‌ଙ୍କ ଷ୍ଟିୟରିଂ ଛାଡ଼ ଆଜି

## ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବେ ଗାଡ଼ି ଚାଳକ

ଭୁବନେଶ୍ୱର, ୭।୭ (ସମିସ): ୭ ଦଫା ଦାବି ନେଇ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଙ୍ଘ। ଦାବି ପୂରଣ ନହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମାସେ

### ୭ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଡକରା

ତଳେ ମହାସଂଘ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ଉକ୍ତ ଦାବି ପୂରଣ ହୋଇନଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଗାଡ଼ି ଚାଳକମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଆନ୍ଦୋଳନ ଡାକରାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଛି। ତେଣୁ ସାରା ରାଜ୍ୟରେ ଏହି ଆନ୍ଦୋଳନର ଜୋରଦାର୍ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭର୍‌ମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର୍ ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉ କି ମହାସଂଘର ଦାବିଗୁଡ଼ିକ ହେଲା, ଡ୍ରାଇଭର୍ ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂସ୍ଥଳ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଇତ୍ୟାଦି।

# ଲଘୁଚାପ ବର୍ଷା ଜାରି

# ଆଜି ମୁଣ୍ଡଳୀରୁ ବନ୍ୟା ଜଳ

ଭୁବନେଶ୍ୱର,୭।୭ (ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ଲଘୁଚାପ କ୍ଷେତ୍ରଟି ଆଗାମୀ ୨ ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ସମେତ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗିରହିଥିବା ବର୍ଷା ସ୍ଥିତି ଯୋଗୁଁ ବର୍ତ୍ତମାନ ଅଧିକାଂଶ ନଦୀର ଜଳସ୍ତର ଅଧିକ ରହିଛି। ବିଶେଷକରି ଉତ୍ତର ଓଡ଼ିଶା ମଧ୍ୟ ଦେଇ ଯାଇଥିବା ନଦୀଗୁଡ଼ିକର ଜଳସ୍ତର ଅଧିକ ରହିଥିବା ବେଳେ ମଙ୍ଗଳବାର ମହାନଦୀରେ ମୁଣ୍ଡଳୀଠାରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବାକୁ ଯାଉଛି।

ତେବେ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୌଣସି ନଦୀର ଜଳସ୍ତର ବର୍ତ୍ତମାନ ବିପଦ ସଙ୍କେତ ଉପରେ ନାହିଁ। ଅତ୍ୟଧିକ ବର୍ଷା ଯୋଗୁଁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ କିଛି କ୍ଷୟକ୍ଷତି ହୋଇଛି। ରିପୋର୍ଟ ଆସିଲେ କ୍ଷତିପୂରଣ ପ୍ରଦାନ କରାଯିବ। ତଳି ଅଞ୍ଚଳରେ ବର୍ଷା ପାଣି ରହିଛି, କିନ୍ତୁ କେଉଁଠି ବି ବନ୍ୟା ପାଣି ପଶିନାହିଁ। ଏହାସତ୍ତ୍ୱେ ଜିଲ୍ଲାପାଳମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରହିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ଯଦି ବନ୍ୟା ସ୍ଥିତି ଉପୁଜେ ତେବେ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ହୀରାକୁଦରେ ଏବେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳୀରେ ଏହି ବନ୍ୟାଜଳ ପହଁଚିବ। ମୁଣ୍ଡଳୀଠାରେ ୪.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ। ଆଗାମୀ ଦିନରେ ବର୍ଷା ଅଧିକ ହେଲେ ଅଧିକ ଗେଟ୍ ଖୋଲା ହେବାର ଆଶଙ୍କା ରହିଛି।

# ବଜ୍ରପାତରେ ଟଳିପଡ଼ିଲେ ୩ ଚାଷୀ

ଭଦ୍ରକ/ତିହିଡ଼ି/ଖଇରା/ସିମୁଳିଆ, ୭।୭ (ସମିସ): ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆଜି ବଜ୍ରପାତରେ ୨ଭାଇଙ୍କ ସମେତ ୩ଚାଷୀଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ତିହିଡ଼ି ବ୍ଲକ୍ ଅନ୍ତର୍ଗତ ହରସିଂପୁର ପଞ୍ଚାୟତର ଚଣ୍ଡୀସାହି ଗାଁର ମଦନ ମହାରଣା (୬୦) ଓ ହୃଦାନନ୍ଦ ମହାରଣା (୫୫) ଏବଂ ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବ ଚାଷୀ ଚନ୍ଦ୍ରକାନ୍ତ ପଣ୍ଡା (୨୫)। ସେହିପରି ଅନ୍ୟ ଜଣେ ଚାଷୀ ଗିରିଧାରୀ ମହାଳିକ ଗୁରୁତର ଆହତ ହୋଇଛନ୍ତି।



ସୂଚନାନୁଯାୟୀ, ମଦନ ଓ ହୃଦାନନ୍ଦ ଦୁଇଭାଇ। ସେମାନେ ଆଜି ମଧ୍ୟାହ୍ନରେ ଗିରିଧାରୀଙ୍କ ସହ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେମାନେ ନିକଟରେ ଥିବା କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ତେବେ ସୌଭାଗ୍ୟକୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ୨ ଜଣ ବ୍ୟକ୍ତି ମେଘୁଆ ମହାଳିକ, ଜୟଦେବ ମହାରଣା ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତରମାନଙ୍କୁ ତୁରନ୍ତ ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପ୍ରଦେଶ ସେବା ସଙ୍ଗଠନର କର୍ମକର୍ତ୍ତା ମୃତାହତଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବଚାଷୀ ଚନ୍ଦ୍ରକାନ୍ତ ଆଜି ଅପରାହ୍ଣରେ ବିଲରେ ହଳ କରାଉଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ପରିବାରଲୋକ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରକାନ୍ତଙ୍କ ଆକସ୍ମିକ ମୃତ୍ୟୁରେ ସମଗ୍ର କୁରୁଣ୍ଟା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୭।୭ (ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ଦଳ। ସୋମବାର ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ; ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଏହା ପୂର୍ବରୁ ଡଃ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜିକୃତ ହୋଇଛି।



- ବିଧାୟକଙ୍କ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
- ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ, ରାଜ୍ୟ ସରକାର ଆଦୌ ତତ୍ପର ନୁହନ୍ତି
- ଏକ ବର୍ଷ ହେଲା ଖାଲି ପଡ଼ିଛି ରାଜ୍ୟ ମହିଳା କମିସନ ପଦବୀ

ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ ଅଫିସକୁ ଯାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏ ନେଇ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଶ୍ରୀମତୀ ସାହୁ କହିଥିଲେ ଯେ ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧିକ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପୂରଣ ହୋଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଅଛନ୍ତି। କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି। ଗତ ଏକ ବର୍ଷ ହେଲାଣି ରାଜ୍ୟ ମହିଳା କମିସନ ପଦ ଖାଲି ପଡିଛି। ମହିଳା କମିସନ କାର୍ଯ୍ୟାଳୟରେ ସମ୍ପାଦକ ମଧ୍ୟ ନାହାନ୍ତି। ତେଣୁ ଆଜି ଭାରପ୍ରାପ୍ତ ସମ୍ପାଦକଙ୍କୁ ସ୍ମାରକପତ୍ର ଦିଆଯାଇଛି। ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶା ରହିଛି। ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ, ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ।

ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଇଲା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ।

# ଏଟିଏମ୍ କାଟି ଲୁଟିନେଲେ ୧୭ ଲକ୍ଷ

ସୋର, ୭।୭ (ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତର ଯୋଡ଼ାମ୍ବ ଛକରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି। ଖବର ପାଇ ଆଜି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତମାନେ କଳା ରଙ୍ଗ ସ୍ପ୍ରେ' କରିଦେଇଥିବାରୁ ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଧରିବା ପୁଲିସ୍ ପାଇଁ ଆହ୍ୱାନ ହୋଇଛି। ସୂଚନାନୁଯାୟୀ, ଏହି ଏସ୍‌ବିଆଇ ଏଟିଏମ୍‌ଟି ଏକ ଭଡ଼ା ଘରେ ଚାଲିଛି। ଗତ ବିଳମ୍ବିତ ରାତିରେ ୫ରୁ ୬ଜଣ ଦୁର୍ବୃତ୍ତ ଏଟିଏମ୍‌ରୁ ଟଙ୍କା ଲୁଟ୍ ପାଇଁ ଆସିଥିଲେ। ପ୍ରଥମେ ସେମାନେ ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ କଳାରଙ୍ଗ ସ୍ପ୍ରେ' କରି ଦେଇଥିଲେ। ପରେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ଟଙ୍କା ଲୁଟ୍ କରିଥିଲେ।

# ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର,୭।୭ (ସମିସ): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଫେସର ଡା. ସୁଚିତ୍ର ଦାସଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଅଧୀକ୍ଷକ, ପ୍ରଫେସର ଡା. ହରେକ୍ରୀଷ୍ଣ ଦଳେଇଙ୍କୁ ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍, କୋରାପୁଟ୍ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ଗୀତା ସାହୁଙ୍କୁ ଜିଏମ୍‌ସି ସୁନ୍ଦରଗଡ଼ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ବି. ଦାସଙ୍କୁ ବିବି ଏମ୍‌ସିଏଚ୍, ବଲାଙ୍ଗିରର ଅଧୀକ୍ଷକ ଏବଂ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହାଣୀଙ୍କୁ ଜିଏମ୍‌ସିଏଚ୍, ସୁନ୍ଦରଗଡ଼ର ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ସୁଭ୍ରା ଘୋଷଙ୍କ ବଦଳିକୁ ରଦ୍ଦ କରାଯାଇ ଓଆଣ୍ଡଜି, ଏସ୍‌ସିବି ଏମ୍‌ସିଏଚ୍‌ର କଟକରେ ପ୍ରଫେସର ଭାବେ ନିଯୁକ୍ତ ଦିଆଯାଇଛି। ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ମଧ୍ୟ ପ୍ରଫେସର ସାଇକ୍ଆଟ୍ରିକ୍ ଭାବେ ଅବସ୍ଥାପିତ ରହିବେ। ପ୍ରଫେସର ଡା. ବ୍ରଜ କିଶୋର ଦାସଙ୍କୁ ପିଆର୍‌ଏମ୍ ଏମ୍‌ସିଏଚ୍, ବାରିପଦାରେ ପ୍ରଫେସର ଏଫ୍‌ଏମ୍‌ଟି, ଭାବେ ନିଯୁକ୍ତି ଦିଆଯାଇଛି।

# ଆସୁଛନ୍ତି ରାହୁଲ ଗାନ୍ଧୀ

## ଗସ୍ତ ସଫଳ ପାଇଁ ପୁରୀ କଂଗ୍ରେସର ପ୍ରସ୍ତୁତି

ପୁରୀ,୭।୭ (ସମିସ): ଆସନ୍ତା ୧୧ ତାରିଖରେ କେନ୍ଦ୍ର ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଓ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୋମବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ପରିସରରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଓଡ଼ିଶାର ମହିଳା, ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ସେହିପରି ରଥଯାତ୍ରାରେ ଘଟିଥିବା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭାରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶମୂଳକ ବ୍ୟବହାର ସମ୍ପର୍କରେ କହିଥିଲେ। ଦଳର ସମସ୍ତ କର୍ମୀଙ୍କୁ କଂଗ୍ରେସ କରିଥିବା ଉନ୍ନତିକରଣ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର, ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ବିଧାୟକ ପ୍ରାର୍ଥୀମାନେ ନିଜର ଅଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଉତ୍ତମ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନୀଳମଣି ପ୍ରଧାନ, ବିଶ୍ୱଭୂଷଣ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବିରୋଧୀ ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

# ସନ୍ତୋଷଙ୍କୁ ନେଇ ବିଜେପିରେ ଅସନ୍ତୋଷ

ଭୁବନେଶ୍ୱର,୭।୭ (ସମିସ): ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ନାକେଦମ୍ ବିଜେପିକୁ ଏବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅକଳରେ ପକାଇଛନ୍ତି। ଶାସକ ବିଜେପିର ଶ୍ରୀ ଖଟୁଆଙ୍କ ରୁଚିହୀନ ଓ ଅଶାଳୀନ ମନ୍ତବ୍ୟ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ରାଜ୍ୟରେ ମୋହନ ସରକାର ଏଥିପାଇଁ ଅପଦସ୍ତ ହୋଇଛନ୍ତି ଓ କେନ୍ଦ୍ରରେ ବିଜେପି ସରକାରକୁ ବିରୋଧୀ ଅକଳରେ ପକାଇଛନ୍ତି। ଏପରିକି ଆଗାମୀ ମୌସୁମୀ ଅଧିବେଶନ ପ୍ରସଙ୍ଗରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସହଯୋଗୀମାନେ ଏହାକୁ ପ୍ରସଙ୍ଗ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବିଜେପିର ନିଦ ଭାଙ୍ଗୁ ନାହିଁ। କେବଳ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହିପରି ମନ୍ତବ୍ୟକୁ ଅତ୍ୟନ୍ତ କଠୋର ଶବ୍ଦରେ ନିନ୍ଦା କରିବା ଭିନ୍ନ ଦଳର ଅନ୍ୟ ଜଣେ ବି ନେତା ଏହାକୁ ନେଇ ତୁଣ୍ଡ ଖୋଲୁ ନାହାନ୍ତି। ଯଦିଓ ଦଳ ଭିତରେ ସନ୍ତୋଷଙ୍କୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲେ ହେଁ ଏ ସମ୍ପର୍କରେ ନେତାମାନେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି।

ସନ୍ତୋଷ ଖଟୁଆ ଏବେ ଦଳ ପାଇଁ ଗଳଗ୍ରହ ହୋଇଛନ୍ତି ବୋଲି କିଛି ବିଜେପି ନେତା କହୁଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ଶାସକ ବିଜେପିକୁ ଷଣ୍ଢୁଆସୀ ଆକ୍ରମଣ ଜାରି ରଖିଛନ୍ତି।

- ଦଳର ନିରବତାକୁ ନେଇ ସାଧାରଣରେ ସମାଲୋଚନା
- ମୌସୁମୀ ଅଧିବେଶନରେ ସଂସଦରେ ଉଠାଇବ କଂଗ୍ରେସ

ସାମାଜିକ ଅନୁଷ୍ଠାନଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ନୀଳଗିରି ବିଧାୟକଙ୍କ ଔଦ୍ଧତ୍ୟକୁ ସମାଲୋଚନା କରାଯାଉଛି ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ମାତ୍ର ବିଧାୟକ ଶ୍ରୀ ଖଟୁଆଙ୍କ ମୁହଁ ଟାଣ ଭାଙ୍ଗୁନି। ଘଟଣାକୁ ନେଇ ଦୁଃଖ କି ଅନୁଶୋଚନା କରିବା ପରିବର୍ତ୍ତେ ଗଣମାଧ୍ୟମ ନିଜକୁ ଠିକ୍ ବୋଲି ଯୁକ୍ତି ବାଢ଼ୁଛନ୍ତି। ଏବଂ ଏପରି ଘଟଣାକୁ ନେଇ ସେ ଅନୁଶୋଚିତ ନୁହନ୍ତି ବୋଲି ଗଣମାଧ୍ୟମ ଆଗରେ ବୟାନ ରଖିଛନ୍ତି। ଯାହାକୁ ନେଇ ଦଳ ଅଧିକ ଅଡୁଆରେ ପଡ଼ିଛି। ଶୃଙ୍ଖଳାର ଅଭାବ ଯୋଗୁଁ ଦଳର ନେତାମାନଙ୍କର ଔଧତ୍ୟ ବଢ଼ି ଚାଲିଛି ବୋଲି କର୍ମୀମାନେ କହୁଛନ୍ତି। ଯେତେ ଅନ୍ୟାୟ କଲେ ମଧ୍ୟ ସରକାରୀ କଳ ଏବଂ ପ୍ରଶାସନ ମଧ୍ୟ ବାଛ ବିଚାର କରି ଶାସକ ଦଳ ନେତାଙ୍କ ଦେହରେ ହାତ ମାରିବାକୁ ଭୟ କରୁଛନ୍ତି। ଏପରି ଦୁର୍ବଳତାର ସୁଯୋଗ ନେଇ ବିଧାୟକ ଖଟୁଆଙ୍କ ପରି ନେତା ଶାଳୀନତାର ସବୁ ସୀମା ଲଂଘନ କରିବାକୁ ସାହସ ପାଉଛନ୍ତି ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ନେଇ ବୁଦ୍ଧିଜୀବୀ ଓ ରାଜନୈତି ସମୀକ୍ଷକମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏପରି ଲଜ୍ଜାଜନକ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ନିରବତା ପ୍ରଦର୍ଶନ କରିବା ଯୋଗୁଁ ଖଟୁଆଙ୍କ ମନୋବଳ ବୃଦ୍ଧି କରିଛି। ଏପରି ତତ୍ତ୍ୱଙ୍କୁ ସରକାର ଘଣ୍ଟ ଘୋଡ଼ାଇ ନିଜର ହିଁ କ୍ଷତି କରୁଛନ୍ତି। ରାଜ୍ୟ ବିଜେପି ମହିଳା ବିରୋଧୀ ବୋଲି ଏକ ବାର୍ତ୍ତା ସାଧାରଣରେ ପ୍ରଚାର ହେଲାଣି। ତେଣୁ ତୁରନ୍ତ ସନ୍ତୋଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେଲେ ତାହା ବିଜେପି ପାଇଁ ଘାତକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷେ ନୂଆ ସଭାପତି ଚୟନ ପରେ ଦଳର ଶୃଙ୍ଖଳା କମିଟି ବୈଠକ ବସିବା ନେଇ ମଧ୍ୟ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପରୋକ୍ଷରେ ସୂଚନା ପ୍ରଦାନ କରିଛନ୍ତି। ତେବେ ବିଜେପି ନେତାଙ୍କ ଆଭିମୁଖ୍ୟ ଓ ଗତିବିଧିକୁ ଦେଖିଲେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା କ୍ଷୀଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ସ୍ମାର୍ଟ ଲେଡିଜ୍ କ୍ଲବ୍ ପକ୍ଷରୁ ଖିରି ବଣ୍ଟନ



ରାଉରକେଲା,୭।୭ (ସମିସ): ସୁନାବେଶ ଅବସରରେ ସେକ୍ଟର-୩ ସ୍ଥିତ ଅହିରାବନ୍ଧ ରଥ ଖଳାରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଭାବ୍ୟ ଉତ୍ସବରେ ଅଗ୍ରଣୀ ମହିଳା ସଂଗଠନ ସ୍ମାଟ୍ର୍ ଲେଡିଜ କ୍ଲବ୍ ପକ୍ଷରୁ ଖିରି ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କୁ ଖିରି ବଣ୍ଟନ କରାଯାଇଥିଲା। କ୍ଲବ୍ ଅଧ୍ୟକ୍ଷା ଲୀନା ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ନିକଟରେ ପ୍ରସାଦ ଚଢାଇବା ପରେ ବଣ୍ଟନ ହୋଇଥିଲା। ସାଧାରଣ ସମ୍ପାଦିକା ପ୍ରତିଭା ପ୍ରିୟଦର୍ଶିନୀ, ଉପସଭାପତି ହେମଲତା ପ୍ରସାଦ, ସଂଯୋଜିକା ପ୍ରୀତିରାଣୀ ରାଉତ ତଦାରଖ କରିଥିଲେ। ଉପସଭାପତି ଅମୀୟଲତା ସାହୁ, ବିମଳା ଡୋରା, ଯୁଗ୍ମ ସମ୍ପାଦିକା କୌଶଲ୍ୟା ପୃଷ୍ଟି, ରଞ୍ଜିତା ପାତ୍ର, ସସ୍ମିତା ସାହୁ, ନିବେଦିତା ସାହୁ, ମିଡିଆ ସଂଯୋଜିକା ସଂଯୁକ୍ତା ଶତପଥୀ, କାର୍ଯ୍ୟ ନିର୍ବାହୀ ସଦସ୍ୟ ମିନର୍ଭା ପାତ୍ର, ଅର୍ନ୍ନପୂର୍ଣ୍ଣା ମହାନ୍ତି, ଲକ୍ଷ୍ମୀପ୍ରିୟା ସେଠୀ, ଜୟଲକ୍ଷ୍ମୀ ପାତ୍ର, ନମିତା ଜୟପୁରିଆ, ଇନ୍ଦୁମତୀ ମହାପ୍ରାତ୍ର, ରେଣୁବାଳା ସ୍ୱାଇଁ, ମିତା ତରାଇ ପ୍ରମୁଖ ସହଯୋଗ କରିଥିଲେ।

## ଅଟୋ ଓଲଟି ୨ ଶ୍ରମିକ ଗୁରୁତର

ବଣାଇଁ,୭।୭ (ସମିସ): ମହୁଲପଦା ଥାନା ଡଲେଇସରା ଗ୍ରାମରୁ ପ୍ରାୟ ୨୦ ଶ୍ରମିକ ଚାଷ ଜମିରେ କାମ କରିବାପାଇଁ ଏକ ଅଟୋ ଯୋଗେ ଶିହିଡିହା ଗ୍ରାମକୁ ଯାଉଥିବା ବେଳେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ଜଣ ଗୁରୁତର ହେବାସହ ୮ ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ସୋମବାର ସକାଳେ ଡଲେଇସରା ଗ୍ରାମରୁ ଏକ ଅଟୋ ଶିହିଡିହା ଗ୍ରାମକୁ ଚାଷ କାର୍ଯ୍ୟ ନିମନ୍ତେ ଶ୍ରମିକଙ୍କୁ ଆଣୁଥିବା ବେଳେ ହଠାତ୍ ପଛ ଚକ ଖୋଲିଯିବାରୁ ଅଟୋଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା ଶ୍ରମିକ ରାସ୍ତା ଉପରେ ଛିଟିକି ପଡ଼ିବା ସହ ଆଉ କେତେକ ଅଟୋ ତଳେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ବୁଦୁନି ମୁଣ୍ଡା ଓ ଶ୍ରୀଧର ମୁଣ୍ଡାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି ମହୁଲପଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସୁନ୍ଦରଗଡରେ ବିପର୍ଯ୍ୟସ୍ତ ଇଏସ୍ଆଇ ସ୍ୱାସ୍ଥ୍ୟସେବା

# ଡାକ୍ତର ନଥିବାରୁ ସେବା ନପାଇ ଫେରୁଛନ୍ତି ରୋଗୀ

ରାଉରକେଲା,୭।୭ (ସମିସ)

ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଇଏସ୍ଆଇସି ମଡେଲ ହସ୍ପିଟାଲ ସମେତ ସମସ୍ତ ହସ୍ପିଟାଲ୍ ଓ ଡିସପେନ୍ସାରୀରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଅବଶ୍ୟକୀୟ ଡାକ୍ତର ଏବଂ ଔଷଧ ନଥିବାରୁ ସ୍ୱାସ୍ଥ୍ୟ ସେବା ନପାଇ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲ୍ଲାରେ ବହୁଳ ପରିମାଣରେ ଖଣିଖାଦାନ ରହିଥିବାରୁ ଏଠାରେ ମୋଟ ୧ ଲକ୍ଷ ୩୩ ହଜାର ଇଏସ୍ଆଇ ବୀମାଭୁକ୍ତ ଶ୍ରମିକ ରହିଛନ୍ତି। ରାଉରକେଲା ଜେଲ୍ ରୋଡଠାରେ ୫୦ ଶଯ୍ୟା ବିଶିଷ୍ଟ ଇଏସ୍ଆଇସି ମଡେଲ ହସ୍ପିଟାଲ ରହିଛି। ଏହା ବ୍ୟତୀତ ରାଜଗାଙ୍ଗପୁରରେ ଏକ ଇଏସଆଇ ସ୍କିମ୍ ହସ୍ପିଟାଲ ଏବଂ କୁଆଁରମୁଣ୍ଡା, କଳୁଙ୍ଗା, ବାଲିଯୋଡ଼ି, ବିଶ୍ରା ଛକ, କାଂଶବାହାଲ ଓ ସୁନ୍ଦରଗଡ କିରେଇଠାରେ ମୋଟ ୫ଟି ଇଏସ୍ଆଇ ଡିସପେନ୍ସାରୀ ରହିଛି। ରାଉରକେଲା ଇଏସଆଇସି ମଡେଲ ହସ୍ପିଟାଲରେ ଦୀର୍ଘ ୨ ବର୍ଷ ହେବ ୧୨ଟି ବିଭାଗରେ କୌଣସି ସ୍ପେଶାଲିଷ୍ଟ ଡାକ୍ତର ନାହାଁନ୍ତି। ବିଭିନ୍ନ ଘରୋଇ ହସ୍ପିଟାଲକୁ ରେଫରାଲ ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ଗୁରୁତର ରୋଗୀ ଉନ୍ନତ ଚିକିତ୍ସା ନ ପାଇ ମୃତ୍ୟୁବରଣ କରୁଛନ୍ତି। ହୃଦଘାତ ତଥା ଦୁର୍ଘଟଣାଜନିତ ମୁର୍ମୁଷୁ ଅବସ୍ଥା ପରି ଗୁରୁତର କ୍ଷେତ୍ରରେ ତତ୍‌କ୍ଷଣାତ୍ ଅସ୍ତ୍ରୋପଚାର ପାଇଁ ଏହି ମଡେଲ ହସ୍ପିଟାଲରେ କୌଣସି ବ୍ୟବସ୍ଥା ନଥିବାରୁ ରୋଗୀମାନେ ସେବା ନପାଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ଏହି ମଡେଲ ହସ୍ପିଟାଲକୁ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରିବା ପାଇଁ ନୂଆଦିଲ୍ଲୀ ସ୍ଥିତ ଇଏସ୍ଆଇସି ପକ୍ଷରୁ ଗତ ୩ ବର୍ଷ ପୂର୍ବେ ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ଭିତ୍ତିଭୂମି, ଡାକ୍ତର ଏବଂ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଦର୍ଶାଇ ଏହାକୁ ୧୦୦ ଶଯ୍ୟା ବିଶିଷ୍ଟ କରାଯାଇ ନାହିଁ। ଯାହା ଫଳରେ ଶଯ୍ୟା ଅଭାବରୁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ରାଉରକେଲା ଇଏସ୍ଆଇ ଡିସପେନ୍ସାରୀରେ ରାଉରକେଲା ଇସ୍ପାତ କାରଖାନାର ୬୩,୫୬୨ ଜଣ ବୀମାଭୁକ୍ତ ରହିଥିବା ବେଳେ ଏଫସିଆଇର ୩୨,୨୩୪ ଜଣ, ସିଆଇଏସ୍ଏଫ୍ ୨୮,୧୩୫ ଜଣ, କୁଆଁରମୁଣ୍ଡା ଡିସପେନ୍ସାରୀରେ ୪୩୨୧ ଜଣ ବୀମାଭୁକ୍ତ ରହିଛନ୍ତି। କଳୁଙ୍ଗା, ବଣାଇଁ ଓ କୋଇଡା ଅଞ୍ଚଳରେ କାର୍ଯ୍ୟରତ ବୀମାଭୁକ୍ତଙ୍କୁ ମିଶାଇଲେ ଅନ୍ୟୁନ ଦେଢ଼ ଲକ୍ଷ ବୀମାଭୁକ୍ତ ରାଉରକେଲା ଇଏସ୍ଆଇସି ମଡେଲ ହସ୍ପିଟାଲ ଉପରେ ନିର୍ଭରଶୀଳ। ସେମାନଙ୍କ ପରିବାରକୁ ମିଶାଇଲେ ୬ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀ ଇଏସ୍ଆଇ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ହେଲେ ସେଠାରେ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଉପରୋକ୍ତ ବୀମାଧାରୀ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ଜିଲ୍ଲାରେ ଥିବା ଉପରୋକ୍ତ ୫ଟି ଡିସପେନ୍ସାରୀରେ ନିୟମିତ ଭାବେ ଡାକ୍ତର ଯାଉନାହାନ୍ତି। କେଉଁଠି ସପ୍ତାହରେ ଦିନେ ତ ଆଉ କେଉଁଠି ୨ ଦିନ ଡାକ୍ତର ଯାଉଥିବାରୁ ରୋଗୀ ସଠିକ୍ ସମୟରେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।



ସେପଟେ ପ୍ରତ୍ୟେକ ଡିସପେନ୍ସାରୀରେ ଆବଶ୍ୟକୀୟ ଔଷଧର ଅଭାବ ଦେଖାଦେଇଛି। ରୋଗୀମାନେ ଔଷଧ ବାହାରୁ କିଣୁଥିଲେ ମଧ୍ୟ ସେ ଔଷଧର ବିଲ ବକେୟା ରହୁଛି ଏବଂ ବିଲ୍ ପାସ୍ ହୋଇ ପରିଶୋଧ ହେଉନି। ରାଜଗାଙ୍ଗପୁରଠାରେ ଥିବା ଇଏସ୍ଆଇ ହସ୍ପିଟାଲରେ ଡାକ୍ତର ଅଭାବ ଦେଖାଦେଇଛି। ବଣାଇଁ ଏବଂ କୋଇଡା ଅଞ୍ଚଳରେ ବହୁ ସଂଖ୍ୟାରେ ଇଏସଆଇ ବୀମାଭୁକ୍ତ ଶ୍ରମିକ ପରିବାର ବାସ କରୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ଇଏସଆଇ ଡାକ୍ତରଖାନା ଖୋଲା ଯାଇଥିବାରୁ ସେଠାରୁ ୬୦ ରୁ ୧୦୦ କିଲୋମିଟର ଦୂରରେ ଥିବା ରାଉରକେଲା ମଡେଲ ହସ୍ପିଟାଲ ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି। ଇଏସଆଇ ଅଧିନିୟମ ଅନୁଯାୟୀ ସେଠାରେ ଏକ ଡାକ୍ତରଖାନା ଖୋଲାଯିବା କଥା। ଇଏସଆଇ ଆଞ୍ଚଳିକ ବୋର୍ଡ ମିଟିଂରେ ବଣାଇଁ ଅଞ୍ଚଳରେ ଡାକ୍ତରଖାନା ଖୋଲିବା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇ ଥିଲେ ମଧ୍ୟ ତାହାକୁ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଇଏସ୍ଆଇ କର୍ପୋରେସନ ଦ୍ୱାରା କେବଳ ରାଉରକେଲାରେ ଡାକ୍ତରଖାନା ଖୋଲାଯାଇଛି।

କିନ୍ତୁ ସୁନ୍ଦରଗଡ଼ ଜିଲ୍ଲା ତମାମ ଯେତେ ଗୁଡ଼ିଏ ଇଏସଆଇ ହସ୍ପିଟାଲ୍ ଓ ଡିସପେନ୍ସାରୀ ଅଛି ତାର ଇଏସଆଇ ସ୍କିମ୍ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ଜିଲ୍ଲାର ବିଭିନ୍ନ କଳକାରଖାନାର ଶ୍ରମିକମାନଙ୍କ ଠାରୁ ଓ କର୍ତ୍ତୃପକ୍ଷ ତରଫରୁ ଇଏସ୍ଆଇ କୋଟି କୋଟି ଟଙ୍କା ଜମା ହେଉଥିଲେ ବି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଅବନତି ବିଡମ୍ବନାର ବିଷୟ ହୋଇଛି। ସରକାର ଇଏସ୍ଆଇ ମେଡିକାଲ ଗୁଡିକର ଭିତ୍ତିଭୂମିକୁ ସୁଦୃଢ଼ କରି ଶ୍ରମିକମାନଙ୍କୁ ଇଏସଆଇ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଯୁବତୀଙ୍କୁ ପ୍ରତାରଣା; ପ୍ରେମିକ ଗିରଫ

ରାଉରକେଲା,୭।୭ (ସମିସ): ପ୍ରେମିକାକୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତ ପ୍ରେମିକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉଦିତନଗର ଥାନାଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତ ଜଣକ ଉଦିତନଗର ଆମ୍ବେଦକର ଛକ ନିକଟ ନ୍ୟୁଟ୍ରେସନ୍ କ୍ଲବ୍ ଅଞ୍ଚଳର ଲୁଲୁ ଓରଫ ବିଶ୍ୱଜିତ୍ ରାଉତ (୩୨) ବୋଲି ଜଣାପଡ଼ିଛି। ପୁଲିସ ସୂଚନା ମୁତାବକ, ଅଭିଯୁକ୍ତ ଲୁଲୁ ଓରଫ ବିଶ୍ୱଜିତ୍ ରାଉତ (୩୨) ଓ ଉଦିତନଗର ଥାନାଞ୍ଚଳର ଜଣେ ୨୯ ବର୍ଷୀୟା ଯୁବତୀଙ୍କ ମଧ୍ୟରେ କିଛି ମାସରୁ ପ୍ରେମ ସମ୍ପର୍କ ରହି ଆସିଥିଲେ। ଏହାରି ମଧ୍ୟରେ ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ମାତ୍ର ଯୁବତୀ ବିବାହ କଥା ଉଠାଇବା ପରେ ଅଭିଯୁକ୍ତ ତାଙ୍କୁ ପ୍ରତାରଣା କରି ଛାଡ଼ି ପଳାଇଥିଲା। ଏନେଇ ଶନିବାର ପୀଡିତା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରବିବାର ଅଭିଯୁକ୍ତ ଲୁଲୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବେଦବ୍ୟାସ ସଙ୍ଗମସ୍ଥଳ ନଦୀ କୂଳର ଉନ୍ନୟନ କାର୍ଯ୍ୟ ଆରମ୍ଭ

ରାଉରକେଲା,୭।୭ (ସମିସ): ରାଜ୍ୟ ସରକାରଙ୍କ ନଦୀ ପାର୍ଶ୍ୱର୍ ଉନ୍ନୟନ ପ୍ରକଳ୍ପ ଅଧିନରେ ଥିବା ରାଉରକେଲାର ବେଦବ୍ୟାସ ସଙ୍ଗମ ସ୍ଥଳରୁ ୪୦ କିଲୋମିଟର ପର୍ଯ୍ୟନ୍ତ ନଦୀ କୂଳର ଉନ୍ନୟନ କାର୍ଯ୍ୟ ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ, ବିଗତ ଦିନରେ ରାଉରକେଲାରେ ଆୟୋଜିତ ଜନଶୁଣାଣିରେ ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ତରଫରୁ ବେଦବ୍ୟାସ ସଙ୍ଗମରୁ ନଦୀକୂଳର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ପରେ ରାଉରକେଲା ଉଠାଜଳସେଚନ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ସକାରାତ୍ମକ ଚିନ୍ତାଧାରା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ଉଚିତ୍ ପଦକ୍ଷେପ ନେବାକୁ ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ।



ଭବିଷ୍ୟତରେ ଏହି ଅଞ୍ଚଳ ଏକ ବିଶିଷ୍ଟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବା ସହ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରକୃଷ୍ଟ ସ୍ଥାନ ବୋଲି ରିପୋର୍ଟରେ ଦର୍ଶାଇଥିଲେ। ଏହି ଯୋଜନାରେ ଅଞ୍ଚଳର ଲୋକମାନଙ୍କ ଆର୍ଥିକ ଭିତ୍ତିଭୂମି ସୁଦୃଢ଼ ହେବା ସହ ସରକାର ମଧ୍ୟ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ବିଭିନ୍ନ ପ୍ରକାରର ଆର୍ଥିକ ଲାଭ ପାଇପାରିବେ ବୋଲି ପ୍ରାଥମିକ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ସହ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱରର ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଏହାର ପୁନଃ ଉପସ୍ଥାପନ କରାଯିବ ବୋଲି ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର




ରାଉରକେଲା,୭।୭ (ସମିସ): ରାଉରକେଲାର ଅଗ୍ରଣୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ସୁନ୍ଦରଗଡ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ମାସିକ ସାହିତ୍ୟ ଆଲୋଚନା ଓ ବର୍ଷା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ଅନ୍ତର୍ଜିତା ନାୟକ ଯୋଗ ଦେଇ ବର୍ଷା ପ୍ରକୃତିର ଏକ ମହାର୍ଘ ଦାନ। ଜୀବ ଜଗତ ପାଇଁ ବର୍ଷା କେବେ ଏକା ଏକା ଆସେନି, ସାଥିରେ ପବନ, ବିଜୁଳି, ଘଡଘଡି, ଚଡଚଡି ପ୍ରକୃତିକୁ ସବୁଜିମା କରିବା ପାଇଁ ସମସ୍ତ ପ୍ରକାର ଉପାଦାନ ନେଇ ଆସେ। ବର୍ଷା ସ୍ୱୟଂ ଏକ କବିତା, ଯାହାକି ପ୍ରତ୍ୟେକ କବି ବା ଲେଖକ ଲାଗି ଏକ ଲୋଭନୀୟ ଶବ୍ଦ ବୋଲି କହିଥିଲେ।

ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟର ସଭାପତି ତଥା ବିଶିଷ୍ଟ କଥାକାର ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବେ ଇଂ ଅଭୟ କୁମାର ଦାସ ଯୋଗଦେଇ ବିଭିନ୍ନ ଉଦାହରଣ ଦେଇ ବର୍ଷା ଋତୁର ପ୍ରକୃତି ବିଷୟରେ ବର୍ଣ୍ଣନା କରିଥିଲେ। ସାଧାରଣ ସଂପାଦିକା ରଶ୍ମିବାଳା ରାଉତରାୟ ସଂପାଦକୀୟ ପାଠ କରିଥିଲେ। ମଧୁସୂଦନ ପାଠାଗାରର ସାଧାରଣ ସଂପାଦକ ବିଜୟ କୁମାର ବରାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଂଜୁଳା ରଥଙ୍କ ସଭାପତିତ୍ୱ, ସୁଚିତ୍ରା ଲେଙ୍କା ଓ କିଶୋରୀ ମୋହନ କରଙ୍କ ସଂଯୋଜନାରେ ବିଶିଷ୍ଟ ଗାଳ୍ପିକା ଜ୍ୟୋତ୍ସ୍ନା କୁମାରୀ ନାୟକ ଗଳ୍ପ ପାଠ କରିଥିଲେ। କବି ମିନକେତନ ପଶାୟତ, କାଶୀନାଥ ନନ୍ଦୀ, ବ୍ରହ୍ମାନନ୍ଦ ପାଢୀ, ସାଗର ମହାନ୍ତି, ଗୌତମ ଦାସ, ବଳରାମ ଦାଶ, ଦେବେନ୍ଦ୍ର ବଳ, ନିକୁଞ୍ଜ ବିହାରୀ ଦାଶ, କୁଞ୍ଜ ବିହାରୀ ରାଉତ, ଅମୀୟ ମହାନ୍ତି, ସବାସ ମହାପାତ୍ର, ସତ୍ୟ ନାରାୟଣ ଦାସ, ଭୀମସେନ ସାହୁ ପ୍ରମୁଖ ୨୨ ଜଣ କବି କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶର୍ମିଷ୍ଠ କବି ଶତପଥି, ବିକ୍ରମ ଆଚାର୍ଯ୍ୟ, ଜଗନ୍ନାଥ ରାଉତ, ସୁକାନ୍ତ ଖୁଣ୍ଟିଆ, ଡ. ରାମକୃଷ୍ଣ ବିଶ୍ୱାଳ, ସୁନିଲ ମହାନ୍ତି, ବ୍ରଜ କିଶୋର ପାଣି, ସୂର୍ଯ୍ୟମଣି ପଣ୍ଡା ଆଦି ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ କବି ସୁଶାନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

## ଜେପି ହସ୍ପିଟାଲରେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଅଭିଯୋଗ

ରାଉରକେଲା, ୭।୭ (ସମିସ): ସବୁବେଳେ ବିବାଦରେ ରହି ଆସିଥିବା ରାଉରକେଲା ସହରର ଜଣାଶୁଣା ବେଦବ୍ୟାସ ଅଞ୍ଚଳରେ ଥିବା ଘରୋଇ ହସ୍ପିଟାଲ ଜୟ ପ୍ରକାଶ ହସ୍ପିଟାଲ ତଥା ଜେପି ହସ୍ପିଟାଲରେ ଜଣେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦିଆଯାଇଥିବା ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଏତଲା କ୍ରମେ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ଚନ୍ଦନ ବଂଶଲଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ବେଦବ୍ୟସ ଅଞ୍ଚଳରେ ବାସକରୁଥିବା ଜେପି ହସ୍ପିଟାଲରେ କାର୍ଯ୍ୟରତ ଜଣେ ୪୧ ବର୍ଷିୟା ଜୁନିଅର ମହିଳା ଅଧିକାରୀ ବିଭିନ୍ନ ଆଳ ଦେଖାଇ ପରିଚାଳନା ନିର୍ଦ୍ଦେଶକ ତାଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଇ ଆସୁଥିବା ଓ ତାହାର ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରିଥିବା ନେଇ ଉଦିତନଗର ଥାନାରେ ଏତଲା ଦେଇଛନ୍ତି। ଏପରିକି ତାଙ୍କ ସହ ଯୌନ ସମ୍ପର୍କ ରଖିଲେ ତାଙ୍କୁ ପଦୋନ୍ନତି ମିଳିବା ସହ ଅନ୍ୟ ସୁବିଧା ଯୋଗାଇ ଦେବେ ବୋଲି ଡ. ବଂଶଲ ପ୍ରସ୍ତାବ ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏହାପରେ ପୁଲିସ

### ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ଥାନାରେ ମାମଲା

ଜେପି ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ବଂଶଲଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କର୍ମକ୍ଷେତ୍ରରେ ଆପତ୍ତିଜନକ ମନ୍ତବ୍ୟ ଦେବା ତଥା ଶାରୀରିକ ଆଘାତ ଦେବା ନେଇ ମହିଳା କରିଥିବା ଅଭିଯୋଗକୁ ଭିତ୍ତି କରି ପୁଲିସ୍ ପରିଚାଳନା ନିର୍ଦ୍ଦେଶକଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଧାରା ୨୯୬ , ୭୪ , ୧୧୫(୨) ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଜେପି ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବଂଶଲ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୀଡିତାଙ୍କ ଏତଲା ମୁତାବକ, ଦଣ୍ଡିଆପାଲ୍ଲୀ ସ୍ଥିତ ଜେପି ହସ୍ପିଟାଲରେ ଗତ ୨୦୧୯ ମେ ୧ରେ ଜୁନିଅର ଏକଜିକ୍ୟୁଟିଭ୍ ଭାବେ ପୀଡିତା ମହିଳା ଜଣକ ଯୋଗ ଦେଇଥିଲେ। ହସ୍ପିଟାଲରେ ଥିବା ସମୟରେ ୨୦୨୪ ଫେବୃଆରୀରେ ପରିଚାଳନା ନିର୍ଦ୍ଦେଶକ ତାଙ୍କୁ ଅଶ୍ଳୀଳ ଆଚରଣ କରିଥିଲେ, ଯାହାକୁ ସେ ଦୃଢ଼ ବିରୋଧ କରିଥିଲେ। ଏପରିକି ତାଙ୍କ ସହ ଯୌନ ସମ୍ପର୍କ ରଖିଲେ ତାଙ୍କୁ ପଦୋନ୍ନତି ମିଳିବା ସହ ଅନ୍ୟ ସୁବିଧା ଯୋଗାଇ ଦେବେ ବୋଲି ସେ ପ୍ରସ୍ତାବ ଦେଇଥିଲେ। ହେଲେ ଏଥିରେ ମହିଳା ଜଣକ ରାଜି ହୋଇନଥିଲେ। ଏହାପରେ ତାଙ୍କୁ ଉଦିତନଗରର ସ୍ଥିତ ଜେପି କେୟାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ବି ଡା. ବଂଶଲ ତାଙ୍କୁ ବିନା ଦୋଷରେ ନାନା ପ୍ରକାର ମାନସିକ ନିର୍ଯାତନା ଦେଉଥିଲେ। ବିନା କାରଣରେ ତାଙ୍କୁ ୱାର୍ଣ୍ଣିଂ ଲେଟର ଦେଉଥିଲେ, ଯାହାର ସେ ଉତ୍ତର ମଧ୍ୟ ଦେଇଥିଲେ। ତେବେ ଗତ ଜୁଲାଇ ୪ରେ ତାଙ୍କୁ ପୁନର୍ବାର ଦଣ୍ଡିଆପାଲ୍ଲୀ ସ୍ଥିତ ଜେପି ହସ୍ପିଟାଲକୁ ବଦଳି କରାଯାଇ ଜୁଲାଇ ୧୫ ସୁଦ୍ଧା ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୪ ତାରିଖ ଦିନ ସେ ଛୁଟିରେ ଥିବାରୁ ଗତ ୫ ତାରିଖରେ ସେ ଡ୍ୟୁଟିରେ ଯୋଗଦେବା ପାଇଁ ଜେପି କେୟାର ସେଣ୍ଟର ଉଦିତନଗରକୁ ଯାଇଥିଲା ବେଳେ ଡା. ବଂଶଲ ହସ୍ପିଟାଲକୁ ଆସି ତାଙ୍କୁ ତାଙ୍କ ଚାମ୍ବରକୁ ଡାକି ଗାଳିଗୁଲଜ କରି ମାଡ ମାରିଥିଲେ ବୋଲି ମହିଳା ଅଧିକାରୀ ଜଣଙ୍କ ତାଙ୍କ ଏତାଲାରେ ଦର୍ଶାଇଛନ୍ତି। ଆକ୍ରମଣ ଯୋଗୁଁ ସେ କାନରେ ଯନ୍ତ୍ରଣା ଅନୁଭବ କରିବାରୁ ଆରଜିଏଚରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ପରେ ସେ ହସ୍ପିଟାଲର ଇ-ମେଲ୍ ମାଧ୍ୟମରେ ତାଙ୍କର ଇସ୍ତଫା ପତ୍ର ପଠାଇ ଦେଇଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି।

# ପରିବେଶର ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଜରୁରି

## ବଡବାହାଲରେ ଜିଲ୍ଲାସ୍ତରୀୟ ବନମହୋତ୍ସବ




ରାଉରକେଲା,୭।୭ (ସମିସ): ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ସୁନ୍ଦରଗଡସଦର ବନାଞ୍ଚଳର ବଡବାହାଲ୍‌ଠାରେ ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ନିମନ୍ତ୍ରିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅମିତ କୁମାର, ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ପି. ରାମସ୍ୱାମୀ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ବନଖଣ୍ଡ ଅଧିକାରୀ ଖୁସୁୱନ୍ତ ସିଂ, ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକୋରୀ ସୁରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସବୁଜ ପତାକା ଦେଖାଇ ଚାରା ବିତରଣ ନିମନ୍ତେ ଉଦ୍ଦିଷ୍ଟ ସବୁଜ ରଥର ଉଦଘାଟନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉପସ୍ଥିତ ଅତିଥିମାନେ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତେ 'ଗୋଟିଏ ଗଛ ମାଆ ପାଇଁ' କାର୍ଯ୍ୟକ୍ରମ ଜରିଆରେ ଚଳିତ ବନ ମହୋତ୍ସବ ସପ୍ତାହରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବୃକ୍ଷ ରୋପଣ, ପରିବେଶ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ୨୦୨୪-୨୫ ବର୍ଷ ନିମନ୍ତେ ପ୍ରକୃତି ବନ୍ଧୁ ଭାବେ ସୁନ୍ଦରଗଡସଦର ବ୍ଲକ୍‌ର ପତ୍ରିସିଆଲ୍ ଲାକ୍ରା, ଟାଙ୍ଗରପାଲି ବ୍ଲକ୍‌ର ଲିପ୍ସା ଷଡଙ୍ଗୀ, ସବଡେଗା ବ୍ଲକ୍‌ର ସୁଧାଂଶୁ କୁମାର ଚୌଧୁରୀ, କୁଆଁରମୁଣ୍ଡା ବ୍ଲକ୍‌ର ଡଃ ମନୋଜ କୁମାର ସାହୁ, ନୂଆଗାଁ ବ୍ଲକ୍‌ର ଜ୍ୟୋତ୍ରୀମୟ ରାଉତ, ରାଜଗାଙ୍ଗପୁର ବ୍ଲକ୍‌ର ସରିତା ସମଦ, କୁତ୍ରା ବ୍ଲକ୍‌ର ପ୍ରିୟଦର୍ଶିନୀ ପାଢୀ, ହେମଗିରି ବ୍ଲକ୍‌ର ଦିନେଶ ଚନ୍ଦ୍ର ପଟେଲ, ଲେଫ୍ରିପଡା ବ୍ଲକ୍‌ର ଚନ୍ଦ୍ରମଣି ଟାଜନ, ବିଶ୍ରା ବ୍ଲକ୍‌ର ଜଗଦୀଶ ପଶାୟତ ଏବଂ ଲାଠିକଟା ବ୍ଲକ୍‌ର ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ଦଶ ହଜାର ଟଙ୍କାର ଡ୍ରାଫ୍ଟ ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ କୁଣ୍ଡକେଲା ସ୍ଥିତ ଲମ୍ବୋଦର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବନ ସୁରକ୍ଷା ସମିତିର ସଦସ୍ୟସଦସ୍ୟାମାନେ ଯୋଗ ଦେଇଥିଲେ। ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ବନଖଣ୍ଡ ଅଧିକାରୀ ଖୁସୁୱନ୍ତ ସିଂହ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁନ୍ଦରଗଡ ବନାଞ୍ଚଳ ଅଧିକାରୀ ଉମାଶଙ୍କର ନାୟକ, ବଡଗାଁ ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୁତିଆ, ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ଗୋପାଳପୁର ବନାଞ୍ଚଳ ଅଧିକାରୀ ହରିହର ପାତ୍ର, ହେମଗିର ବନାଞ୍ଚଳ ଅଧିକାରୀ ପ୍ରକାଶ ନାଏକ, ସୁନ୍ଦରଗଡ ବନାଞ୍ଚଳର ସମସ୍ତ ବନପାଳ ଏବଂ ବନରକ୍ଷୀମାନେ ପରିଚାଳନା କରିଥିଲେ।

## ରିଟାୟର୍ଡ ଏମ୍ପ୍ଲଇଜ୍ ଆସୋସିଏସନ



୭୫ତମ ବନ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ରାଉରକେଲା ରିଟାୟର୍ଡ ଏମ୍ପ୍ଲଇଜ୍ ଆସୋସିଏସନ୍ ପକ୍ଷରୁ ଛେଣ୍ଡ କଲୋନୀରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପାନପୋଷ ବନଖଣ୍ଡର ରେଞ୍ଜର ଜ୍ଞାନେନ୍ଦ୍ର ଲିମା ଉଦଘାଟନ କରି ବୃକ୍ଷ ଚାରାରୋପଣର ଉପାଦେୟତା ସମ୍ପର୍କରେ ଆଲୋଚନା କରି ପରିବେଶର ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ନିହାତି ଆବଶ୍ୟକ ବୋଲି କହିଥିଲେ। ଉପସଭାପତି ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ସୁବାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଗୋପାଳ ପ୍ରସାଦ ଜେନା, ତ୍ରିଲୋଚନ ମିଶ୍ର, ଲକ୍ଷ୍ମଣ ନାଥ ଦାସ, ରମେଶ ଚନ୍ଦ୍ର ସିଂହ, ବିଜୟ କୁମାର ବରାଳ, ହରିହର ଶତପଥୀ, ପ୍ରଭାକର ସାହୁ, କୈଳାଶ ଚନ୍ଦ୍ର ସାମଲ, ମୃତ୍ୟୁଞ୍ଜୟ ବାରିକ, ବାହିନୀ କୁମାର ଭଞ୍ଜ, ଗୁରୁ ଚରଣ ପଟ୍ଟନାୟକ, ନିରଦ ଭୂଷଣ ପଟ୍ଟନାୟକ, ଅଜୟ କୁମାର ମହାନ୍ତି, ଦିବାକର ପାଣିଗ୍ରାହୀ, ପ୍ରଭାକର ସାହୁ, ସୂର୍ଯ୍ୟ ନାରାୟଣ ପଣ୍ଡା, ଲଲାଟେନ୍ଦୁ ପ୍ରଧାନ, ଧ୍ରୁବ ଚରଣ ନାୟକ, ନାରାୟଣ ଚନ୍ଦ୍ର ଜେନା, ରବୀନ୍ଦ୍ର କୁମାର ସରାଫ, ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ସଦସ୍ୟମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପାନପୋଷ ବନଖଣ୍ଡର କର୍ମଚାରୀ ତଥା ସ୍ଥାନୀୟ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିସୌଜା ସ୍କୁଲ

ସେକ୍ଟର -୨ ସ୍ଥିତ ଡିସୌଜା ବିଦ୍ୟାଳୟର ଆଜି ବନମହୋତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳନ କରାଯାଇଛି। ବିଦ୍ୟାଳୟର ସବୁ କ୍ୟାବିନେଟ ସଦସ୍ୟମାନେ, ପ୍ରତ୍ୟେକ ଶ୍ରେଣୀର ମନିଟର ଏବଂ ଶ୍ରେଣୀ ସୁପର ଭାଇଜରମାନଙ୍କୁ ନେଇ ଶୃଙ୍ଖଳିତ ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା। ଛାତ୍ରଛାତ୍ରୀମାନେ ବନ ମହୋତ୍ସବର ସ୍ଲୋଗାନ ଓ ବିଭିନ୍ନ ପ୍ଲା କାର୍ଡ ଦ୍ୱାରା ସମସ୍ତଙ୍କ ଉତ୍ସାହ ବୃଦ୍ଧି କରିଥିଲେ। କାର୍ଯ୍ୟକ୍ରମରେ ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜ ନିଜ ଶ୍ରେଣୀ ଶିକ୍ଷୟିତ୍ରୀଙ୍କ ସହ ଚାରାରୋପଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଜୟୋତି ଗୁରୁୱାରା, ସହ ଅଧ୍ୟକ୍ଷା ଜୟିତା ନାୟକଙ୍କ ମାର୍ଗ ଦର୍ଶନରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା।



## ଲାୟନ୍ସ କ୍ଲବ୍ ପକ୍ଷରୁ ଛତା ବଣ୍ଟନ



ବରଗଡ଼,୭।୭(ସମିସ): ବରଗଡ଼ ଉପକଣ୍ଠ ବିଜେପୁର ନିକଟସ୍ଥ ସମଲେଇପଦର ଠାରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଥିବା ଅସହାୟ ବୟସ୍କମାନଙ୍କ ପାଖରେ ଛତା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ ନିମିତ୍ତ ବରଗଡ଼ ଲାୟନ୍ସ କ୍ଲବ୍ ପକ୍ଷରୁ ବୃଦ୍ଧାଶ୍ରମରେ ୩୦ଟି ଛତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅମରଜିତ୍ ସିଂ, ଦୀପକ ବଲୋଦିଆ, ପ୍ରଦୀପ ତଯାଲ, ମନୋଜ ମହାପାତ୍ର ଯୋଗଦେଇଥିଲେ। ଝଡି ବର୍ଷାରେ ଅସହାୟ ବୟସ୍କ ଆଉ ଭିଜିବେ ନାହିଁ ଏବଂ ପ୍ରଚଣ୍ଡ ଖରାରୁ ମଧ ରକ୍ଷା ପାଇବେ ବୋଲି ସମ୍ପାଦକ ଅଭୟଭୋଗ ପ୍ରକାଶ କରିଛନ୍ତି।

# ନାବାଳିକାକୁ ଗର୍ଭବତୀ କରିବା ଅଭିଯୋଗରେ ୪ ଗିରଫ

ଦେବଗଡ଼,୭।୭(ସମିସ)

ଏକ ଅଭାବନୀୟ ଘଟଣା କ୍ରମରେ ସୋମବାର ବାରକୋଟ ଥାନା ପୁଲିସ ଜଣେ ନାବାଳିକାକୁ ଗର୍ଭବତୀ କରବା ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି। ତେବେ ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ନାବାଳକ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବାରକୋଟ ଥାନାଞ୍ଚଳର ଜଣେ ୧୪ ବର୍ଷିଆ ନାବାଳିକାକୁ ସେହି ଗାଁର ଜଣେ ଅଭିଯୁକ୍ତ ଯୁବକ ଚାରିମାସ ପୂର୍ବେ ଏକୁଟିଆ ଥିବା ସୁଯୋଗରେ



ବଳପୂର୍ବକ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ ତାର ଅନ୍ୟ ସାଥୀ ଜାଣିବା ପରେ ପୀଡ଼ିତା ନାବାଳିକାକୁ ଘଟଣା ପ୍ରଘଟ କରିବାର ଭୟ ଦେଖାଇ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ଯାହାଫଳରେ ନାବାଳିକା ଜଣକ

### ଅଭିଯୁକ୍ତଙ୍କ ମଧ୍ୟରେ ୩ ନାବାଳକ

ଗର୍ଭବତୀ ହୋଇଥିଲେ। ପରିବାର ଲୋକ ଜାଣିବା ପରେ ନାବାଳିକାକୁ ପଚରାଉଚୁରା କରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପରିବାର ଲୋକଙ୍କ ସହ ପୀଡ଼ିତା ଜଣକ ଗତକାଲି ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ମାନଙ୍କୁ ଥାନାରେ ଅଟକରଖି ପଚରାଉଚୁରା କରିଥିଲା।

ଆଜି ଅଭିଯୁକ୍ତ ମାନେ ଘଟଣାରେ ସମ୍ପୃକ୍ତ ଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିବା ପରେ ପୁଲିସ ନାବାଳକ ଅଭିଯୁକ୍ତଙ୍କୁ କିଶୋର ନ୍ୟାୟ ବୋର୍ଡ଼ ନିକଟରେ ହାଜର କରିଛି। ଏକମାତ୍ର ସାବାଳକ ଅଭିଯୁକ୍ତ ଗୁଞ୍ଜନ ଭୂୟାଁକୁ ଏସଡିଜେଏମ କୋର୍ଟରେ ହାଜର କରିଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଆଦାନୀ ସିମେଣ୍ଟ ପ୍ଲାଣ୍ଟ ପକ୍ଷରୁ ବନ ମହୋତ୍ସବ




ବରଗଡ଼,୭।୭(ସମିସ): ବରଗଡ଼ ଉପକଣ୍ଠ ଡାଙ୍ଗ ୟୁପି ସ୍କୁଲ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କ ସହ ମିଶି ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁକାନ୍ତ ସାମନ୍ତ (ଆଦାନି ସିମେଣ୍ଟ ପ୍ଲାଣ୍ଟ ହେଡ), ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଦାନୀ ଫାଉଣ୍ଡେସନ ତରଫରୁ ସ୍କୁଲରେ ୮୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଏହି ବର୍ଷ ଉନ୍ନତ ମାନର ବେଞ୍ଚ ଡେସ୍କର ବ୍ୟବସ୍ଥା କରା ଯାଇଛି। ଶ୍ରୀ ସାମନ୍ତ ସ୍କୁଲ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା ପରେ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷୟିତ୍ରୀ ବ୍ରଜି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବର୍ଷ ଆଦାନୀ ଫାଉଣ୍ଡେସନ ତରଫରୁ ୪ଟି ସ୍କୁଲରେ ୩୦୦ ଛାତ୍ରଛାତ୍ରୀଙ୍କ ନିମନ୍ତେ ବେଞ୍ଚ ଡେସ୍କ ଦିଆ ହୋଇଛି। ଏହାସହ ୧୫ ଅଙ୍ଗନବାଡି ସେଣ୍ଟରରେ ୨୦୦ ପିଲାଙ୍କ ନିମନ୍ତେ ଚେୟାର ଟେବୁଲର ବ୍ୟବସ୍ଥା କରାଯାଉଛି।

## କେଶାଇପାଲି ହାଇସ୍କୁଲରେ ବନ ମହୋତ୍ସବ



ଭଟଲି,୭।୭(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ କେଶାଇପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ 'ମାଁ ପାଇଁ ଗଛଟିଏ ୨.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଧାରାମ ଭୋଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଇକୋକ୍ଲବ୍ ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ ଓ କ୍ରୀଡା ଶିକ୍ଷୟିତ୍ରୀ ଦେବଦତ୍ତା ପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ବଉଳ, କରଞ୍ଜ, ନିମ୍ବ, ଅଁଳା ଆଦି ଚାରାରୋପଣ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ବଡପଣ୍ଡା, ନିରୂପମା ଭୋଇ, ଲତା ସାହୁ, ବିନତି ପାଣିଗ୍ରାହୀ, ଉମାରାଣୀ ବେହେରା, ଭାଗ୍ୟଶ୍ରୀ ଦାଶ, ଆରତି ବିଶି, ସାଇସ୍ମିତା ନାଏକ, ଭୂମିସୂତା ଭୁଏ, ବିନାତା ସାହୁ, ନୃସିଂହ ଇକୋକ୍ଲବ୍ ଓ ୟୁଥ୍ ଏଣ୍ଡ ଇକୋ କ୍ଲବ୍‌ର ସଦସ୍ୟ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଦେବଦତ୍ତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ଛାତ୍ରୀଙ୍କୁ 'ଫିଡ୍'ର ଶିକ୍ଷା ସହାୟତା

ବରଗଡ଼,୭।୭(ସମିସ): ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ୍ (ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଏଣ୍ଡ ଇକୋନୋମିକ୍ ଡେଭେଲପମେଣ୍ଟ)' ତରଫରୁ ସୋହେଲା ବ୍ଲକ୍ ଅଧୀନ ସରକଣ୍ଡା ଗାଁର ଚନ୍ଦ୍ରକାନ୍ତି ହିଆଲ ଏବଂ ବରପାଲି ବ୍ଲକ୍ ଅଧିନ ଜୁଲଟ ଗାଁର ଲକ୍ଷ୍ମୀରାଣୀ କୁମ୍ଭାରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ରାଶି ସୋମବାର ଯୋଗାଇ ଦିଆଯାଇଛି।



ଚନ୍ଦ୍ରକାନ୍ତି ଝାରସୁଗୁଡ଼ାର ଲକ୍ଷ୍ମୀ ନାରାୟଣ ଡିଗ୍ରୀ କଲେଜରେ ପିଜି ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ନାମ ଲେଖାଇବା ପାଇଁ ୧୯,୨୯୫ ଟଙ୍କାର ଆବଶ୍ୟକତା ହେଉଥିଲା। ସେହିପରି ଲକ୍ଷ୍ମୀରାଣୀ ଆନ୍ଧ୍ରା କେଶରୀ କଲେଜରେ ବିଇଡି ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ଓ ୧୫ ହଜାର ଟଙ୍କାର ଆବଶ୍ୟକତା ହେଉଥିଲା। ମାତ୍ର ଉଭୟଙ୍କ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥା ତାଙ୍କର ପାଠପଢ଼ାରେ ପ୍ରତିବନ୍ଧକ ସାଜିଥିଲା। ତେଣୁ ସେମାନେ ଫିଡ୍ ଟ୍ରଷ୍ଟର ଦ୍ୱାରସ୍ଥ ହୋଇଥିଲେ। ଫିଡ୍ ଟ୍ରଷ୍ଟର ଚେୟାରମ୍ୟାନ ଫଣୀନ୍ଦ୍ର ତାଣ୍ଡି ଚନ୍ଦ୍ରକାନ୍ତି ଓ ଲକ୍ଷ୍ମୀରାଣୀଙ୍କର ପାରିବାରିକ ସ୍ଥିତିର ଅନୁଧ୍ୟାନ କରିଥିଲେ। ଟ୍ରଷ୍ଟର ଅନ୍ୟ ସଦସ୍ୟ ସୁବାସ ତାଣ୍ଡି, କ୍ରୀଷ୍ଣା ସୁନା, ପ୍ରଦୀପ ନାଗ ଓ ଈଶ୍ୱର ନାଗଙ୍କ ସହିତ ସରକଣ୍ଡା ଓ ଜୁଲଟ ଗାଁକୁ ଯାଇ ଚନ୍ଦ୍ରକାନ୍ତି ଏବଂ ଲକ୍ଷ୍ମୀରାଣୀ ଉଭୟଙ୍କୁ ଦଶ ଦଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।

## ବଜ୍ରପାତ ଓ ସାପ କାମୁଡ଼ା ସଚେତନତା



ପଦ୍ମପୁର,୭।୭(ସମିସ): ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗାଁର 'ସଚେତନ ହେମା' ଅନୁଷ୍ଠାନ ଦ୍ୱାରା ବ୍ଲକ୍ କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ବୀଣା କାଳିଆ ନୃତ୍ୟ ମାଧ୍ୟମରେ ବଜ୍ରାଘାତ ଓ ସାପ କାମୁଡା ସଚେତନା କାର୍ଯ୍ୟକ୍ରମ କରାଯାଉଛି। ପୁରାତନ ଲୋକନୃତ୍ୟ ଶୈଳୀ ଲୋକଙ୍କ ଦ୍ୱାରା ବେଶ ଆଦୃତ ହେଉଛି। ମୁଣ୍ଡୋମହୁଲ, ଲେଦ୍ରାପାଲି ଆଦି ଡ଼ଙ୍ଗର ତଳ ଗାଁରେ ଏହି କାର୍ଯ୍ୟକ୍ରମ ହୋଇ ଯାଇଛି। ନାଟ୍ୟକାର ରାଜ ସାହୁ ପାଣ୍ଡୁଲିପି ପ୍ରସ୍ତୁତ କରିଥିବା ବେଳେ କାର୍ତ୍ତିକ ମହାନନ୍ଦ ଓ ସାଥି ସଙ୍ଗୀତ ପରିଚାଳନା କରିଥିଲେ। ବୀଣାକାଳିଆ ରୂପକୁ ଲୋକେ ଖୁବ ପସନ୍ଦ କରିଥିଲେ।

## ବନଖଣ୍ଡସ୍ତରୀୟ ବନ ମହୋତ୍ସବ



ଦେବଗଡ଼,୭।୭(ସମିସ): ଦେବଗଡ଼ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୋମବାର ୭୬ ତମ ବନଖଣ୍ଡ ସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ଫରେଷ୍ଟ ବାରାକ ପରିସରରେ ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରାଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ସ୍ୱାଧୀନତା ସାହାଣୀ, ସମ୍ମାନିତ ଅତିଥି ଭାବେ କେନ୍ଦୁପତ୍ର ବିଭାଗ ଅତିରିକ୍ତ ବନ ସଂରକ୍ଷକ ସଚ୍ଚିନ ପ୍ରଧାନ ଓ ଅବୈତନିକ ୱାଇଲ୍ଡ ଲାଇଫ ୱାର୍ଡେନ ଲଳିତ ମୋହନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ବିଷୟବସ୍ତୁ 'ମା, ମାଟି, ମନୁଷ୍ୟ ପାଇଁ ଏକ ଗଛ ଲଗାଇବା'ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପ୍ରତିଟି ଜନ ସାଧାରଣ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ପ୍ରତି ନିଜକୁ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ବାରକୋଟ ବନାଞ୍ଚଳ ଅଧୀନ ଭାଲୁପାଲି ବନ ସୁରକ୍ଷା ସମିତି ଓ ଖମାର ବନାଞ୍ଚଳ ଅଧୀନ ଖୋଲାମୁଣ୍ଡା ବନସୁରକ୍ଷା ସମିତିକୁ ବାନାଗ୍ନି, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ସ୍ୱରୂପ ମାନପତ୍ର ଓ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ସଭା ପରେ ଅତିଥି, ବିଭାଗୀୟ କର୍ମଚାରୀ ଓ ଉପସ୍ଥିତ ଜନ ସାଧାରଣଙ୍କ ଦ୍ୱାରା ଶତାଧିକ ଚାରାରୋପଣ ହୋଇଥିଲା।

## ନିର୍ବାଚନ ପ୍ରକ୍ରିୟାକୁ ଶୁଦ୍ଧ କରିବାକୁ ଦିନିକିଆ ପ୍ରଶିକ୍ଷଣ



ଦେବଗଡ଼,୭।୭(ସମିସ): ନିର୍ବାଚନ ପ୍ରକ୍ରିୟାରେ ବୁଥ୍‌ସ୍ତରର ଶକ୍ତିଶାଳୀ ସଂଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଭାରତ ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ବରକୋଟ ବ୍ଲକ୍‌ରେ ବିଏଲଓ ମାନଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଉପସ୍ଥିତ ରହିଥିଲେ। ସେ ବିଏଲଓ ମାନଙ୍କ ଭୂମିକା, ସତର୍କତା ଓ ତାଲିକା ଶୁଦ୍ଧିକରଣ ପ୍ରକ୍ରିୟାରେ ତାଙ୍କର ଦକ୍ଷତା ବୃଦ୍ଧି ପ୍ରତି ଗୁରୁତ୍ୱ ଦେଇଥିଲେ। ପରେ ବାରକୋଟ ବିଡିଓ ସିଦ୍ଧେଶ୍ୱର ନାୟକ, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବାରିହା, ସୌମିତ୍ରି ପ୍ରଶାଦ ଦେହୁରୀ ସିଆରସିସି ଫଗୁ ପାତ୍ର, ଅଜୟ ବେହେରା ଓ ତମ୍ବରୁଧର ସାହୁ ବିଏଲଓ ମାନଙ୍କୁ ତାଙ୍କ ଦୈନିକ କାର୍ଯ୍ୟ, ଫର୍ମ ୬, ୬ ଇ, ୭, ୮ର ସଠିକ ବ୍ୟବହାର, ମାନ୍ୟତା ନିୟମ, ତ୍ରୁଟି ସଂଶୋଧନ ଓ ମାନବ ଅଧିକାର ସମ୍ବନ୍ଧିତ ମାମଲାରେ ସଚେତନ କରିଥିଲେ। ସେହିପରି ନିଜ କାର୍ଯ୍ୟକୁ ଆଧୁନିକ ଟେକ୍ନୋଲୋଜି ସହିତ ସମନ୍ୱୟ କରିବା ପାଇଁ ବିଏଲଓ ଆପ୍ ଓ ଭିଏଚଏ ଆପ୍ ବ୍ୟବହାର ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା। ମୋଟ ୩୯ ଜଣ ବିଏଲଓ ଏହି ପ୍ରଶିକ୍ଷଣରେ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

ଦେବଗଡ଼,୭।୭(ସମିସ): ବାରକୋଟ ଥାନା ଅଧୀନ ବାଲିରୋଇ ଓ ପଢ଼ିଆନାଳି ଗାଁ ନିକଟସ୍ଥ ରାଜକଟା ଠାରେ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଦେଇଛି। ଏ ନେଇ ଗ୍ରାମବାସୀ ଗ୍ରାମରକ୍ଷୀଙ୍କୁ ସୂଚନା ଦେଇଥିଲେ। ଗ୍ରାମରକ୍ଷୀଙ୍କ ସୂଚନା ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଆଗାମୀ ୭୨ ଘଣ୍ଟା ପର୍ଯ୍ୟନ୍ତ ପୁଲିସ ମୃତଦେହକୁ ନିଜ ହେପାଜତରେ ସଂରକ୍ଷିତ ରଖିବ। ଏହି ସମୟ ମଧ୍ୟରେ ମୃତଦେହର ଦାବିଦାର ନ ଆସିଲେ ପୁଲିସ ପକ୍ଷରୁ ଶେଷକୃତ୍ୟ କରାଯିବ।

## ସାର୍ବଜନୀନ ଗଣେଶ ମେଳା କମିଟିର ବୈଠକ

### କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସ୍ଥଗିତ

ଦେବଗଡ଼,୭।୭(ସମିସ): ଦେବଗଡ଼ ସାର୍ବଜନୀନ ଗଣେଷ ମେଳା କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସଭାପତି ଉମାଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବବର୍ଷ ଆୟବ୍ୟୟ ହିସାବ ଉପସ୍ଥାପନ କରାଯିବା ପରେ ଏହାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ସେହିପରି ଗଣେଷ ମଣ୍ଡପରେ ସ୍ଥାୟୀ ମୂର୍ତ୍ତି ସ୍ଥାପନକୁ ବୈଠକରେ ସ୍ୱାଗତ କରାଯାଇଥିଲା। ତେବେ ଚଳିତ ବର୍ଷର କର୍ମକର୍ତ୍ତା ମନୋନୟ ପରବର୍ତ୍ତୀ ବୈଠକରେ କରାଯିବାକୁ ଆଲୋଚନା ପରେ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବା କମିଟି ସମ୍ପାଦକ ସୁରଞ୍ଜିତ ମହାପାତ୍ର ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି।



## ପୋଖରୀରେ ବୁଡ଼ି ଯୁବକ ମୃତ

ଦେବଗଡ଼/ରିଆମାଳ,୭।୭(ସମିସ): ରିଆମାଳ ଥାନା ଅଧୀନ କତ୍ରାପାଲି କିଷାନ ସାହିର ଜଣେ ଯୁବକ ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। କତ୍ରାପାଲିର କୃଷ୍ଣ ମାଝୀ (୪୫) ମଧ୍ୟାହ୍ନରେ ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥବା ବେଳେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ଘଟଣା ପରେ ପରିବାର ସଦସ୍ୟ ମାନେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଛତାବର୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ସ୍ତ୍ରୀ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ରିଆମାଳ ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଦେବଗଡ଼,୭।୭(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୧୭ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୨ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ପୁନର୍ବାର ବିଦ୍ୟାଳୟ ଖୋଲିବା, ଜମିବାଡ଼ି ବିବାଦ, ପାନୀୟ ଜଳ, ମୋ ବସ ଯିବା ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରିଆମାଳ ଉଚ୍ଚ ବିଦ୍ୟାଳୟ ଛାତରୁ ଝରୁଛି ପାଣି

ଦେବଗଡ଼/ରିଆମାଳ,୭।୭(ସମିସ): ରିଆମାଳ ଉଚ୍ଚ ବିଦ୍ୟାଳୟ ଛାତରୁ ଝୁରୁଛି ପାଣି। ବିଦ୍ୟାଳୟର ଦରକାରୀ କାଗଜ ପତ୍ର, ବହିପତ୍ର, ଟେବୁଲ ଚେୟାର, କମ୍ପ୍ୟୁଟର ଆଦି ନଷ୍ଟ ହେବାରେ ଲାଗିଛି। ସୋମବାର ବାଧ ହୋଇ ଛାତ ମରାମତି ପାଇଁ ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇ ମୋ ସ୍କୁଲ ଅଭିଯାନ କମିଟି ଓ ଅଭିଭାବକ ମାନେ ଲିଖିତ ଅଭିଯୋଗ କରିଛନ୍ତି। କିଛି ଦିନ ହେଲା ରିଆମାଳ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ଫଳରେ ଚାରିଆଡ଼େ ପାଣି ଜମି ରହିଛି। ମାତ୍ର ପରିତାପର ବିଷୟ ବିଦ୍ୟାଳୟର ଛାତରୁ ପାଣି ଝରୁଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର



ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟର ବରଣ୍ଡା, ଷ୍ଟ୍ରଙ୍ଗ୍‌ରୁମ୍, ଇ-ପାଠାଗାର, ଶିକ୍ଷକ କମନ୍‌ରୁମ୍, ପ୍ରଧାନଶିକ୍ଷୟତ୍ରୀଙ୍କ କାର୍ଯ୍ୟାଳୟ, ବିଜ୍ଞାନ ଗାରରୁମ୍, ଟିଏଚ୍ ଲେବର, ଚାଉଳ ରଖାଯାଉ ଥିବା ଗୃହରେ ବର୍ଷା ଜଳ ଝରୁଛି ଓ ପାଣି ଜମି ରହୁଛି। ସେହି ରୁମ୍ ଗୁଡ଼ିକରେ ଥିବା ଦରକାରୀ ଜିନିଷ ନଷ୍ଟ ହେବାରେ ଲାଗିଛି। ବିଦ୍ୟାଳୟଟି ୧୯୬୪ ମସିହାରେ ସ୍ଥାପିତ ହୋଇ ୬୧ ବର୍ଷ ହୋଇଗଲାଣି। ୯ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ରହି ପାଠପଢ଼ାଉ ଥିବା ବେଳେ ୧୭୭ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟଟି ସର୍ବ ପୁରାତନ ଅଟେ। ଏହାର କୋଠାଘର ଗୁଡ଼ିକ ଦୁର୍ବଳ ହୋଇ ଗଲାଣି। ପୂର୍ବରୁ ମରାମତି ପାଇଁ ପ୍ରଶାସନ ନିକଟରେ ଦାବି କରି ଆସିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନାହାଁନ୍ତି।

ତୁରନ୍ତ ଏହାର ମରାମତି କରିବାକୁ ମୋ ସ୍କୁଲ ଅଭିଯାନର ସଭାପତି ଯୋଗେଶ୍ୱର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ସମେତ ଅଭିଭାବକ ମାନେ ଅଭିଯୋଗ କରିଥିଲେ। ବିଡିଓ ଆଦିତ୍ୟ ପଣ୍ଡା ଅଭିଯୋଗ ପତ୍ର ଗ୍ରହଣ କରି ଏହାର ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବର୍ଷା ଯୋଗୁଁ ଝାରସୁଗୁଡ଼ା କ୍ଷୟକ୍ଷତିର ସମୀକ୍ଷା

ଝାରସୁଗୁଡ଼ା,୭।୭(ସମିସ): ଝାରସୁଗୁଡ଼ାରେ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା ଅନୁଷ୍ଠିତ ହୋଇଛି। ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଅବୋଲି ସୁନୀଲ ନରୱେଣେ, ଏସପି ସ୍ମିଥ, ପି ପରମାର, ଜାତୀୟ ରାଜପଥ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରର ଲଇକେରା ବ୍ଲକ୍‌ରେ ୬ଟି ବନ୍ଧ ଭାଙ୍ଗିବା ସହ ପ୍ରାୟ ୪ଟି ରାସ୍ତା ଓ ବ୍ରିଜ ଭାଙ୍ଗିଛି। ସେହିପରି କିର୍ମିରା ବ୍ଲକ୍‌ର ୧୯ ଟି ବନ୍ଧ ଭାଙ୍ଗିବା ସହ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି।



ଝାରସୁଗୁଡ଼ା ପୌରପରିଷଦର ପୁରୁଣାବସ୍ତିରେ ଥିବା ସବୁଠୁ ପୁରୁଣା ବନ୍ଧ ମଧ୍ୟ ଭାଙ୍ଗି ଯାଇ ଚାଷ ନଷ୍ଟ ହୋଇଥିବା ବିଧାୟକ ପ୍ରକାଶ କରିଛନ୍ତି। ଯେଉଁ ସ୍ଥାନରେ ବନ୍ଧ ଭାଙ୍ଗିଛି ସେଇ ସ୍ଥାନରେ ବାଲି ବସ୍ତା ଓ ମାଟି ପକାଯାଇ ସେଗୁଡ଼ିକୁ ପୁନଃ ନିର୍ମାଣ କରାଯିବ। ଏହାସହ ଧୋଇ ହୋଇଥିବା ରାସ୍ତାକୁ ମଙ୍ଗଳବାର ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ। ପୁନଃ ନିର୍ମାଣର ଆବଶ୍ୟକତା ଥିବାରାସ୍ତାର ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ଝାରସୁଗୁଡ଼ାରେ ବର୍ଷା ଯୋଗୁଁ ହୋଇଥିବା। କ୍ଷୟକ୍ଷତି ବିଷୟରେ ରାଜସ୍ୱମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି। ସେହିପରି ଜାତୀୟ ରାଜପଥ-୪୯ ରାସ୍ତା କାମ ଚାଲିଥିବା ୨ଟି ସ୍ଥାନରେ ବାଡ଼ ଭାଙ୍ଗି ପାଉଁଶ ମାଡ଼ି ଯାଇଛି। ସେ ସ୍ଥାନରେ ମାଟି ଭର୍ତ୍ତି କରିବା ପାଇଁ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଚାଷୀଙ୍କ ଜମିରେ ପାଉଁଶ କିମ୍ବା ବାଲି ମାଡ଼ିଛି ତାକୁ ଉଠାଯିବା ସହ ଚାଷୀଙ୍କୁ କ୍ଷତିପୁରଣ ପ୍ରଦାନ କରାଯିବ ବୋଲି ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯେଉଁ ମାନଙ୍କ ଘର ଭାଙ୍ଗିଛି ସେମାନଙ୍କୁ ମଧ୍ୟ ଉଚିତ କ୍ଷତିପୁରଣ ଦିଆଯିବ ବୋଲି ବିଧାୟକ ସୂଚନା ଦେଇଥିଲେ।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା।
-ସୁନ୍ ଜୁ

ସକାଳ
THE SAKALA

## ତୁର୍କୀ ବିରୋଧୀ କୂଟନୀତି

ଛୋଟ ସଫଳତା ହେଲେ ମଧ୍ୟ ଅନୁଭବ ବଡ଼। 'ଅପରେସନ ସିନ୍ଦୂର' ପ୍ରେକ୍ଷାପଟରେ ତୁର୍କୀ ଓ ଆଜରବାଇଜାନ୍ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ବିଶେଷକରି ତୁର୍କୀର ସାମରିକ ସାହାଯ୍ୟ ପ୍ରଦାନ ଭାରତର କୂଟନୈତିକ ବିଫଳତାକୁ ଇଙ୍ଗିତ କରୁଥିଲା। ଯୁଦ୍ଧ ବିରାମ ପରେ ଭାରତ ଏହି ଦୁଇ ରାଷ୍ଟ୍ର ବିରୋଧରେ ବାଣିଜ୍ୟିକ ଓ କୂଟନୈତିକ ସ୍ତରରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏଥିମଧ୍ୟରେ ଭାରତ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପରେ ନିଜର ସ୍ଥିତି ଜାହିର କରିଛି। ଗ୍ରୀସ, ସାଇପ୍ରସ୍ ଓ ଆର୍ମେନିଆ ସହ ଭାରତର ନିବିଡ଼ ସଂପର୍କକୁ 'ମିନିକ୍ୱାଡ୍' ର ରୂପରେଖ ଦେଇଛନ୍ତି ପର୍ଯ୍ୟବେକ୍ଷକ ମହଲ। କେବଳ ରଣନୀତିକ ସହାୟତା ନୁହେଁ, ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଇବାର ପ୍ରତିଶ୍ରୁତି ମଧ୍ୟ ଦେଇଛି ଭାରତ। ତୁର୍କୀର ବଡ଼ଭାଇପଣିଆ ବିରୋଧରେ ରୋକ୍ ଲଗାଇବାରେ ଏହି ସଂପର୍କ ସହାୟକ ହେବ।

ତୁର୍କୀ ଓ ଆଜରବାଇଜନ୍ ସହ ଏକାଧିକ ବିବାଦରେ ଜଡ଼ିତ ଥିବା ଆର୍ମେନିଆ, ସାଇପ୍ରସ୍ ଓ ଗ୍ରୀସ୍ ପରସ୍ପର ମଧ୍ୟରେ ସହଯୋଗ ଓ ସାମରିକ ବୁଝାମଣା ମାଧ୍ୟମରେ ପ୍ରତିକୂଳ ପରିସ୍ଥିତିର ମିଳିତ ମୁକାବିଲା ସକାଶେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥିବା ବେଳେ ଭାରତର କୂଟନୈତିକ ସଂପର୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିଛି। 'ଅପରେସନ ସିନ୍ଦୂର'ରେ ଭାରତ ତାହାର ସାମରିକ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ତୁର୍କୀ ସହ ମୁକାବିଲା ପାଇଁ ଏହି ସଂପର୍କର ଭିତ୍ତିଭୂମି ଅଧିକ ସଫଳ ହୋଇଛି। ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବେପାରର ସୁଯୋଗ ସଂପ୍ରସାରିତ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ଇରାନ ଉପରେ ଇସ୍ରାଏଲର ଆକ୍ରମଣ ବେଳେ ତେହେରାନରେ ଅବସ୍ଥାନ କରୁଥିବା ଭାରତୀୟ ଛାତ୍ରଙ୍କୁ ନିରାପଦରେ ଫେରାଇ ଆଣିବା ଏତେ ସହଜ ନଥିଲା। ଏ କ୍ଷେତ୍ରରେ ଆର୍ମେନିଆ ସହଯୋଗରୁ ଦ୍ୱିପାକ୍ଷିକ ସଂପର୍କର ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହୋଇଛି। ଇରାନ୍‌ର ନୁରଦୁଜ୍ ଆଗାରାକ୍ ସୀମା ନିକଟରୁ ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ଉଦ୍ଧାର କରି ଆର୍ମେନିଆ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ପଠାଇ ପାରିସ୍ପରିକ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପ ଗସ୍ତରେ ଯାଇଥିଲେ। ତୁର୍କୀ ବିରୋଧୀ ରାଷ୍ଟ୍ରଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ଆଞ୍ଚଳିକ ସ୍ତରରେ ସେମାନଙ୍କୁ ସାମରିକ ଦୃଷ୍ଟିରୁ ସମୃଦ୍ଧ ଓ ସମର୍ଥ କରିବା ସକାଶେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଉତ୍ତର ସାଇପ୍ରସ୍‌ର ଯେଉଁ ଅଞ୍ଚଳ ତୁର୍କୀର ନିୟନ୍ତ୍ରଣରେ ଅଛି ତାହା ପରିଦର୍ଶନ କରି ମୋଦୀ ପରିସ୍ଥିତିର ଗମ୍ଭୀରତାକୁ ଅନୁଶୀଳନ କରିଛନ୍ତି। ସାଇପ୍ରସ୍‌ର ଆଞ୍ଚଳିକ ସଂହତି ଓ ସାର୍ବଭୌମିତା ପ୍ରତି ଭାରତର ଅତୁଟ ସମର୍ଥନକୁ ସେ ଆଲୋଚନା ପ୍ରସଙ୍ଗରେ ଦୋହରାଇଥିଲେ। ଦ୍ୱିପାକ୍ଷିକ ସାମରିକ ସହଯୋଗର ସୂଚନା ଦେଇ ପ୍ରଧାନମନ୍ତ୍ରୀ ତୁର୍କୀକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ସାଇପ୍ରସ୍ ସହ ଭାରତର ପ୍ରତିରକ୍ଷା ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ବେପାର ଆଗକୁ ବଢ଼ିବାର ସୂଚନା ମିଳିଛି। ଏମିତିରେ ଗ୍ରୀସ ସହ ଭାରତର ସଂପର୍କ ଆଜିର ନୁହେଁ ବହୁଦିନର। ୨୦୨୩ ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ସେହି ସଂପର୍କ ଅଧିକ ସୁଦୃଢ଼ ହୋଇଛି। ଏଥେନ୍ସରେ ସେ ଘୋଷଣା କରିଥିଲେ ଯେ ଭାରତ ପାଇଁ ଗ୍ରୀସ ୟୁରୋପର ପ୍ରବେଶ ଦ୍ୱାର। ପ୍ରତିରକ୍ଷା କ୍ଷେତ୍ରରେ ଗ୍ରୀସ ସହ ଭାରତର ସଂପର୍କ ଓ ସହଯୋଗ ପୂର୍ବ ଭଳି ଏବେ ବଳବତ୍ତର ରହିଛି। ପାକିସ୍ତାନ ଓ ତୁର୍କୀ ସଂପର୍କ ନେଇ ଭାରତ ଓ ଗ୍ରୀସ ଉଦ୍‌ବେଗ ପ୍ରକାଶ କରିବା ସହ ପାରସ୍ପରିକ ବୁଝାମଣା ଓ ସହଯୋଗ ସକାଶେ ସହମତି ପ୍ରକାଶ କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ସୁଦୃଢ଼ ହୋଇଛି। ଏପରକି ଭାରତୀୟ ନୌବାହିନୀର ଯୁଦ୍ଧଜାହାଜ ଭୂମଧ୍ୟ ସାଗରରେ ବିଚରଣ କରୁଥିବା ବେଳେ ଗ୍ରୀସ ଉପକୂଳରେ ସାମୟିକ ଅବସ୍ଥାନ କରିଥାଏ। ଏହାକୁ ଦ୍ୱିପାକ୍ଷିକ ସଂପର୍କର ନିଦର୍ଶନ କୁହାଯାଇପାରେ।

ଆର୍ମେନିଆ, ଗ୍ରୀସ ଓ ସାଇପ୍ରସ ମଧ୍ୟରେ ୨୦୨୧ ଅଗଷ୍ଟ ୩୧ ରେ ସାମରିକ ସହଯୋଗ ସକାଶେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏମାନେ ମିଳିତ ପ୍ରତିରକ୍ଷା ରଣକୌଶଳ ପ୍ରଦର୍ଶନ କରିବା ସହ ନିଜ ନିଜ ମଧ୍ୟରେ ସାମରିକ ଜ୍ଞାନକୌଶଳ ବିନିମୟ କରିଥା'ନ୍ତି। ତୁର୍କୀ ଓ ଆଜରବାଇଜାନ ବିରୋଧରେ ଏହି ସାମରିକ ମେଣ୍ଟକୁ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ତେଣୁ ଏହାକୁ ଚୁତଃରାଷ୍ଟ୍ରୀୟ ମିନିକ୍ୱାଦ୍ ମାନ୍ୟତା ଦିଆଯାଇଛି। ଡ୍ରୋନ ଜ୍ଞାନକୌଶଳରେ ନିପୁଣତାର ସୁଯୋଗ ଦୃଷ୍ଟିରୁ ପାକିସ୍ତାନ ତୁର୍କୀଠାରୁ ସଂଗ୍ରହ କରିଥିବା ଡ୍ରୋନ ଭାରତ ବିରୋଧରେ ଉପଯୋଗ କରିଥିଲା। ତେବେ ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ଡ୍ରୋନ ଆକ୍ରମଣକୁ କେବଳ ପ୍ରତିହତ କରାଯାଇନି ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ଦିଆଯାଇଛି। ଏକ୍ଷେତ୍ରରେ ଚୀନର ସାମରିକ ଜ୍ଞାନକୌଶଳ ମଧ୍ୟ ପଛରେ ପଡ଼ିଯାଇଛି।

ଚୀନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟାଧୁନିକ ଜେଟ ଓ କ୍ଷେପଣାସ୍ତ୍ର ପାକିସ୍ତାନ ଭାରତ ବିରୋଧରେ ପ୍ରୟୋଗ କରିଥିଲେ ମଧ୍ୟ ଆକାଂକ୍ଷିତ ସଫଳତା ହାସଲ କରିପାରିନାହିଁ। ଏହା କେବଳ ଭାରତୀୟ ବିଶେଷଜ୍ଞଙ୍କ ଦାବି ନୁହେଁ ପାକିସ୍ତାନ ମନ୍ତ୍ରୀ ମୋହସିନ୍ ନକ୍‌ଭି ମଧ୍ୟ ଆଲୋଚନା ପ୍ରସଙ୍ଗରେ ସ୍ୱୀକାର କରିଛନ୍ତି। ସେ ଦୃଷ୍ଟିରୁ ଆମେରିକାର ସମର୍ଥନ ଲୋଡ଼ିଛି ପାକିସ୍ତାନ। ସାମରିକ ମୁଖ୍ୟ ମୁନୀରଙ୍କ ଆମେରିକା ଗସ୍ତ ପରେ ବାୟୁସେନାର ମୁଖ୍ୟ ଏୟାର ମାର୍ଶାଲ୍ ବାବର ଆମେରିକାରୁ କେଉଁ ଯୁଦ୍ଧ ବିମାନ ସଂଗ୍ରହ କରାଯିବ ସେ ନେଇ କଥାବାର୍ତ୍ତା ସକାଶେ ପେଣ୍ଟାଗନ ଗସ୍ତରେ ଅଛନ୍ତି। ଯୁଦ୍ଧ ବିରାମକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭୂମିକା ବିବାଦୀୟ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ଅସ୍ତ୍ରଶସ୍ତ୍ର ବେପାର ପାଇଁ ଏହା ତାଙ୍କର ସୁଚିନ୍ତିତ କୂଟନୈତିକ ଚାଲବାଜି କୁହାଯାଇପାରେ। କୂଟନୀତିରେ ଯଦି ବୈପାରିକ ସଂପର୍କ ଯୋଡ଼ି ହୋଇଯାଏ ତାହା ଯେଉଁ ବିଭ୍ରାନ୍ତି ଓ ବିଭ୍ରାଟ ସୃଷ୍ଟି କରେ ଏହି ଯୁଦ୍ଧ ବିରାମ ତାହାର ଏକ ନିଦର୍ଶନ। ●

## ଆନ୍ତରିକତା ରହିତ ଆମ ଶିକ୍ଷା ବ୍ୟବସ୍ଥା

ଅର୍ଜୁନ ଘଡ଼େଇ

ଯା'ବିଦ୍ୟା ସା ବିମୁକ୍ତୟେ' ପରି ମହତ୍ତ୍ୱପୂର୍ଣ୍ଣ ବାଣୀ ମଣିଷର ଶିକ୍ଷା ଲାଭ ପାଇଁ ମାନସିକତା ସୃଷ୍ଟି କରିଥାଏ। ପୁରାଣ ଯୁଗର ଗୁରୁକୁଳ ଆଶ୍ରମଠାରୁ ଅଦ୍ୟାବଧି ଶିକ୍ଷାର୍ଥୀମାନଙ୍କୁ ଉଚିତ ଶିକ୍ଷାଦାନ କରି ତାଙ୍କର ସୁସ୍ଥ, ସୁନ୍ଦର ଓ ନିରାମୟ ଜୀବନ ଗଠନରେ ବିଭିନ୍ନ ସମୟର ଆବଶ୍ୟକତା ନେଇ ବିବିଧ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ସମୟାନୁସାରେ ଏହି ବ୍ୟବସ୍ଥା ମଧ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପରିବର୍ତ୍ତନ ବି ଘଟିଛି। ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଏହା ସହାୟକ ହୋଇପାରିଛି କି ନାହିଁ ତାହା ଏକ ବିତର୍କିତ ପ୍ରଶ୍ନ। ସମୟର ଆହ୍ୱାନ, ବିସ୍ତୃତ ଜ୍ଞାନର ଅନୁପ୍ରବେଶ, ବୈଷୟିକ ଜ୍ଞାନ, ବିଜ୍ଞାନର ଅଭିବୃଦ୍ଧି, ସର୍ବୋପରି ଛାତ୍ରାଛାତ୍ରୀଙ୍କ ମାନସିକ ଚିନ୍ତାଧାରାକୁ ସୀମିତ ପରିଧିରେ ନରଖି ବିଶ୍ୱଚିନ୍ତାଭିମୁଖୀ କରିବା ପାଇଁ ବିଭିନ୍ନ ସମୟରେ ଯେଉଁ ଚିନ୍ତାଧାରାରେ ସରକାର ଶିକ୍ଷାବ୍ୟବସ୍ଥାକୁ ଯେପରି ନିୟନ୍ତ୍ରଣ କରିବାକୁ ଚାହିଁଛନ୍ତି ତାକୁ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା କରିଛନ୍ତି। ସାଧାରଣ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଏହାକୁ ସାଦରେ ଗ୍ରହଣ କରିନେବାକୁ ବାଧ୍ୟ ହୋଇଛନ୍ତି।

ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ, ବିଶେଷକରି ପ୍ରାଥମିକଠାରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ, ଆମ ଉପରେ ଯେଉଁ ଶିକ୍ଷା ବ୍ୟବସ୍ଥା ଲଦି ଦିଆଯାଇଛି, ସେଥିରୁ ମନେହୁଏ ଏବେ ବି ଶିକ୍ଷାକୁ 'ସାର୍ବଜନୀନ' କରାଯାଇପାରିନାହିଁ। ସବୁ ପିଲାଙ୍କୁ ଶିକ୍ଷାୟତନକୁ ଅଣାଯାଇପାରିନି। ପ୍ରାଥମିକଠାରୁ ମାଧ୍ୟମିକ ଶିକ୍ଷାରେ 'ଡ୍ରପ୍ ଆଉଟ୍' ସଂଖ୍ୟା କମିନି। ଉଚ୍ଚଶିକ୍ଷାରେ ନାମଲେଖା ସିଟ୍ ଖାଲି ପଡୁଛି। ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ କମୁଛି। ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା, ତର୍କ, ବ୍ୟବସ୍ଥା ଚାଲୁଛି। ତଥାପି ସମସ୍ୟାର ସମାଧାନ ହେଉନାହିଁ। ଏଭଳି ପରିସ୍ଥିତିରେ ଶିକ୍ଷକର ଶିକ୍ଷାଦାନ ପ୍ରତି ଆନ୍ତରିକତାର ଅଭାବ ସହିତ ଶିକ୍ଷାର୍ଥୀଙ୍କର ବିଦ୍ୟାଳୟକୁ ଆସି ଶିକ୍ଷାଗ୍ରହଣ କରିବାର ମାନସିକତା ଓ ଆଗ୍ରହ ହ୍ରାସ ପାଉଛି। ବିଶେଷ କରି ସରକାରୀ ବିଦ୍ୟାଳୟରେ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି। ଉପଯୁକ୍ତ ଶିକ୍ଷା ମିଳୁଥିଲେ କୋଚିଙ୍ଗ୍ ସେଣ୍ଟର ମୁହାଁ ପିଲାମାନେ ହୁଅନ୍ତି କାହିଁକି?

ନିଜର ସଂଚିତ ଜ୍ଞାନକୁ କଳା, କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଆନ୍ତରିକ ଓ ସମର୍ପିତ ଭାବେ ଉପସ୍ଥାପନ କଲେ ଶିକ୍ଷାଦାନ ସଫଳ ହୁଏ। ଶିକ୍ଷାର୍ଥୀଟିଏ ଶିକ୍ଷକର ଶିକ୍ଷାଦାନକୁ ସହଜରେ, ସନ୍ଦେହମୁକ୍ତ ଭାବେ ବୁଝିପାରିଲେ ଶିକ୍ଷା ଗ୍ରହଣ ସାର୍ଥକ ହୁଏ। ଏକଥା ଅତୀତର ଶିକ୍ଷକମାନେ ଭଲ ଭାବରେ ଜାଣିଥିଲେ। ସେମାନଙ୍କର ଅତ୍ୟଧିକ ଶିକ୍ଷାଗତ ଯୋଗ୍ୟତା ନଥିଲା। ସ୍ୱଳ୍ପ ବେତନପ୍ରାପ୍ତ ସେହି ଶିକ୍ଷକମାନେ ଆର୍ଥିକ ଅଭାବ, ଅନଟନ, ସମସ୍ୟା ଭିତରେ ବି ନିଜ ଛାତ୍ରଛାତ୍ରୀମାନଙ୍କୁ କିପରି ଉଚିତ ଶିକ୍ଷା ଦିଆଯାଇପାରିବ, ସେମାନେ ଚରିତ୍ରବାନ୍, ଶୃଙ୍ଖଳିତ ହେବା ସହ ଭଲ ମଣିଷ ହୋଇ ସମାଜରେ ମୁଣ୍ଡଟେକି ଛିଡ଼ା ହେବେ, ସେଥିପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଫଳରେ ସେ ସମୟର ଛାତ୍ରସମାଜ ଏତେ ବିଶୃଙ୍ଖଳିତ ନଥିଲେ। ଆଜିର ଶିକ୍ଷକମାନେ ଅତି ଉଚ୍ଚଶିକ୍ଷିତ। କିନ୍ତୁ ସେମାନଙ୍କ ଭିତରେ ଶିକ୍ଷାଦାନ ପାଇଁ ବୋଧହୁଏ ସମର୍ପିତ ଭାବନା ନାହିଁ କିମ୍ବା ବିବିଧ ସମସ୍ୟାରେ ଜର୍ଜରିତ ହୋଇ ନିଜର କର୍ତ୍ତବ୍ୟବୋଧ ହରାଇଛନ୍ତି। ଅତୀତର ଶିକ୍ଷକମାନେ ଶିକ୍ଷା ନୀତି, ଶିକ୍ଷାବ୍ୟବସ୍ଥା, ସରକାରୀ ନିର୍ଦ୍ଦେଶନାମା ଇତ୍ୟାଦି ସଂପର୍କରେ ଅଧିକ ଆଲୋଚନା, ତର୍ଜମା ନକରି ଶ୍ରେଣୀକକ୍ଷରେ ଉତ୍ତମ ଶିକ୍ଷାଦାନ ପାଇଁ ଚିନ୍ତା କରୁଥିଲେ। ଏବେ ଏତେ ସରକାରୀ ନିର୍ଦ୍ଦେଶନାମା ଯେ ତା'ର ଅଧ୍ୟୟନ କରିବା ଓ ଉତ୍ତର ଦେବାରେ ଶିକ୍ଷକମାନଙ୍କର ଓ ବିଦ୍ୟାଳୟ ମୁଖ୍ୟଙ୍କର ଅନେକ ସମୟ ବିନିଯୋଗ ହେଉଛି। ବୋଧହୁଏ ଏଇ ସରକାରୀ କାର୍ଯ୍ୟ କରିବାର ବାଧ୍ୟବାଧକତାରୁ ଶିକ୍ଷକମାନେ ସଂପୂର୍ଣ୍ଣ ସମୟ ଶିକ୍ଷାଦାନ କରିବାରେ ସମର୍ଥ ହେଉ ନାହାନ୍ତି। ଏହା ଆମେ ସମସ୍ତେ ଜାଣୁଛେ, ଅନୁଭବ କରୁଛେ, କିନ୍ତୁ ଏଥିରେ କିଏ ଅଙ୍କୁଶ ଲଗେଇବାକୁ ସମର୍ଥ ହେବ ଏହାହିଁ ପ୍ରଶ୍ନବାଚୀ।

ସମସ୍ୟା କେବଳ ଶିକ୍ଷାଦାନରେ ନୁହେଁ। ଆମ ଆଗରେ ବିଭିନ୍ନ ଶ୍ରେଣୀର ବିଦ୍ୟାଳୟ ପ୍ରତିଷ୍ଠିତ ହେଇଛି ଓ ହେଉଛି ମଧ୍ୟ। ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ, ଅଣଅନୁଦାନ ପ୍ରାପ୍ତ, ସ୍ୱୀକୃତି ପ୍ରାପ୍ତ, ଅଣସ୍ୱୀକୃତି ପ୍ରାପ୍ତ, ଟ୍ରଷ୍ଟ ବା ସଂଗଠନ ପରିଚାଳିତ ଅନେକ ବିଦ୍ୟାଳୟ ଖୋଲିଛି। ଏଥିରେ ଶିକ୍ଷକ ନିଯୁକ୍ତି, ଦରଦାମରେ ତାରତମ୍ୟ, କ୍ୟାଡର, ଏକ୍ସ କ୍ୟାଡର, ବିଭିନ୍ନ ଶ୍ରେଣୀର ଶିକ୍ଷକ ନିଯୁକ୍ତି ସମସ୍ୟା ଏତେ ଅଧିକ ଯେ ସମସ୍ୟାର ସମାଧାନ ପାଇଁ ଅନେକ ଶିକ୍ଷକ ବିଦ୍ୟାଳୟ ଛାଡ଼ି ରାଜରାସ୍ତାରେ ଦିନ ଦିନ, ମାସ ମାସ ଧରି ଆନ୍ଦୋଳନ କରନ୍ତି କିମ୍ବା କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରନ୍ତି। ସେମାନଙ୍କର ବିଦ୍ୟାଳୟରେ କ୍ରମାଗତ ଅନୁପସ୍ଥିତି କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସୁବିଧା ସତ୍ତ୍ୱେ ସାଧାରଣ ଲୋକଟି ଗାଁର ସରକାରୀ ବିଦ୍ୟାଳୟରେ ନିଜ ପିଲାଟିକୁ ନାମ ଲେଖାଇବା ପରେ ଦେଖୁଛି ଅଧିକାଂଶ ସମୟରେ ତା'ପିଲା ସ୍କୁଲ ବାହାରେ ଖେଳୁଛି କିମ୍ବା ବୁଲୁଛି କିମ୍ବା ଘରେ ରହୁଛି। ତେଣୁ ଏପରି ବିଦ୍ୟାଳୟଟି ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଆଶା, ଭରସା କେମିତି ରହିବ? ସେଥିପାଇଁ ଯେତେ ଅସୁବିଧା ପଛେ ହେଉ ଘରୋଇ ବିଦ୍ୟାଳୟରେ ହିଁ ନାମ ଲେଖାଇବା ପାଇଁ ସେ ଆଗ୍ରହୀ ହେଉଛି। ଏସବୁ ପ୍ରତି କ'ଣ ନୀତି ନିୟମ ପ୍ରଣୟନ କରୁଥିବା ସରକାରୀ ଅଧିକାରୀ କିମ୍ବା ସରକାର ଅବଗତ ନାହାନ୍ତି? ଅବଗତ ଥିଲେ ବି ଶିକ୍ଷାବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଆନ୍ତରିକ ଉଦ୍ୟମ ନାହିଁ ଏହା ସୁନିଶ୍ଚିତ।

ସେ ଯେଉଁପ୍ରକାର ସ୍କୁଲ ହେଉନା କାହିଁକି, ଏପରି ଏକ ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠାରେ କି ରାଜନୈତିକ ହସ୍ତକ୍ଷେପ ହେଉନାହିଁ। ଶିକ୍ଷକ ନିଯୁକ୍ତିଠାରୁ ବଦଳି ପର୍ଯ୍ୟନ୍ତ ସବୁ ସେମାନଙ୍କ ପ୍ରଭାବରେ ଓ ନିର୍ଦ୍ଦେଶରେ ହୋଇଥାଏ। ଶିକ୍ଷାଧିକାରୀମାନେ ନିରବଦ୍ରଷ୍ଟା ଭାବେ କାର୍ଯ୍ୟ କରନ୍ତି। ଅଯଥାରେ ଶିକ୍ଷକମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେମାନଙ୍କୁ ମାନସିକ ନିର୍ଯାତନା ଦେଲେ ଶିକ୍ଷକମାନେ ସୁସ୍ଥ ମନରେ ଶିକ୍ଷା ଦେବାକୁ ସମର୍ଥ ହେବେ କିପରି? ଅବଶ୍ୟ ଏମିତି ରାଜନେତା ବି ଥିବେ ବା ଏପରି ଶିକ୍ଷାନୁଷ୍ଠାନ ବି ଥାଇପାରେ, ଯେଉଁଠି ରାଜନୈତିକ ହସ୍ତକ୍ଷେପ ହେଉ ନଥିବ। ଏପରି ବିଦ୍ୟାଳୟ ଆଜିର ସମାଜରେ ବିରଳ ନିଶ୍ଚୟ। ଗାଁର ୱାର୍ଡ ମେମ୍ବର, କାଉନସିଲରଙ୍କଠାରୁ ଆରମ୍ଭ କରି ଉଚ୍ଚସ୍ତରର ରାଜନେତାମାନେ ସେମାନଙ୍କ ବିଦ୍ୟାଳୟରେ ସୁସ୍ଥ ପରିବେଶ ସୃଷ୍ଟି କଲେ ତାଙ୍କ ପିଲାମାନେ ସରକାରୀ ସୁବିଧା ସୁଯୋଗ ପାଇଁ ଭଲ ପଢ଼ନ୍ତେ - ଏକଥା କ'ଣ ଆମେ ଭାବିବା ଉଚିତ ନୁହେଁ? ସରକାରୀ ସ୍କୁଲରେ ଭଲ ପାଠ ପଢ଼ା ହେଉନି ଅର୍ଥ ଶିକ୍ଷକମାନେ ପାଠ ପଢ଼ାଉ ନାହାନ୍ତି କେବଳ ଦରମା ପାଇଁ ଆସୁଛନ୍ତି, ଏପରି ଭାବନା ଆମ ଶିକ୍ଷାବ୍ୟବସ୍ଥା ସହିତ ଜଡ଼ିତ ସମସ୍ତଙ୍କୁ ଆଘାତ ଦେଉଥିବ ନିଶ୍ଚୟ। କିନ୍ତୁ ଏ ସମସ୍ୟାର ସମାଧାନ କିଏ କରିବ? ସବୁସ୍ତରରେ ଆନ୍ତରିକତାର ଅଭାବ ପରିଦୃଷ୍ଟ।

ଅନୁରୂପ ଭାବେ ଶିକ୍ଷାଧିକାରୀମାନେ ମଧ୍ୟ ଶାସନ ବ୍ୟବସ୍ଥା ଭିତରେ ଶିକ୍ଷାର ମହାନ ଆଦର୍ଶକୁ କାର୍ଯ୍ୟକାରୀ କରିବାରେ ନିଷ୍ଠାପର ମନୋଭାବ ନରଖି କେବଳ ସରକାରୀ ନିର୍ଦ୍ଦେଶନାମାଗୁଡ଼ିକୁ ଶକ୍ତିମତେ ପାଳନ କରୁଛନ୍ତି। ନିଜେ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୋଇ ଶୋଷଣ କରୁଛନ୍ତି ଅଧସ୍ତନ କର୍ମଚାରୀମାନଙ୍କୁ। କୌଣସି ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱଅଧୀନସ୍ଥ ସ୍କୁଲ ସମୂହକୁ ପରିଦର୍ଶନ କରି, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରିବାରେ ସଫଳ ହେଉଛନ୍ତି କି? ନିଜେ ଅନେକ ଦୁର୍ନୀତିରେ ଲିପ୍ତ ହୋଇ ଶିକ୍ଷା ବିଭାଗର କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ କରିବାକୁ ଆହ୍ୱାନ ଦେବା, ନିଜର ଚରିତ୍ର ସ୍ଖଳନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ଉପଦେଶ ଦେବା, ଲଜ୍ଜାପୂର୍ଣ୍ଣ କାର୍ଯ୍ୟ ନୁହେଁ କି? ନିଜେ ଗଢ଼ି ହେବା ସହ ଅନ୍ୟକୁ ଗଢ଼ିବା ପାଇଁ ପରାମର୍ଶ ଦେବା ଉଚିତ। ଶିକ୍ଷା ବିଭାଗରେ ଏହି ତତ୍ତ୍ୱର ଯଥେଷ୍ଟ ଗୁରୁତ୍ୱ ଓ ଆନ୍ତରିକତା ରହିବା ଆବଶ୍ୟକ।

ତଳସ୍ତରରୁ ଉପର ସ୍ତର ଯାଏଁ ଶିକ୍ଷାବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଯଥା ଶିକ୍ଷକସମାଜ, ସରକାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ସମର୍ପିତ ଭାବନାରେ କାର୍ଯ୍ୟ ନିର୍ବାହ କଲେ ଆମ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଆପଣେଇ ନେବାର ପଥ ସୁଗମ ହେବ। ଆମ ପିଲାମାନେ ସରକାରୀ ବିଦ୍ୟାଳୟ ଓ ଶିକ୍ଷାବ୍ୟବସ୍ଥାକୁ ଆପଣେଇ ନେବେ। ଆନ୍ତରିକ ଉଦ୍ୟମ ସଫଳତାର ଚାବିକାଠି। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରୋତ୍ସାହନ ଓ ସମ୍ମାନ ଦେବାରେ ଆମେ ଯେତେ ଅନାଗ୍ରହୀ ବେସରକାରୀ ବିଦ୍ୟାଳୟ କ୍ଷେତ୍ରରେ ଆମ ମାନସିକ ଯଥେଷ୍ଟ ଆଗରେ। ଯେଉଁଥିପାଇଁ ଆମ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖତା ଯେତିକି ବଢୁଛି ବେସରକାରୀ ବିଦ୍ୟାଳୟ ପ୍ରତି ଆନ୍ତରିକତା ସେତିକି ସୃଷ୍ଟି ହେଉଛି। ସମସ୍ତ ଅସୁବିଧାର ନିରାକରଣ ପାଇଁ ଅଭିଭାବକ, ଶିକ୍ଷକ, ସରକାର ଓ ସରକାରୀ ବ୍ୟବସ୍ଥା ସୁନିୟନ୍ତ୍ରଣ ପାଇଁ ଆନ୍ତରିକତାର ଅଭାବ ରହିଲେ ଯେତେ ଶିକ୍ଷାନୀତି ପ୍ରଣୟନ ହେଉ ଏହା ଆମକୁ ଆକର୍ଷିତ ନକରି ମନରେ ସନ୍ଦେହ, ଆଶଙ୍କା ସୃଷ୍ଟି କରିବ ଏହା ସୁନିଶ୍ଚିତ। ●

(ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮ ୭୧୫

## ଭାରତୀୟ ସଂସ୍କୃତିରେ ଉଦ୍ଭିଦ

ସୁରେନ୍ଦ୍ର ମେହେର

ହଜାର ହଜାର ବର୍ଷ ଧରି ଭାରତୀୟ ସଂସ୍କୃତି ବୃକ୍ଷାଦିଙ୍କୁ ବହୁତ ସମ୍ମାନ ଦେଇଆସିଛି ଏବଂ ଆଧ୍ୟାତ୍ମିକ, ଔଷଧୀୟ ଓ ପରିବେଶ ଦୃଷ୍ଟିରୁ ଏଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି। ବେଦ, ପୁରାଣ ଓ ଉପନିଷଦ ଭଳି ପୁରାତନ ଶାସ୍ତ୍ରଗୁଡ଼ିକ ମଣିଷ ଓ ଉଦ୍ଭିଦ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଦର୍ଶାଇଥାଏ ଏବଂ ପ୍ରକୃତିକୁ ଜୀବନ, ଶକ୍ତି ଓ ଆଧ୍ୟାତ୍ମିକ ସମନ୍ୱୟର ଉତ୍ସ ବୋଲି ବର୍ଣ୍ଣନା କରିଥାଏ।

ଆମର ପୂର୍ବପୁରୁଷମାନେ ସ୍ୱାସ୍ଥ୍ୟ, ଧନ ଓ ସମୃଦ୍ଧି ପାଇଁ ବୃକ୍ଷର ଗୁରୁତ୍ୱକୁ ବୁଝିଥିଲେ ଏବଂ ଏହାକୁ ପୂଜା କରୁଥିଲେ। ଆଜି ମଧ୍ୟ ଆମର ଅନେକ ଧାର୍ମିକ ପର୍ବରେ ବୃକ୍ଷ ପୂଜା ଏକ ଅଂଶ ହୋଇ ରହିଛି। ଭାରତୀୟ ପରମ୍ପରାରେ ବୃକ୍ଷକୁ ବିଶେଷ ମାନ୍ୟତା ଦିଆଯାଇଛି, ବିଶେଷକରି ଜ୍ୟୋତିଷ ଓ ଆୟୁର୍ବେଦ ଭଳି ପଦ୍ଧତିରେ। ଆୟୁର୍ବେଦ ଔଷଧଗୁଡ଼ିକ ଗଛର ଫଳ, ଫୁଲ, ଛାଲ, ପତ୍ର ଓ ମୂଳରୁ ତିଆରି ହୁଏ ବୋଲି ସମସ୍ତେ ଜାଣନ୍ତି। କେତେକ ବୃକ୍ଷ ମାନବ ଜୀବନରେ ମନ୍ଦ ପ୍ରଭାବକୁ ଦୂର କରି ଭଲ ପ୍ରଭାବ ଆଣିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃକ୍ଷ ଓ ନବଗ୍ରହ ମଧ୍ୟରେ ଏକ ଗଭୀର ସମ୍ପର୍କ ରହିଛି। ଏହି ଗ୍ରହଗୁଡ଼ିକ ଶରୀରର ବିଭିନ୍ନ



ଅଙ୍ଗକୁ ଭଲ କିମ୍ବା ଖରାପ ଭାବେ ପ୍ରଭାବିତ କରିପାରନ୍ତି ଏବଂ ଖରାପ ପ୍ରଭାବ ଦ୍ୱାରା ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ଏହି ରୋଗକୁ ଦୂର କରିବା ପାଇଁ ବିଶେଷପ୍ରକାରର ବୃକ୍ଷାଦି ରହିଛି, ଯାହାର ବ୍ୟବହାର କରାଯାଇ ରୋଗମୁକ୍ତ କରାଯାଏ। ତେଣୁ ପୂଜାର୍ଚ୍ଚନା ଓ ହୋମ ପାଇଁ ନବଗ୍ରହକୁ ଦର୍ଶାଉଥିବା ନଅ ପ୍ରକାରର ବୃକ୍ଷ ଯଥା- ବର, ପିପଳ, ପଳାଶ, ଅର୍କ, ଶମି, ଅପାମାର୍ଗ, କୁଶ, ଦୁବ ଭଳି ବୃକ୍ଷର କାଠ ବ୍ୟବହାର କରାଯାଏ। ଏହି କାଠଗୁଡ଼ିକୁ ସେମାନଙ୍କର ପବିତ୍ରତା, ଅଗ୍ନିକୁ ବଜାୟ ରଖିବାର କ୍ଷମତା ଏବଂ ଦିବ୍ୟଶକ୍ତି ସହିତ ସମ୍ପର୍କ ପାଇଁ ବ୍ୟବହାର କରାଯାଏ।

ପ୍ରତ୍ୟେକ ଉଦ୍ଭିଦର ପୌରାଣିକ ମହତ୍ତ୍ୱ ରହିଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାରରେ ଲାଭଦାୟକ। ବରଗଛର ବିଶାଳ ଛାତ ପରି ଆକାର, ଧୈର୍ଯ୍ୟ ଓ ସୁରକ୍ଷାର ପ୍ରତୀକ ଏବଂ ପ୍ରାଣୀମାନଙ୍କ ଆଶ୍ରୟ ଓ ଛାୟାର ଆବଶ୍ୟକତାକୁ ପୂରଣ କରେ। ପିପଳ ପ୍ରଚୁର ଅମ୍ଳଜାନ ଦେଉଥିବାରୁ ଜୀବନ ଓ ଶୁଦ୍ଧତାର ଉତ୍ସ ବୋଲି ଗଣାଯାଏ। ବେଲ ଭଗବାନ ଶିବଙ୍କ ସହିତ ଜଡ଼ିତ ଏବଂ ପୂଜାରେ ବ୍ୟବହୃତ ହୁଏ, ଯାହା ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରେ। ଅର୍କକୁ ଶୁଦ୍ଧିକରଣ ଏବଂ ନକାରାତ୍ମକ ଶକ୍ତିର ବିଲୋପ ସହିତ ଜଡ଼ିତ କରାଯାଇଛି। ଶମି ବୃକ୍ଷକୁ ବିଜୟ, ସୁରକ୍ଷା ଏବଂ ଅଗ୍ନିଦେବଙ୍କ ସହିତ ଜଡ଼ିତ କରାଯାଇଛି। ଏହା ନକାରାତ୍ମକ ଶକ୍ତିକୁ ଶୋଷଣ ଏବଂ ବିନାଶ କରିଥାଏ ବୋଲି ବିଶ୍ୱାସ କରାଯାଏ। ଅପାମାର୍ଗକୁ ଏକ ଶକ୍ତିଶାଳୀ ଶୁଦ୍ଧକାରୀ ବୃକ୍ଷ ଭାବରେ ବିବେଚନା କରାଯାଏ, ଯାହା ମନ୍ଦ ଆତ୍ମା, କଳା ଯାଦୁ ଓ ନକାରାତ୍ମକ ପ୍ରଭାବକୁ ଦୂର କରିବାରେ ସକ୍ଷମ। ଏହି ଗଛଗୁଡ଼ିକୁ ବହୁ ପୁରାତନ କାଳରୁ ଓଡ଼ିଶା ଏବଂ ସାରା ଭାରତରେ ବିଭିନ୍ନ ରୋଗର ପ୍ରାକୃତିକ ଚିକିତ୍ସା ତଥା ସେମାନଙ୍କର ସକ୍ରିୟ ଜୈବିକ ଉପାଦାନର ସଦୁପଯୋଗ ପାଇଁ ବ୍ୟବହାର କରାଯାଉଛି। ସେହିପରି ଅଁଳା ଔଷଧୀୟ ଗୁଣ ପାଇଁ ଜଣାଶୁଣା ଏବଂ ଏହା ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ। ଅଶୋକ, ଯାହାର ନାମର ଅର୍ଥ 'ଦୁଃଖଦୂରକାରୀ', ସକାରାତ୍ମକତା ଓ ଭାବନାତ୍ମକ ସୁସ୍ଥତା ଆଣେ ବୋଲି ବିଶ୍ୱାସ କରାଯାଏ।

ଆଧୁନିକ ବିଜ୍ଞାନ ଏହି ଉଦ୍ଭିଦଗୁଡ଼ିକର ଆଧ୍ୟାତ୍ମିକ ପ୍ରଭାବକୁ ବିଶ୍ୱାସ ନ କରିପାରେ, କିନ୍ତୁ ଏଗୁଡ଼ିକର ବହୁମୁଖୀ ଉପଯୋଗକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଏହି ବୃକ୍ଷଗୁଡ଼ିକର ରୋପଣ କେବଳ ପରିବେଶକୁ ସୁଧାରେ ନାହିଁ, ବରଂ ଭାରତର ପୁରୁଣା ପରମ୍ପରା ଓ ରୀତିକୁ ମଧ୍ୟ ସମ୍ମାନ ଦେଇଥାଏ। ଏହିପରି ବୃକ୍ଷଗୁଡ଼ିକୁ 'ସାଂସ୍କୃତିକ ବୃକ୍ଷ' କହିପାରିବା, ଯେହେତୁ ସେଗୁଡ଼ିକ ପରମ୍ପରା ଅନୁସାରେ ପରିଚିତ। ଆଜିର ଦୁନିଆରେ, ଯେଉଁଠି ପରିବେଶ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟର ଚିନ୍ତା ବଢୁଛି, 'ପଞ୍ଚବଟୀ'ର ଅବଧାରଣା ବହୁତ ଗୁରୁତ୍ୱପୂର୍ଣ୍ଣ। ସହରୀକରଣ ବଢୁଥିବା ବେଳେ ଏହିପରି ପବିତ୍ର ବୃକ୍ଷଗୁଡ଼ିକର ସଂରକ୍ଷଣ ପରମ୍ପରା ଓ ପରିବେଶଗତ ସ୍ଥାୟିତ୍ୱ ମଧ୍ୟରେ ଏକ ସେତୁ ହୋଇପାରେ। ଏହି ବୃକ୍ଷଗୁଡ଼ିକ ବାୟୁକୁ ଶୁଦ୍ଧ କରେ, ଜୈବ ବିବିଧତା ବଢ଼ାଇଥାଏ ଏବଂ ପ୍ରାକୃତିକ ଚିକିତ୍ସା ପାଇଁ କାମରେ ଲାଗିଥାଏ। ଉଦ୍ୟାନ, ପରିବେଶ କିମ୍ବା ବ୍ୟକ୍ତିଗତ ବୃକ୍ଷରୋପଣ ନାମରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଆମେ ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବା।

ତେଣୁ 'ପଞ୍ଚବଟୀ' କେବଳ ଏକ ପୌରାଣିକ ଆଦର୍ଶ ନୁହେଁ, ଏହା ସ୍ଥାୟୀ ଜୀବନ ଓ ଆଧ୍ୟାତ୍ମିକ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତୀକ। ଆଧୁନିକ ସମୟରେ ଏହି ପରମ୍ପରାକୁ ଗ୍ରହଣ କରି ଆମେ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିପାରିବା ଏବଂ ପୃଥିବୀରେ ଜୀବନ ସୁରକ୍ଷା ଦେବାରେ ଆମ ପୂର୍ବପୁରୁଷଙ୍କ ଜ୍ଞାନକୁ ବଜାୟ ରଖିପାରିବା। ●

ଭୁବନେଶ୍ୱର, ମୋ: ୯୪୩୭୫୮ ୯୦୨୬

## ଚୀନ୍‌ରେ ହଜିଯିବ କି ଭାରତ!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଦୀର୍ଘଦିନ ଧରି ଚୀନ ସହିତ ଭାରତର ଲାଗି ରହିଛି ସୀମାବିବାଦ। ତେବେ ଭୂ-ବିଜ୍ଞାନୀମାନେ ଏବେ କହିଲେଣି ଯେ ଏପରି ସମୟ ଆସିପାରେ ଯେତେବେଳେ ଭାରତ ଭୂଖଣ୍ଡ କିମ୍ବା ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ହୁଏତ ଚୀନ୍‌ରେ ହଜିଯିବ। ଟେକ୍ଟୋନିକ୍ ପ୍ଲେଟ୍‌ର ଚଳନ ଏହାର କରଣ ହେବ।

'ଟେକ୍ଟୋନିକ୍ ପ୍ଲେଟ୍'କୁ 'ଲିଥୋସ୍ପେରିକ୍ ପ୍ଲେଟ୍(ଭୂସ୍ତରୀୟ ଥାଳିଆ)' ବୋଲି ମଧ୍ୟ କୁହାଯାଏ। ଏହା ମାତ୍ରାଧିକ ବସ୍ତୁତ୍ୱସମ୍ପନ୍ନ କଠିନ ଶିଳାର ଅସମାନ ଆକୃତିର ପ୍ରଶସ୍ତ ଫଳକ, ଯାହାକି ମହାଦେଶୀୟ ଓ ମହାସାଗରୀୟ ଭୂସ୍ତରରେ(ଲିଥୋସ୍ଫିୟର) ଗଢ଼ା। ଏଗୁଡ଼ିକର ଆକାର କେତେଶହରୁ କେତେ ହଜାର କିମି ଚଉଡ଼ା ବିଶିଷ୍ଟ। ଭୂଗର୍ଭସ୍ଥ ତରଳ ମେଣ୍ଟଲ୍ ଉପରେ ଭାସି ବୁଲୁଥିବା ଏହି ପ୍ଲେଟମାନଙ୍କ ମଧ୍ୟରୁ ମହାଦେଶୀୟଗୁଡ଼ିକ ଅଧିକ ମୋଟା, କମ୍ ସାନ୍ଦ୍ର ହୋଇଥିବା ବେଳେ ମହାସାଗରୀୟଗୁଡ଼ିକ କମ୍ ମୋଟା. ଅଧିକ ସାନ୍ଦ୍ର। ଏମାନଙ୍କର ସଂଖ୍ୟା ଅନେକ। ତହିଁରୁ ୭ଟି ବଡ଼, ଯାହା ଆଫ୍ରିକୀୟ, ଆଣ୍ଟାରଟିକୀୟ, ୟୁରୋସୀୟ, ଇଣ୍ଡୋ-ଅଷ୍ଟ୍ରେଲୀୟ, ଉତ୍ତର ଆମେରିକୀୟ, ପ୍ରଶାନ୍ତ ମହାସାଗରୀୟ ଓ ଦକ୍ଷିଣ ଆମେରିକୀୟ ଭଳି ଭୂଖଣ୍ଡକୁ ଧାରଣ କରିଛନ୍ତି।

ଏକଦା ଏଗୁଡ଼ିକ ମିଳିତ ଭାବେ ଏକ ବିଶାଳ ଭୂଖଣ୍ଡ ସୃଷ୍ଟି କରିଥିଲେ। ଭୂବିଜ୍ଞାନୀଙ୍କ ମତରେ ତାହା ଥିଲା 'ପାଙ୍ଗାଇଆ'। ଆଜକୁ ପ୍ରାୟ ୩୦୦ରୁ ୪୦୦ କୋଟି ବର୍ଷ ପୂର୍ବେ ତାହା ବିଖଣ୍ଡିତ ହୋଇ ପରସ୍ପରଠାରୁ ଅଲଗା ହୋଇଗଲେ। ଫଳରେ ସୃଷ୍ଟି ହେଲା ଏକାଧିକ ମହାଦେଶୀୟ ଭୂଖଣ୍ଡ। ପୃଥିବୀର ଅନ୍ତର୍ଦେଶରେ ଥିବା ତରଳ ପଦାର୍ଥ 'ମାଗ୍‌ମା'ରୁ ବୁଦ୍‌ବୁଦ୍‌ମାନ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକରେ ଥିବା ଫାଟ ଦେଇ ବାହାରୁଥିବାରୁ ପ୍ଲେଟ୍‌ଗୁଡ଼ିକ ବର୍ଷକୁ କିଛି କିଛି ସେଣ୍ଟିମିଟର ଗତି କରି ପରସ୍ପରଠାରୁ ଦୂରେଇ ଯାଆନ୍ତି କିମ୍ବା ଗୋଟିଏ ଅନ୍ୟ ଗୋଟିକ ସହିତ ଧକ୍କା ଖାଇ ତା' ତଳେ ପଶିଯା'ନ୍ତି। ତା' ଉପରେ ଥିବା ମହାଦେଶୀୟ ଭୂଭାଗଗୁଡ଼ିକ ମଧ୍ୟ ସେଥିସହିତ ଗତି କରନ୍ତି। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଆଜିକୁ ପ୍ରାୟ ୫୦ ନିୟୁତ ବର୍ଷ ତଳେ ଇଣ୍ଡୋ-ଅଷ୍ଟ୍ରେଲୀୟ ପ୍ଲେଟ୍‌ଟି ବିଭାଜିତ ହୋଇ ଭାରତକୁ ଧାରଣ କରିଥିବା ଅଂଶଟି ଆସି ଚୀନ୍ ଅବସ୍ଥିତ ଥିବା ୟୁରୋସୀୟ ପ୍ଲେଟ୍ ସହିତ ଧକ୍କା ଖାଇ ମିଶିଗଲା। ଏହାର ବେଗ ଏତେ ଥିଲା ଯେ ତାହା ବର୍ଷକୁ ପ୍ରାୟ ୩୦ ସେମି ହାରରେ ଆଗକୁ ମାଡ଼ି ଚାଲିଲା। ଏହା ଧକ୍କା ଖାଇବା ସ୍ଥାନରେ ସୃଷ୍ଟି ହେଲା ସୁଉଚ୍ଚ ହିମାଳୟ ପର୍ବତ ଶ୍ରେଣୀ, ଯାହା ଏବେ ବି ବର୍ଷକୁ ୫ ମିମି ହାରରେ ବଢ଼ିବାକୁ ଲାଗିଛି।

ଏ କଥା ଜଣାପଡ଼ିଛି ଐତିହାସିକ ଘଟଣା ଉପରେ ଗବେଷଣାରତ 'ଜର୍ମାନ୍ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇସେନ୍ସ', ଭାରତର 'ନ୍ୟାଶ୍‌ନାଲ୍ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍' ଏବଂ ବର୍ଲିନସ୍ଥିତ 'ଫ୍ରେଇ ବିଶ୍ୱବିଦ୍ୟାଳୟ'ର ବୈଜ୍ଞାନିକମାନେ ୨୦୦୭ ମସିହାରୁ ଚଳାଇ ଆସିଥିବା ଅଧ୍ୟୟନରୁ। ଭାରତୀୟ ମହାଦେଶୀୟ ଭୂଖଣ୍ଡର ଚଳନକୁ ସେମାନେ ବିଶ୍ୱର ଦ୍ରୁତତମ ବୋଲି ଅଭିହିତ କରିଛନ୍ତି। ଏହାଫଳରେ ଭାରତ ନିୟମିତ ଭାବେ ହରାଇଚାଲିଛି କିଛିକିଛି ଅଞ୍ଚଳ, ତାହା ଯେତେ କମ୍ ହେଉନା କହିଁକି। ଏକ ଗଣନା ଅନୁସାରେ ବିଗତ କେତେ ନିୟୁତ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆଠାରୁ ବିଚ୍ଛିନ୍ନ ହେଲା ପରେ ଏହା ଉତ୍ତର-ଏସିଆ ଦିଗରେ ପ୍ରାୟ ୨୦୦୦ କିମି ଗତି କରିଛି। ଅନ୍ୟପକ୍ଷରେ ଏବେ ଭାରତୀୟ ପ୍ଲେଟ୍‌ଟି ବର୍ଷକୁ ୫ ସେମି ହାରରେ ୟୁରେସୀୟ ପ୍ଲେଟ୍ ଦିଗରେ ଏବଂ ଚୀନ୍ ଭୂଖଣ୍ଡର ତଳ ଆଡ଼କୁ ଗତି କରିବାରେ ଲାଗିଛି।

ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତା'ହେଲେ ଦିନେ ଆମ ଦେଶ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବ ବୋଲି ମନେ କରାଯାଇପାରେ। ତେବେ ଉପରୋକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ସାବ୍ରିନା ମେଟ୍‌ଜଗରଙ୍କ ମତରେ ଏ ପ୍ରକ୍ରିୟାର ବେଗ କ୍ରମଶଃ ହ୍ରାସ ପାଉଛି। ହୁଏତ ଏହି ଚଳନର ଗତି ଦିନେ ସମ୍ପୂର୍ଣ୍ଣ ବନ୍ଦ ମଧ୍ୟ ହୋଇଯାଇପାରେ। ତେଣୁ ଚୀନ୍‌ରେ ଭାରତ ହଜିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ। ଅନ୍ୟପକ୍ଷରେ ଏହାର ବିପରୀତ ମଧ୍ୟ ଘଟିପାରେ। ଅର୍ଥାତ୍ କୌଣସି ଏକ ପରିସ୍ଥିତିରେ ଏ ଗତି ମଧ୍ୟ ବଢ଼ିପାରେ। ତେବେ ଏହି ଅନୁମାନ ସତସାବ୍ୟସ୍ତ ହେବାକୁ ଲାଗିଯିବ ନିୟୁତ ନିୟୁତ ବର୍ଷ। ସେତେବେଳକୁ ଧରାପୃଷ୍ଠରୁ ସମ୍ଭବତଃ ଜୀବଜଗତ ହିଁ ବିଲୁପ୍ତ ହୋଇସାରିଥିବ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କାନ୍ଥ ଭୁଶୁଡ଼ି ଚାଷୀ ମୃତ

ବଣାଇଁ, ୭ ।୭ (ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘର କାନ୍ଥ ଭୁଶୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଦେବେନ୍ଦ୍ର ଭଇଁସା(୫୪)। ସୂଚନାନୁଯାୟୀ, ଦୀର୍ଘ ୧୫ଦିନ ହେବ ବଣାଇଁ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରସରା ଗ୍ରାମରେ ରବିବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ଦେବେନ୍ଦ୍ର ନିଜର ପୋଟଳ ବଗିଚାରେ ଥିବା ଘରେ ଶୋଇଥିବା ବେଳେ ହଠାତ୍ ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସକାଳେ ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ଟିକାୟତପାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ମା'-ଝିଅ ମୃତ



ମାଥିଲି, ୭ ।୭ (ସମିସ): ପୋଖରୀରେ ବୁଡ଼ି ମା'-ଝିଅ ମୃତ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଧଉଡ଼ାଗୁଡ଼ା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗୁରୁନାଥ ବାଗରିଆଙ୍କ ସ୍ତ୍ରୀ ପ୍ରିୟା ବାଗରିଆ ଓ ୫ ମାସର ଶିଶୁକନ୍ୟା ପିଙ୍କି। ସୂଚନା ଅନୁଯାୟୀ, ଆଜି ସକାଳୁ ପିଙ୍କିକୁ ନେଇ ପ୍ରିୟା ଗାଁ ପୋଖରୀରେ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି କରି ମଧ୍ୟ ଦୁହିଁଙ୍କୁ ପାଇନଥିଲେ। ତେବେ ସନ୍ଧ୍ୟାରେ ଉଭୟଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁଲୋକେ ମାଥିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରିଥିଲେ। ମାଥିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସରିଲା ରତ୍ନଭଣ୍ଡାର ମରାମତି

ପୁରୀ, ୭ା୭ (ସମିସ): ଶେଷ ହୋଇଛି ବହୁପ୍ରତୀକ୍ଷିତ ରତ୍ନଭଣ୍ଡାର ମରାମତି। ମୋଟ ୯୫ ଦିନରେ ୩୩୨ଘଣ୍ଟା ୪୭ମିନିଟ୍ କାମ କରାଯାଇଛି। ଏବେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ମହାପ୍ରଭୁଙ୍କ ଅପାର କରୁଣା, ଆଶୀର୍ବାଦ ଯୋଗୁଁ ଧାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୋମବାର ସନ୍ଧ୍ୟାରେ ଗଣମାଧ୍ୟମକୁ ରତ୍ନଭଣ୍ଡାର ମରାମତି ପୂର୍ଣ୍ଣାଙ୍ଗର ସୂଚନା ଦେଇ ଡ. ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ନୀଳାଦ୍ରିବିଜେ ପୂର୍ବରୁ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଏଏସ୍ଆଇ ଦ୍ୱାରା ଶେଷ ହୋଇଛି। ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ରତ୍ନଭଣ୍ଡାର ସୁରକ୍ଷିତ ବୋଲି କୁହାଯାଇପାରିବ।

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଯାଞ୍ଚ ଏବଂ ଟେକ୍ନିକାଲ ସର୍ଭେ କାମ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାରର ଲେଜର ସ୍କାନିଂ, ରାଡାର ପେନିଟ୍ରେଟିଂ ସର୍ଭେ ଆଦି ବୈଷୟିକ ଯାଞ୍ଚ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୮ରେ ଏଏସ୍ଆଇର ଆଡିସ୍ନାଲ ଡିଜି(ସଂରକ୍ଷଣ) ଆସି ସଂରକ୍ଷଣର ତଦାରଖ କରିଥିଲେ। ସେପ୍ଟେମ୍ବର ୨୪ରେ ଏଏସ୍ଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଥିଲା। ପରେ ଯାଞ୍ଚ ରିପୋର୍ଟ ଆଧାରରେ ଡିସେମ୍ବର ୧୭ରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୬ ମାସ ଧରି କାମ କରାଯାଇଥିଲା। ଲେଜର ସ୍କାନିଂ ଓ ଜିପିଆର୍ଏସ୍ ସର୍ଭେରୁ ମିଳିଥିବା ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏଏସ୍ଆଇ ପକ୍ଷରୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ କରାଯାଇଛି। ଏହା ମଧ୍ୟରେ ଜଏଣ୍ଟ ସିଲିଂ, ଗ୍ରାଉଟିଂ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ବକ୍ସ ବିମ୍,

**■ ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ କାମ ହୋଇଛି**

**■ ରୁପା ଛାଉଣୀ ହେବ ବାହାର ଭଣ୍ଡାର ଘର ଦ୍ୱାର**

କେମିକାଲ ୱାସିଂ କରାଯାଇଛି। ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ ମରାମତି ଓ ସଂରକ୍ଷଣ କାମ ହୋଇଛି। ମୋଟ ୮୦ ଜଣ ଶ୍ରମିକ ମରାମତି କାମରେ ନିୟୋଜିତ ଥିଲେ। ନୂଆ ଗ୍ରାନାଇଟ୍ ଚଟାଣ ସାଙ୍ଗକୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱରେ କେମିକାଲ ପ୍ଲାଷ୍ଟରିଂ ହୋଇଛି। ଭିତର ଭଣ୍ଡାରରେ ୯ଟି ଏବଂ ବାହାର ଭଣ୍ଡାରରେ ୬ଟି ଏହିପରି ମୋଟ ୧୫ଟି ନୂଆ ଷ୍ଟେନଲେସ୍ ଷ୍ଟିଲ ବକ୍ସ ବିମ୍ ବିଭିନ୍ନ ସାଇଜର ଲଗାଯାଇଛି।

ସେହିପରି ଭିତର ରତ୍ନଭଣ୍ଡାରର କବାଟ ମରାମତି ହୋଇଛି। ବାହାର ଭଣ୍ଡାରର ଆଇରନ ଗେଟ୍ ବଦଳାଯାଇ ଷ୍ଟେନ୍‌ଲେସ୍ ଷ୍ଟିଲ ଗେଟ୍ କରାଯାଇଛି। ଏହାର ବାହାରେ ବର୍ମାଟିକ୍ କାଠର କବାଟ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ବାହାର କାଠ ଦ୍ୱାରକୁ ରୁପା ଛାଉଣୀ କରାଯିବ। ଏହାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଭଣ୍ଡାର ମେକାପ ସେବକ, ଗଜପତିଙ୍କ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ସମ୍ମୁଖରେ ଏହି ଗେଟ୍ ସିଲ୍ କରାଗଲା। ଭିତର ରତ୍ନଭଣ୍ଡାର ଗେଟ୍ ତାଲାର ଚାବି ଏବେ ମନ୍ଦିର ପ୍ରଶାସନ ପାଖରେ ଅଛି। ଭିତର ଭଣ୍ଡାର ଦ୍ୱାରକୁ ସୁନା ଛାଉଣୀ କରାଯିବା ଲାଗି ଯୋଜନା ରହିଛି।

ଏସ୍ଓପି ଅନୁଯାୟୀ, ପ୍ରଥମେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଭିତର ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରାଯିବ। ଜଉମୁଦ ଦିଆଯାଇ ଏହାର ଚାବି ଟ୍ରେଜେରୀରେ ରହିବ। ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଅଳଙ୍କାର ବାହାର ଭଣ୍ଡାରକୁ ସ୍ଥାନାନ୍ତର ପରେ ଏହାର ଚାବି ସିଲ୍ କରାଯାଇ ରଖାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଗଣତି ମଣତି ହେବ। ୧୯୭୮ ମସିହା ତାଲିକା ସହ ମେଳ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

## ନେଇଗଲେ ଅଧରପଣା

ପୁରୀ,୭ା୭(ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲତି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନଥିଲେ, ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।

# ଜଳପ୍ରପାତରେ ବୁଡ଼ିଗଲେ ଇଞ୍ଜିନିୟରିଂ ଛାତ୍ର



ରାଉରକେଲା,୭ା୭(ସମିସ): ସୁନ୍ଦରଗଡ଼ ଜିଲ୍ଲା, ଗୁରୁଣ୍ଡିଆ ବ୍ଲକ୍‌ସ୍ଥିତ ପ୍ରସିଦ୍ଧ ବାଦଲଗିରି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ରାଜଗାଙ୍ଗପୁରର ଲିପଲୋଇ ଅନ୍ତର୍ଗତ ପାନପଡ଼ା ଅଞ୍ଚଳର ଗୌରବ ବିପ୍ଲବ (୨୨)। ୧୨ଜଣ ବନ୍ଧୁଙ୍କ ସହ ଗୌରବ ବାଦଲଗିରି ଜଳପ୍ରପାତକୁ ପିକନିକ୍ କରିବାକୁ ଯାଇଥିଲେ। ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଗୌରବ ଏବଂ ତାଙ୍କ ୪ଜଣ ସାଥୀ ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୌରବଙ୍କ ପାଦ ପଥର ଉପରୁ ଖସିଯିବାରୁ ସେ ଜଳପ୍ରପାତର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସମସ୍ତ ୪ଜଣ ସାଥୀ କୌଣସିପ୍ରକାରେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ଏବଂ ଗୁରୁଣ୍ଡିଆ ପୁଲିସ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଘଞ୍ଚ ଜଙ୍ଗଲ ସାଙ୍ଗକୁ ଅନ୍ଧାର ହୋଇଯିବାରୁ ଉଦ୍ଧାରକାରୀ ଦଳଙ୍କୁ ସଫଳତା ମିଳିପାରି ନଥିଲା। ସୋମବାର ସକାଳେ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି କରିଥିଲେ ହେଁ ଯୁବକଙ୍କ ସନ୍ଧାନ ପାଇପାରିନାହିଁ। ପୂର୍ବରୁ ମଧ୍ୟ ଏଠାରେ ରାଉରକେଲାର ଦୁଇଜଣ ଇଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୦ ଟଙ୍କାର ତେଲ...

ଖାଉଟି ପେଟ୍ରୋଲିୟମ ଟିକସ ଦେଉଥିଲେ ମଧ୍ୟ ତୈଳ ମୂଲ୍ୟ ହ୍ରାସ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେବଳ ଥରେ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଥିଲା। ସେବେଠାରୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସମୟ ମଧ୍ୟରେ, କଞ୍ଚା ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୨୦ ଡଲାରରୁ ଅଧିକ ହ୍ରାସ ପାଇଛି। ମାତ୍ର ଏହାର ଫାଇଦା ଖାଉଟିଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଶେଷଜ୍ଞଙ୍କ ମତରେ ୨୦ ଡ଼ଲାର କଞ୍ଚାତେଲ ମୂଲ୍ୟ ହ୍ରାସ ଭାରତୀୟ ବଜାରରେ ପେଟ୍ରୋଲ ଡ଼ିଜେଲ ମୂଲ୍ୟକୁ ୨୫% ପର୍ଯ୍ୟନ୍ତ କମ୍ କରିପାରିବ। ମାତ୍ର ଏହାର ଏହାର ସବୁ ଲାଭ କମ୍ପାନୀ ଓ ସରକାର ପାଇଛନ୍ତି। ସମ୍ପ୍ରତି ଅଶୋଧିତ ତେଲ ଉତ୍ପାଦକଙ୍କ ସଂଗଠନ ଓପେକ୍ ରାଷ୍ଟ୍ର ସମୂହ ଅଶୋଧିତ କଞ୍ଚା ତେଲ ଉତ୍ପାଦନ ବୃଦ୍ଧି ଘୋଷଣା ଯୋଗୁଁ ପୁଣି ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଚଳିତ ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସରେ ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପାଖାପାଖି ୧୦ ଡଲାର ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛନ୍ତି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଯୋଗାଣରେ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ପଟେ ଆମେରିକା ଯୋଗାଣ ବୃଦ୍ଧି କରିଛି। ଅନ୍ୟପଟେ ଓପେକ୍ ପ୍ଲସ୍ ସଦସ୍ୟ ରାଷ୍ଟ୍ରମାନଙ୍କ ପକ୍ଷରୁ ଯୋଗାଣ ଜାରି ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ, ହର୍ମୁଜ୍ ସଙ୍କଟ ମଧ୍ୟ ଟଳିଯାଇଛି। ଏହାସହିତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଯାହା ଫଳରେ ତୈଳ ମୂଲ୍ୟ ପ୍ରାୟ ୧୫% କମିବ ବୋଲି ଆଶା କରାଯାଉଛି। ମାତ୍ର ଭାରତର ଖାଉଟିମାନଙ୍କ ପାଇଁ ଏହି ଲାଭ ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

## ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ...

ଡ଼ାକ୍ତରଖାନାରୁ ଡ଼ିସଚାର୍ଜ ହୋଇଥିଲେ ହେଁ ନବୀନ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ମୁମ୍ବାଇରେ ରହିବେ। ସେଠାରେ ତାଙ୍କର ଫିଜିଓ ଥେରାପି ଚାଲିବ। ଏହାପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ।

ସର୍ଭିକାଲ ଆର୍ଥ୍ରାଇଟ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ସ୍ପେସିଆଲିଷ୍ଟ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କର ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ।

ମେଡିକାଲ୍‌ରୁ ଡିସ୍‌ଚାର୍ଜ ପରେ ନବୀନ ପଟ୍ଟନାୟକ ଏକ୍ସ ଯୋଗେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍ ଓ ଗଙ୍ଗା ହସ୍ପିଟାଲର ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ଉତ୍ତମ ଡାକ୍ତରୀ ସେବା ପ୍ରଦାନ ସାଙ୍ଗକୁ ଅସ୍ତ୍ରୋପଚାର ପୂର୍ବ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ଯତ୍ନ ନେଇଥିବାରୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ସେ ରାଜ୍ୟ ତଥା ରାଜ୍ୟ ବାହାରୁ ଯେଉଁମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରାର୍ଥନା କରିଛନ୍ତି, ସେମାନଙ୍କୁ ନବୀନ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ପକ୍ଷରୁ ମଧ୍ୟ ନବୀନ ପଟ୍ଟନାୟକଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ସେମାନଙ୍କ ଉପରେ ଭରସା କରି ନବୀନ ସେବା ପାଇଁ ସୁଯୋଗ ଦେଇଥିବାରୁ ହସପିଟାଲ କର୍ତ୍ତୃପକ୍ଷ କୃତଜ୍ଞତା ଜଣାଇଛନ୍ତି।

## ମୁଖିଆ ହେବେ...

ମଧ୍ୟରେ ମନମୋହନ ଏକାକୀ ନିଜର ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ରାଷ୍ଟ୍ରୀୟପରିଷଦ ସଦସ୍ୟ ପାଇଁ ସମସ୍ତ ୩୨ ଜଣ ନାମାଙ୍କନ କରିଛନ୍ତି। ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ମନମୋହନ ୩ଥର ରାଜ୍ୟ ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ପ୍ରଥମେ ୧୯୯୯ରୁ ୨୦୦୦ ଓ ପରେ ୨୦୦୧ ରୁ ୨୦୦୪ ପର୍ଯ୍ୟନ୍ତ ସଭାପତି ରହିଥିଲେ। ପରେ ୨୦୨୩ ମସିହାରେ ସେ ତୃତୀୟ ଥର ପାଇଁ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ଚତୁର୍ଥ ଥର ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଶ୍ରୀ ସାମଲ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ରହିଥିଲେ। ୨୦୦୪ରେ ସେ ସାଂସଦ ପଦରୁ ଇସ୍ତଫା ଦେଇ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେପି – ବିଜେଡି ମେଣ୍ଟ ସରକାରରେ ଗୁରୁତପୂର୍ଣ୍ଣ ରାଜସ୍ୱ ବିଭାଗର ମନ୍ତ୍ରୀ ଥିଲେ।

## ଘରୁ ଘୋଷାଡ଼ି...

ସଂପୃକ୍ତି ଥିବା ପୁଲିସ୍ ସନ୍ଦେହ କରୁଥିବା ବେଳେ ଜଣେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ପୂର୍ବାହ୍ନରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଦିଲ୍ଲୀପଙ୍କ ପଡ଼ୋଶୀ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ ବୋଲି ଏସ୍‌ପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ କେଉଁ କାରଣରୁ ଦିଲ୍ଲୀପଙ୍କୁ ହତ୍ୟା କରାଯାଇଛି, ତାହା ଜଣାପଡ଼ିନାହିଁ। ସୂଚନାନୁଯାୟୀ, ଦିଲ୍ଲୀପ କାଲି ଖାଇପିଇ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସେମାନେ ତାଙ୍କ ସହ ପାଟିତୁଣ୍ଡ କରିବା ପରେ ମାରପିଟ୍ କରିଥିଲେ। ପରେ ତାଙ୍କୁ ଘରୁ ବାହାରକୁ ଟାଣି ନେଇ ଖଣ୍ଡା ଓ ବିଭିନ୍ନ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଦିଲ୍ଲୀପଙ୍କ ମୁଣ୍ଡ, ହାତ, ପିଠି ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୁଲିସ୍ ଅଧିକାରୀ ଘଟଣା ପହଞ୍ଚିଥିଲେ। ପରିବାରଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଦିଲ୍ଲୀପଙ୍କ ବଡ଼ଭାଇ ହରିଶ୍ଚନ୍ଦ୍ର ପାତ୍ର ଘଟଣାକୁ ନେଇ ଗୋଳନ୍ଥରା ଥାନରେ ଲିଖିତ ଅଭିଯୋଗ କରିଥିଲେ।ଅପରପକ୍ଷେ, ନିକଟ ଅତୀତରେ ଦିଲୀପଙ୍କ ଗାଡ଼ି ସହ ଜଣେ ଯୁବକଙ୍କ ଗାଡ଼ି ଧକ୍କା ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକ ଆହତ ହୋଇଥିବା ବେଳେ ତାଙ୍କର ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ କ୍ଷତିପୂରଣ ଦେବାକୁ ଯୁବକଜଣଙ୍କ ଦାବି କରିଆସୁଥିଲେ। କିନ୍ତୁ ଦିଲୀପ ତାହା ଦେବାକୁ ପ୍ରସ୍ତୁତ ହେବା ପରିବର୍ତ୍ତେ ପାଲଟା ସମ୍ପୃକ୍ତ ଯୁବକଙ୍କୁ ଗାଳିଗୁଲଜ ଓ ଧମକାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଉକ୍ତ ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି।

ପ୍ରକାଶ ଥାଉକି, ଗତ ଏକମାସ ମଧ୍ୟରେ ଗୋପାଳପୁର ଥାନାରେ ଗୋଟିଏ ଗଣଦୁଷ୍କର୍ମ ମାମଲା ସମେତ ଏକାଧିକ ଚୋରି ମାମଲା ରୁଜୁ ହୋଇଛି। ସେହିପରି ଗୋଳନ୍ଥରା ଥାନାରେ ଗୋଟିଏ ଗଣଦୁଷ୍କର୍ମ ସମେତ ମୋଟ ୩ଟି ଦୁଷ୍କର୍ମ ମାମଲା, ଗୋଟିଏ ଡକାୟତି, ବହୁ ହତ୍ୟା ଉଦ୍ୟମ ଓ ଚୋରି ମାମଲା ରୁଜୁ ହୋଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ଗୋପାଳପୁର ଓ ଗୋଳନ୍ଥରା ଥାନା ଇଲାକାରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନଜରକୁ ଆସୁଛି। ଏପରିକି, ବାରମ୍ବାର ଘଟଣା ଘଟାଇ ପୁଲିସକୁ ଅପରାଧୀମାନେ ଖୋଲା ଚାଲେଞ୍ଜି ଦେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

## ୩ ହାର୍ଡକୋର୍...

କରିଥିବା ମାଓବାଦୀ ହେଲେ, ବିଜିଏନ ସଙ୍ଗଠନ ଡିଭିଜନାଲ କମିଟି ମେମ୍ବର ମାଦେ ବେଟି ଓରଫ ଚମ୍ପା, କେକେବିଏନ ସଙ୍ଗଠନର ଏରିଆ କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମୋ ମାଧବୀ ଓରଫ ମଞ୍ଜୁ। ଚମ୍ପା ୨୦୦୯ ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ ହୋଇଥିଲେ। ସେମାନେ ସମସ୍ତେ ଛତିଶଗଡ଼ କ୍ୟାଡରର ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃସକ୍ରିୟ କରିବା ଦିଗରେ ସେମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି। ସୁରକ୍ଷା ବାହିନୀର ଲଗାତାର ମାଓ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବୀତସ୍ପୃହ ହୋଇ ପୁଲିସ ପାଖରେ ଆଖସମର୍ପଣ କରିଛନ୍ତି ତିନି ମାଓବାଦୀ। ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ପ୍ୟାକେଜ୍ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା ସେମାନେ କହିଛନ୍ତି। ଏମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୁଲିସ ସହ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ, ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସହିତ ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ହରିଶ ବି ସି ଏବଂ ୧୨୭ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।

## କ୍ୟାଡର୍ କର୍ମୀଙ୍କୁ...

ବରିଷ୍ଠ ଓ କ୍ୟାଡ଼ର ମାଓବାଦୀଙ୍କ ଯୌନ ଶୋଷଣ, ଶାରୀରିକ ଉତ୍ପୀଡ଼ନ ସମ୍ପର୍କରେ ସେମାନେ କାହାକୁ କହି ପାରୁ ନ ଥିଲେ। କାନ୍ଦି ପାରୁଥିଲେ ନା ନିଜ ବ୍ୟଥା କାହାକୁ ବାଣ୍ଟି ପାରୁଥିଲେ। ଶେଷରେ ଅସହ୍ୟ ହେବାରୁ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ ବୋଲି ପୁଲିସକୁ କହିଛନ୍ତି।

ମହିଳା ମାଓବାଦୀ ମାଡ଼େ ବେଟି ଓରଫ ଚମ୍ପା, ଆଡେମା ମାଧବୀ ଓରଫ ମଞ୍ଜୁ ଓ ରାଜୁ ଦୋଡ଼ି ଓରଫ ଅଜୟ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେପୁର ଜିଲ୍ଲା ଛତିଶଗଡ ଅଞ୍ଚଳର। ବରିଷ୍ଠ କ୍ୟାଡର ମାଓବାଦୀମାନେ ଆଦିବାସୀ ଯୁବକ ଯୁବତୀମାନଙ୍କୁ ଚାକିରିର ମିଥ୍ୟ ପ୍ରତିଶ୍ରୁତି ଦେଇ ସଂଗଠନରେ ସାମିଲ କରାଯାଉଥିଲେ। ସେମାନଙ୍କୁ ଗଞ୍ଜେଇ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ବିକ୍ରି କାର୍ଯ୍ୟରେ ନିୟୋଜିତ କରୁଥିଲେ। ମହିଳା ମାଓବାଦୀଙ୍କ ସହ ଏକାଧିକ ସିନିୟର କ୍ୟାଡର ଯୌନ ସମ୍ପର୍କ ରଖୁଥିଲେ। ସେମାନେ ବିରୋଧ କଲେ ଖାଇବାକୁ ଦେଉ ନ ଥିଲେ, ବନ୍ଧୁକ ପଛରେ ପିଟୁଥିଲେ। ନିର୍ଯାତନା ଅସହ୍ୟ ହେବା ପରେ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ ଲାଗି କନ୍ଧମାଳ ଏସ୍‌ପି ବି.ସି ହରିସ୍‌ଙ୍କୁ ଚିଠି ଲେଖିଥିଲେ। ପୁଲିସ ସେମାନଙ୍କୁ ସ୍ୱାଗତ କରିବା ସହ ଆତ୍ମ ସମର୍ପଣ ଯୋଜନାରେ ସାମିଲ କରାଯାଇ ସମସ୍ତ ଅନୁକମ୍ପା ରାଶି ମିଳିବ ବୋଲି ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି।

## ୨ ମୃତ, ୩୦ରୁ...

ପ୍ରମୁଖ ଅଧିକାରୀମାନେ ଉସ୍ତପଲ୍ଲୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପିଇବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହା ଖାଦ୍ୟ ବିଷାକ୍ତଜନିତ କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଥିବା ବେଳେ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ବର୍ଷା ପରେ ପରେ ପ୍ରଶାସନ ଆଗୁଆ ସଜାଗ ନ ହୋଇଥିବାରୁ ଗ୍ରାମାଞ୍ଚଳରେ ଏଭଳି ପରିସ୍ଥିତି ଦେଖା ଦେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।


**AFFIDAVIT**

I BIKRAM AGARWAL, S/o Naresh Kumar Agarawal, resident of Kusumaguda, Main ROAD, Po / PS - Umerkote, Dt- Nabarangapur, odisha -764073, Odisha declare by this Affidavit No.3000, Dated - 07/07/2025, that now onwards I shall be known as **VIKRAMDEV AGARWAL** for all future purpose.

**AFFIDAVIT**

I **UTTAM PRASAD AGARWAL**, S/o Naresh Kumar Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha -764 073, Odisha declare by this Affidavit No.2999, Dated - 07/07/2025, that now onwards I shall be known as **UTTAM PRASAD AGARWAL** for all future purpose.

**AFFIDAVIT**

I **SEEMA AGARWAL**, W/o Vikramdev Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha - 764073, Odisha declare by this Affidavit No.3001, Dated - 07/07/2025, that now onwards I shall be known as **SEEMABAI AGRAWAL** for all future purpose.

**ହଜିଯାଇଥିବା ଦସ୍ତାବେଜ**

ମୁଁ ମୋର ଅରିଜିନାଲ ପଟ୍ଟା (ROR) ଖା ନ :- 1309/3820 ମୌଜା ପଦ୍ମପୁର ପୁରୁଷୋତ୍ତମ ନଗର ଥାନା ପଦ୍ମପୁର ଜିଲ୍ଲା ବରଗଡ ପ୍ଲଟ ନ – 476/8320, ବିକ୍ରୟ କବଲା id no- 171700150 ଓ doc no- 10171700187 କୃଗତ 03/07/2025 ତାରିଖ ରେ ପଦ୍ମପୁର ଠାରେ ହଜାଇ ଦେଇଛି | ଏହି ଘଟଣା କୁ ପଦ୍ମପୁର ଥାନା ଅଧିକାରୀ ତଥା ପଦ୍ମପୁର ଥାନା ରେ ଦରଖାସ୍ତ କରିଛି | ଏହାର sde no-12 ତା :- 05/07/2025] ଏହି ଡକୁମେଣ୍ଟ କୌଣସିବ୍ୟକ୍ତି ପାଇଲେ ନିମ୍ନ ଲିଖିତ ମୋବଇଲ ନମ୍ବର ରେ ଯୋଗାଯୋଗ କରିବେ।
ନାମ- ସବିତା ଅଗ୍ରୱାଲ
ସ୍ୱାମୀ- ରାମଚନ୍ଦ୍ର ଅଗ୍ରୱାଲ
Mob no: 8260994868

**AFFIDAVIT**

I **MANMOHAN KUMAR AGRAWAL**, S/o- Madanlal Agrawal, resident of Raju Street, Po / PS- Jeypore, Dt- Koraput, odisha- 764001, Odisha declare by this Affidavit No.2856, Dated - 24/06/2025, that now onwards I shall be known as **MANMOHAN AGRAWAL** for all future purpose.

**AFFIDAVIT**

By virtue of affidavit SL NO. 1798, dated -07/07/2025 in the court of the Executive Magistrate, Phulbani, dist- Kandhamal, I, Keshaba Digal, have changed my name from **Krupasindhu Digal** to **Keshaba Digal**, Henseforth I shell be known as **Keshaba Digal** for all purpose.
**Sd/- Keshaba Digal**

**ଘୋଷଣାନାମା**

ଆମେ ଅମାନତ ରସୁଲ ଖାଁ, ପିତା-ଦାଉଦ ଖାଁ, ସା: ପାଟଣାସାହି, ପୋ/ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ ସର୍ବସାଧାରଣରେ ଘୋଷଣା କରୁଅଛୁ ଯେ, ଆମ୍ଭେ ଆମ୍ଭର ସ୍ତ୍ରୀ ସମିନା ବେଗମ, ପିତା-ସ୍ୱର୍ଗତ ସେକ ଅବଦୁଲ ହାକିମ ଙ୍କୁ ମୁସଲମାନ ଆଇନ ଅନୁଯାୟୀ ତଲାକ-ଏ-ହସନ ଗତ ତା.୧୩.୪.୨୦୨୫ରିଖରେ ତିନି ତଥା ଶେଷ ତଲାକ ଦେଇଅଛୁ ଏବଂ ସେ ଉକ୍ତ ତାରିଖରୁ ଆମ୍ଭ ସ୍ତ୍ରୀ ରହିଲେ ନାହିଁ କିମ୍ବା ସେ ଆମ୍ଭର ସମସ୍ତ ଅଧିକାରରୁ ବଂଚିତ ହୋଇ ଅଛନ୍ତି । ଏବଂ ଏହା ମଧ୍ୟ ଆମ୍ଭେ ଗତ ତା. ୪.୭.୨୫ ରିଖରେ ସତ୍ୟପାଠ ନମ୍ବର ୧୧୨୦ ରେ ଏକଯିକ୍ୟୁଟିଭ ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସମ୍ମୁଖରେ ଘୋଷଣା କରିଅଛୁ ।
ଅମାନତ ରସୁଲ ଖାଁ

**AFFIDAVIT**

I, **AMAR GAIKWAD, S/o Bharat Gaikwad, resident of At: Flat No- A602, NBCC Imperia, New Government Colony, Mancheswar, Bhubaneswar- 751005, Dist: Khordha, Odisha declare by this affidavit CFNo: 37, Dated 05.07.2025 that now onwards I shall be known as AMAR BHARAT GAIKWAD for all future purposes.**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 07/07/2025. I, **Kshirabati Behera,** formerly called as Khira Behera, D/o Ainthapatar Behera (father), Debaki Behera (mother), permanent resident of At- Silpara, Digsira, PO- Kushkela, PS- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my name from **Khira Behera** (old name) To **Kshirabati Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kshirabati Behera** (new name).
**Kshirabati Behera**

**AFFIDAVIT**

I, Paresh Chndra Mohanty, aged about 28 years, S/o- Khokan Mohanty, resident of At- Gunsartha, Po- Chandakusumi, Ps- Kamarda, Dist- Balasore, Odisha, Pin- 756035 declare by this affidavit No.1311, dtd- 07/07/2025 that now onwards I shall be known as **PARESH CHANDRA MOHANTY** for all future purposes.

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ ।**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୩.୦୮.୨୦୨୫ରିଖ** ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୩.୦୮.୨୦୨୫ରିଖ ଅପରାହ୍ନ ୦୨.୦୦ ଘଟିକା ରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ**
**ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ତା.୧୧.୦୮.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

| କ୍ର. ନଂ. | ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଆଖଣ୍ଡଳମଣୀ ଷ୍ଟୋର, ସ୍ୱତ୍ୱାଧିକାରୀ: ୰ ବନମାଳି ପାଣି,** ଠିକଣା-୧: ସା: ହୁସେନ ମାର୍କେଟ କମ୍ପ୍ଲେକ୍ସ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୦୪୫, ଠିକଣା-୨: ସା: ତେନ୍ତୁଳିଆ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା / **ଆଇନଗତ ଉତ୍ତରାଧିକାରୀ: ୧) ଶ୍ରୀ ପ୍ରସୁଉଡ ପାଣି,** ପିତା: ୰ ବନମାଳି ପାଣି, **୨) ଶ୍ରୀମତୀ ସବିତା ପାଣି,** ସ୍ୱାମୀ: ୰ ବନମାଳି ପାଣି, ଉଭୟଙ୍କ ଠିକଣା- ସା/ପୋ: ତେନ୍ତୁଳିଡିହି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା | ୰ ବନମାଳି ପାଣିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତେନ୍ତୁଳିଡିହି, ପୋ/ଥାନା/ତହସିଲ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, (କ) ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୯୪, ପ୍ଲଟ୍ ନଂ.: ୧୮୭୧, କ୍ଷେତ୍ର: ଏକର୦.୦୮ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହରିବଲ୍ଲଭ ପଢ଼ିହାରି, ପୂର୍ବ: ପଞ୍ଚୁ ପଢ଼ିହାରି, ପଶ୍ଚିମ: ରାସ୍ତା, (ଖ) ମୌଜା: ସିମିଳିଆ, ଖାତା ନଂ.: ୧୮୬/୧୫୨, ପ୍ଲଟ୍ ନଂ.: ୧୨୯/୬୬୫ ଏବଂ ୧୩୦/୬୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି ଏବଂ ଏକର୦.୦୪ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗଦାଧର ସାହୁ, ଦକ୍ଷିଣ: ୧୦ ଫୁଟିଆ ରାସ୍ତା, ପୂର୍ବ: ଗୁଣନିଧି କର, ପଶ୍ଚିମ: ଶ୍ରୀ ସୁଶାନ୍ତ, (ଗ) ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୧୩୪, ପ୍ଲଟ୍ ନଂ.: ୨୪୪୫/୨୯୨୦ ଏବଂ ୨୪୪୬, କ୍ଷେତ୍ର: ଏକର୦.୦୨ ଡିସିମିଲି ଏବଂ ଏକର୦.୧୦ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: କୈଶା ବାରିକ, ଦକ୍ଷିଣ: କାଦୁଅ ରାସ୍ତା, ପୂର୍ବ: ଗ୍ରାମ୍ୟ କଂକ୍ରିଟ୍ ରାସ୍ତା, ପଶ୍ଚିମ: ବ୍ୟକ୍ତିଗତ ପ୍ଲଟ୍ (ଏହି ସମ୍ପତ୍ତିଟି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୯୫,୮୦,୭୭୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୧୧.୨୦୨୨ | ଟ.୬୩,୨୫,୦୦୦/- / ଟ.୬,୩୨,୫୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସାଇକେଲ ଷ୍ଟୋର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌରାଙ୍ଗ ସ,** ସା/ପୋ: ଆଜିମାବାଦ, ମେନ୍ ରୋଡ୍, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧/ **ଜାମିନ୍‌ଦାର: ଶ୍ରୀ ଅନ୍ତର୍ଯ୍ୟାମୀ ସ,** ପିତା: ଅନାଦୀ ଚରଣ ସ, ବୁଆଁଳ ବୁଆଁଳ ମନ୍ଦିର ନିକଟ, ବାଲେଶ୍ୱର ସଦର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୭ | ଗୌରାଙ୍ଗ ସ ଏବଂ ଅନ୍ତର୍ଯ୍ୟାମୀ ସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କରଞ୍ଜିଆ, ୟୁନିଟ୍-୬, ଖାତା ନଂ.: ୧୯୯/୨୬୦୧, ପ୍ଲଟ୍ ନଂ.: ୬୪୦/୩୭୮୩, କ୍ଷେତ୍ର: ଏକର୦.୦୪ ଡିସିମିଲି, କିସମ: ଘରବାରି (ଏହି ସମ୍ପତ୍ତିଟି ବ୍ୟାଙ୍କର ଭୌତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୮୧,୨୫,୬୬୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୬.୦୬.୨୦୨୪ | ଟ.୪୩,୧୭,୦୦୦/- / ଟ.୪,୩୧,୭୦୦/- / ଟ.୫୦,୦୦୦/- |

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
**www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com**
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫ ଏବଂ ସିସିଓ: ଶ୍ରୀ ବି.ଏନ୍. ମୂର୍ତ୍ତୀ, ମୋ.: ୭୩୮୧୦୪୮୭୦୭

ତାରିଖ : ୦୭.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର | ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ସକାଳ
THE SAKALA



## ଯୋଗୀସର୍ଡା ରାଜସ୍ୱ ନିରୀକ୍ଷା କାର୍ଯ୍ୟାଳୟ

# କାଗଜପତ୍ରରେ ଯୋଗୀସର୍ଡା, ଚାଲିଛି ଲୋଇସିଂହାରେ

**ବଲାଙ୍ଗିର, ୭।୭(ସମିସ)**



ଲୋକଙ୍କ ଜମିଜମା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ ସଂଖ୍ୟା ବୃଦ୍ଧି କରିଥିଲେ। ରାଜସ୍ୱ ନୀରିକ୍ଷକମାନଙ୍କ ପାଇଁ ସମସ୍ତ ସର୍କଲରେ କାର୍ଯ୍ୟାଳୟର ମଧ ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ କିଛି କାର୍ଯ୍ୟାଳୟ ପଞ୍ଚାୟତ ଓ ଭଡାଘରେ ଚାଲିଥିଲା ସତ କିନ୍ତୁ ପରବର୍ତ୍ତି ସମୟରେ ସରକାର କାର୍ଯ୍ୟାଳୟ ନିର୍ମାଣ କରିଥିଲେ। ତେବେ ବଲାଙ୍ଗିର ଜିଲ୍ଲାରେ ଏଭଳି ଏକ ଆରଆଇ ସର୍କଲ କାର୍ଯ୍ୟାଳୟ ରହିଛି, ଯାହାକି କାଗଜପତ୍ରରେ ଗୋଟିଏ ସ୍ଥାନ ଅସଲରେ ପରିଚାଳିତ ହେଉଛି ଆଉ ଏକ ସ୍ଥାନରୁ। ଫଳରେ ଲୋକେ ନିଜ ଗାଁ ପାଖରେ କାର୍ଯ୍ୟାଳୟ ଥାଇ ମଧ ଯେକୌଣସି କାମ ପାଇଁ ଦୂରକୁ ଧାଉଁଛନ୍ତି। ଏହି ଆରଆଇ ସର୍କଲ କାର୍ଯ୍ୟାଳୟଟି ରହିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲ ଅଧୀନରେ।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲ ଅଧୀନରେ ରହିଛି ଯୋଗୀସର୍ଡା ଆରଆଇ ସର୍କଲ। ଏହି ସର୍କଲ ଦାୟିତ୍ୱରେ ଜଣେ ଅଧିକାରୀ ଓ ତାଙ୍କ ଅଧୀନରେ ଅନ୍ୟ କର୍ମଚାରୀମାନେ ମଧ ରହିଛନ୍ତି। କିନ୍ତୁ ଗତ କିଛିବର୍ଷ ହେଲା ଏହି ଉକ୍ତ ଆରଆଇ ସର୍କଲର ଅଧିକାରୀ ଓ କର୍ମଚାରୀମାନେ ଯୋଗୀସର୍ଡା ଯାଉ ନ ଥିବାବେଳେ ସର୍କଲରେ ଥିବା ଗ୍ରାମବାସୀ ନିଜ କାମ ପାଇଁ ଲୋଇସିଂହାକୁ ଆସୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ଲୋଇସିଂହା ତହସିଲ ଅଧୀନରେ ଥିବା ଯୋଗୀସର୍ଡା ଠାରେ ଆରଆଇ ସର୍କଲ ଆରମ୍ଭ ହେବାପରେ ଏହା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରୁ ହିଁ ପରିଚାଳିତ ହେଉଥିଲା। ପରବର୍ତ୍ତି ସମୟରେ ଆରଆଇ ସର୍କଲ କାର୍ଯ୍ୟାଳୟ ଗୁର୍ଜିଭଟା ଛକଠାରେ ନିର୍ମାଣ କରାଯାଇଥିଲା। ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟାଳୟ କୋଠା ନିର୍ମାଣ କରାଯାଇଥିଲା। କାର୍ଯ୍ୟାଳୟ କୋଠା ସହ ପାଚେରି, ପାଣି ସୁବିଧା ମଧ କରାଯାଇଥିଲା। ଏହି ନିର୍ମାଣ କାମ ଆଠବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ବହୁ ପୂର୍ବରୁ ହସ୍ତାନ୍ତର ମଧ ହୋଇଥିଲା। କିନ୍ତୁ ଏହି କୋଠା ରେ ଗୋଟିଏ

### କାର୍ଯ୍ୟାଳୟ କୋଠା ଶୋଚନୀୟ ବାହାନାରେ ଯାଉନାହାନ୍ତି ଅଧିକାରୀ

ଦିନ ବି କାର୍ଯ୍ୟାଳୟ ଚାଲି ନଥ ଲା। ବର୍ତ୍ତମାନ ଏହି କାର୍ଯ୍ୟାଳୟ କୋଠାରେ ଅବସ୍ଥା ଶୋଚନୀୟ ହୋଇଥିବା ଅଭିଯୋଗ ହୋଇଛି। ଗୋଟିଏ ଦିନ ବି ବ୍ୟବହାର ହୋଇନଥିବା ଏହି କାର୍ଯ୍ୟାଳୟର ଅବସ୍ଥା ଖରାପ ଥିବା ବାହାନା ଦେଖାଇ ବର୍ତ୍ତମାନ ଉକ୍ତ କାର୍ଯ୍ୟାଳୟ ଲୋଇସିଂହାରେ ଚାଲିଥିବା ଦାୟିତ୍ୱରେ ଥିବା ଆରଆଇ ସୂଚନା ଦେଇଛନ୍ତି। କିଛି ବର୍ଷ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଉକ୍ତ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇ ଥିଲା। କାଗଜପତ୍ରରେ ଏହି କାର୍ଯ୍ୟାଳୟ ଏବେବି ଯୋଗୀସର୍ଡାରେ ଚାଲିଥିବା ଦର୍ଶାଯାଉଥିବା ବେଳେ ଲୋକେ କିନ୍ତୁ ନିଜ ପାଖରେ ଅଧିକାରୀଙ୍କୁ ନପାଇ ଲୋଇସିଂହାକୁ ଧାଉଁଥିବା କହିଛନ୍ତି। ତେବେ ଏତେ ବର୍ଷ ହେଲା ଏଭଳି ଏକ ପ୍ରଶାସନିକ ବିଭ୍ରାଟ ପାଇଁ ଦାୟୀ କିଏ ! କାହିଁକି ଆଜିପର୍ଯ୍ୟନ୍ତ କାଗଜପତ୍ରରେ କାର୍ଯ୍ୟାଳୟ ଯୋଗୀସର୍ଡାରେ ଚାଲିଥିବା ଦର୍ଶାଯାଇଛି। ଅଧିକାରୀ ସର୍କଲ କାର୍ଯ୍ୟାଳୟ ବଦଳରେ ଲୋଇସିଂହାରେ କାମ କରୁଥିବା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ନା ନାହିଁ ତାହା ମଧ ଏକ ବଡ଼ ପ୍ରଶ୍ନ। ଏ ବିଷୟରେ ଭାରାପ୍ରାପ୍ତ ଆରଆଇଙ୍କୁ ପଚାରିବାରୁ ସେ ଯୋଗଦେବା ଦିନ ଠାରୁ ଉକ୍ତ କାର୍ଯ୍ୟାଳୟ କାମ ଲୋଇସିଂହାରେ ହିଁ କରାଯାଉଛି। କାର୍ଯ୍ୟାଳୟ କୋଠା ବ୍ୟବହାର ଯୋଗ୍ୟ ନ ଥିବାରୁ ଏପରି ଚାଲିଛି। ତାଙ୍କ ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ ଲୋଇସିଂହାରେ କାମ କରୁଥିବା ପ୍ରତିକ୍ରିୟାରେ କହିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏନେଇ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ପଚାରିବାରୁ ସେ ନେଇ ଅବଗତ ନ ଥିଲେ। ଏହିଭଳି ହେବା କଥା ନୁହଁ। ଯଦି ଏହା ହୋଇଛି ତେବେ ନିହାତି ଭାବେ ଏହାର ସମାଧାନ ଶୀଘ୍ର କରାଯିବ ବୋଲି କହିଛନ୍ତି।

## କୂଳ ଖାଉଛି ତେଲନଦୀ

# ଭୟ ଓ ଆଶଙ୍କାରେ ନଦୀକୂଳିଆ ଲୋକେ



**ଶଗଡ଼ା, ୭।୭(ସମିସ):** କଣ୍ଟାମାଳ ବ୍ଲକରେ ଦୀର୍ଘ ୬୦କିଲୋମିଟର ଦେଇ ପ୍ରବାହିତ ତେଲନଦୀ ବ୍ଲକର ଜୀବନ ରେଖା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ହେଲେ ଉକ୍ତ ତେଲ ନଦୀ ବର୍ତ୍ତମାନ ନଦୀ କୁଳିଆ ଲୋକଙ୍କ ପାଇଁ କାଳ ସାଜିଛି। କଣ୍ଟାମାଳ ବକ୍‌ର କଣ୍ଟାମାଳ, ଲୋକାପଡ଼ା, ପଥର୍ଲା, ଗବଜୋର୍, କିର୍ଲା, ଘଣ୍ଟାପଡ଼ା, ମାଣିକପୁର, ଶ୍ରୀମାଲ, ମଲିକୁଦ, ଗୁଆବାହାଲ, କମଘାଟ, ସାହୁପଡ଼ା, ଅମୂଡା, ଦହ୍ୟା ବାଉଶୁଣି, ମନମୁଣ୍ଡା, ଦେଉଳି, କପାସିରା, ରତାଖଣ୍ଡି, ତୁଣ୍ଡୁମାଲ, ଆମ୍ବଗହଣା ପ୍ରଭୃତି ଗାଁ ଗୁଡ଼ିକ ଦେଇ ପ୍ରବାହିତ ହେଉଛି। ପ୍ରତିବର୍ଷ ବନ୍ୟା ହେଲେ ତେଲନଦୀ କୂଳ ଖାଉଛି। ଅଧିକ ବନ୍ୟା ହେଲେ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ଓ ଆଶଙ୍କାରେ ଦିନ କାଟନ୍ତି। ନଦୀଗୁଡିକରେ ନଇ କୁଳିଆ କିଛି ଗାଁ ଓ ଚାଷ ଜମି ଲୀନ ହେବାକୁ ବସିଲାଣି। ନଦୀ କୂଳର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ଦାବୀ କରି ଆସୁଥିଲେ ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁ ନାହାନ୍ତି। ଅନେକ ସ୍ଥାନରେ ଲଗାତାର ବର୍ଷା ହେଲେ ବନ୍ୟା ଜଳ କୂଳଲଙ୍ଘି ଗାଁ ଭିତରକୁ ପଶି ଆସେ। ବନ୍ୟା ଜଳରେ ବିଭିନ୍ନ ବିଛା, ସରୀସୃପ ଆଦି ଜୀବଜନ୍ତୁ ମଧ ଭାସି ଆସି ଗାଁକୁ ପଶି ଆସନ୍ତି। ବେଳେ ବେଳେ ସରୀସୃପ ଲୋକଙ୍କୁ କ୍ଷତି ମଧ ପହଞ୍ଚାଇ ଥାନ୍ତି। ଯେଉଁ ଗାଁକୁ ବନ୍ୟା ଜଳ ପଶି ଆସେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରୁହନ୍ତି। ସରକାରଙ୍କ ତରଫରୁ କିଛି ଜାଗାରେ ପଥର ପେଚିଂ କରି ଆଡ଼ି ବନ୍ଧ ନିର୍ମାଣ କରାଯାଇଛି। ହେଲେ ଆଜି ବି ଅଧିକାଂଶ ସ୍ଥାନରେ ପଥର ପ୍ୟାଚିଂ କରାଯାଇ ନାହିଁ। କିଛି ନଦୀକୁଳିଆ ଜମିକୁ ବେଳେ ବେଳେ ବର୍ଷା ପାଣି ମାଡି ବାଲିଚର ହୋଇ ଯାଏ। ଫଳରେ ଜମି ସହ ଫସଲ ମଧ ନଷ୍ଟ ହୋଇ ଚାଷୀଙ୍କୁ କ୍ଷତିରେ ପକାଇ ଥାଏ। ତୁରନ୍ତ ଏହାର ସମାଧାନ କରିବାକୁ ନଦୀକୁଳିଆ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ଦାବି କରିଛନ୍ତି। ଅଗାମୀ ଦିନରେ ତେଲ ନଦୀରେ ଉକ୍ତ ଗ୍ରାମ ଗୁଡିକ ଲୀନ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଏନେଇ ଜିଲ୍ଲା ଜଳସେଚନ ବିଭାଗ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଦାବ୍ରି ଗାଁକୁ କାଦୁଅ ପଚ ପଚ ରାସ୍ତା



**ତୁରେକେଲା, ୭।୭(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ଦାବ୍ରି ଗାଁରେ ଲଗାଣ ବର୍ଷା ଯୋଗୁଁ ଗାଁଦାଣ୍ଡ କାଦୁଅ ପଚ ପଚ ହୋଇପଡ଼ିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏହି ରାସ୍ତା ମରାମତି ପାଇଁ ନିର୍ବାଚିତ ପ୍ରତିନିଧି ଓ ଅଧିକାରୀଙ୍କୁ ଜଣାଇଲେ ମଧ କେହି ଶୁଣୁନାହାନ୍ତି ବୋଲି ଗାଁର ମାଁ ଦ୍ୱାରସନୀ ଯୁଥ କ୍ଲବ୍ ଅଭିଯୋଗ ଆଣିଛି। ଅନେକ ବର୍ଷ ହେଲା ଏହି ରାସ୍ତା ମରାମତି କରାଯାଇ ନାହିଁ, ଯାହାଫଳରେ ଖାଲଖମାରେ ଭର୍ତ୍ତି ହୋଇପଡ଼ିଛି। ସେହି ଖାଲଖମା ରାସ୍ତାରେ ପଡ଼ି ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ନଜର ଦେବାକୁ ମା ଦ୍ୱାରସନୀ ଯୁଥ କ୍ଲବ ସଦସ୍ୟମାନେ ଦାବି କରିଛନ୍ତି।

## ■ ଲଗାଣ ବର୍ଷାରେ ଭାଙ୍ଗିଲା ଘର

# ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



**ଜୟପାଟଣା, ୭।୭(ସମିସ):** ଗରିବଙ୍କ ପାଇଁ ସରକାର ଆବାସ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି କିନ୍ତୁ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ ପଡ଼ିଛନ୍ତି। ସରକାରୀ ସ୍ତରରେ ଏଥିପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନଥିବା ବେଳେ ହନ୍ତସନ୍ତ ହେଉଛନ୍ତି ଗରିବ ପରିବାର। ଆଉ ଦୁଃଖକୁ ଦୁଇ ଗୁଣ କରିଛି ଲଗାଣ ବର୍ଷା। କଳାହାଣ୍ଡି ଜିଲ୍ଲା ଜୟପାଟଣାର ଉଗ୍ରସେନ ମାଝୀଙ୍କ ମାଟି ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ସ୍ୱାମୀ ସ୍ତ୍ରୀ। କଳାହାଣ୍ଡି ଜିଲ୍ଲା ଜୟପାଟଣା ଲାଖଲଚାପଡ଼ାର ଉଗ୍ରସେନ ମାଝୀଙ୍କ ଘର ବର୍ଷାରେ ଭାଙ୍ଗି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ସ୍ୱାମୀ ସ୍ତ୍ରୀ। ଗତ କିଛି ଦିନ ହେବ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି ।ବର୍ଷାରେ ଉଗ୍ରସେନଙ୍କ ମାଟି ମାଟି ଘର ଭୁଶୁଡି ପଡ଼ିଥିବା ବେଳେ ଘରର ବାସନକୁସନ, ଲୁଗାପଟା, ରୋଷେଇ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ସବୁ ମାଟି ତଳେ ଚାପି ହୋଇ ନଷ୍ଟ ହୋଇଯାଇଛି। ସେମାନେ ବାସହରା ହୋଇଯାଇଥିବା ବେଳେ ଭୋକ ଉପାସରେ ପଡ଼ି ରହିଛନ୍ତି। ସୌଭାଗ୍ୟ ବଶତଃ ସେମାନେ ଅଳ୍ପକେ ଏକ ବଡ ବିପଦରୁ ରକ୍ଷା ପାଇ ଯାଇଛନ୍ତି ହେଲେ ଏବେ କେଉଁଠି ଉଗ୍ରସେନ ତାଙ୍କ ପତ୍ନୀଙ୍କୁ ନେଇ ରଖିବେ ତାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଦୀର୍ଘ ଦିନ ହେଲା ଉଗ୍ରସେନ ଗୃହଟିଏ ପାଇଁ ଆବେଦନ କରି ଆସୁଥିଲେ ସୁଦ୍ଧା ତାଙ୍କୁ ଘର ଖଣ୍ଡିକ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଭାଗ୍ୟକୁ ଆଦରି ମାଟି ଘରେ ଦୁହେଁ ମୁଣ୍ଡଗୁଞ୍ଜି ଜୀବନ କାଟୁଥିଲେ ହେଲେ ଦଇବ ସହିଲା ନାହିଁ। ଦାଉ ସାଜିଲା ଲଗାଣ ବର୍ଷା, ବେସାହାରା ହୋଇଗଲେ ବୃଦ୍ଧ ବୃଦ୍ଧା। ଆବାସ ଯୋଜନା ତାଙ୍କ ପାଇଁ ସାତସପନ ହୋଇଛି। ସରକାର ଗରିବ, ଗୃହହୀନ, ବାସହୀନ ଲୋକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି କିନ୍ତୁ ଉଚିତ ସର୍ଭେର ଅଭାବ ସାଙ୍ଗକୁ ତୃଣମୂଳରେ ଲୋକଙ୍କ ସମସ୍ୟାକୁ ଅଣଦେଖା, ଯୋଜନାକୁ ବାଟବଣା କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଉଗ୍ରସେନଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଓଡ଼ିଶା ଲୋକ ଦଳର ଶୋଭାଯାତ୍ରା

**ସୋନପୁର, ୭।୭(ସମିସ):** ୧୨ ଦଫା ଦାବି ନେଇ ଓଡ଼ିଶା ଲୋକ ଦଳର କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରା କରିବା ସହ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦଳର ପଶ୍ଚିମ ଓଡ଼ିଶା ପ୍ରଭାରୀ ଦିବାକର ପୁଟେଲଙ୍କ ନେତୃତ୍ୱରେ ସୁବର୍ଣ୍ଣପୁର ଜିଲ୍ଲାରେ ଓଡ଼ିଶା ଲୋକଦଳ ପକ୍ଷରୁ ସଚେତନତା ପରିବର୍ତ୍ତନ ଯାତ୍ରା ଅନୁଷ୍ଠିତ ହେଇଥିଲା। ଲୋକଦଳର କର୍ମକର୍ତ୍ତାମାନେ ସ୍ଥାନୀୟ ରୟାଲ ପଡ଼ିଆରୁ ବସଷ୍ଟାଣ୍ଡ ଦେଇ ଜିଲ୍ଲାପାଳ ଅଫିସକୁ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କୁ ୧୨ ଦଫା ଦାବିପତ୍ର ଦେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମଲ୍ଟି ହସପିଟାଲରେ ପରିଣତ, ରିଂ ରୋଡ କାମ ଶୀଘ୍ର ସମ୍ପୂର୍ଣ୍ଣ, ସୋନପୁର ସୂତାକଳର ପୁନରୁଦ୍ଧାର, ସୋନପୁର ବସଷ୍ଟାଣ୍ଡ ଶୀଘ୍ର ନିର୍ମାଣ, ସୋନପୁରରୁ ରାୟପୁରକୁ ଟ୍ରେନ ଚଳାଚଳ ଆଦି ରହିଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସନ୍ତୋଷ ନାରାୟଣ, ସମ୍ବିତ କୁମାର ପଣ୍ଡା, ଦିବାକର ପୁଟେଲ, ସତିଶ କୁମାର ନନ୍ଦ, ଅଭିଷେକ ଦାଶ ଓ ରାଧାକାନ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## କଶୃପଡ଼ା-ସିଂଝରଣ ରାସ୍ତା ଶୋଚନୀୟ

# ରାସ୍ତା ଅବରୋଧ କରି ବିଡିଓଙ୍କୁ ଅଭିଯୋଗ କଲେ ଶତାଧିକ ମହିଳା

**କେସିଙ୍ଗା, ୭।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କଶୃପଡ଼ା ପଞ୍ଚାୟତର କଶୃପଡ଼ାରୁ ସିଂଝରଣ ଗ୍ରାମ୍ୟ ରାସ୍ତା ଦୀର୍ଘ ପାଞ୍ଚ ବର୍ଷ ଧରି ଅତି ଶୋଚନୀୟ ହୋଇ ପଡ଼ିରହିଛି। ସୂଚନା ମୁତାବକ ଉକ୍ତ ରାସ୍ତା ଦେଇ ଆଗକୁ



ରେଙ୍ଗାଲି, ପଦ୍ମପୁର, ସିଂଝରଣ ଭଳି ଗ୍ରାମ ଥିବାବେଳେ ସେହି ରାସ୍ତା ଫୁଲମତି ପାହାଡ଼ ଦେଇ ନର୍ଲା ବ୍ଲକ ର ଟାପରାଙ୍ଗ, ମୁସ୍କୁଟି, ଗିଗିନା ସମେତ ରୁପ୍ରା ଏବଂ ନର୍ଲାକୁ ମଧ ସଂଯୋଗ ରହିଛି। ଏହି ରାସ୍ତା ଉପରେ ତିନି ଚାରି ଖଣ୍ଡ ଗ୍ରାମର ଜନସାଧାରଣ ବାଣିଜ୍ୟ, ମେଡିକାଲ ଏବଂ ଶିକ୍ଷା ଭଳି ଅନେକ କାର୍ଯ୍ୟର କଶୃପଡ଼ା ଏବଂ କେସିଙ୍ଗା ସହର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ଉକ୍ତ ଗ୍ରାମମାନଙ୍କ ଠାରୁ କୌଣସି ଏକ ରୋଗୀ କିମ୍ବା ଗର୍ଭବତୀଙ୍କୁ ଚିକିତ୍ସାଳୟକୁ ନେବାକୁ ହେଲେ ସେହି ଶୋଚନୀୟ ରାସ୍ତାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗର୍ତ୍ତମାନଙ୍କରେ ଗାଡ଼ି ଚାଳକମାନେ ପଡ଼ି ଦୁର୍ଘଟଣା ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ରାସ୍ତା ମରାମତି କିମ୍ବା ନୂତନ ରୂପେ ରାସ୍ତାର ନିର୍ମାଣ ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନକୁ ଅବଗତ କରାଇ ଥିଲେ ମଧ ଗ୍ରାମବାସୀଙ୍କୁ କୌଣସି ସୁଫଳ ମିଳିନଥିବାରୁ ଶେଷରେ ତିନୋଟି ଗ୍ରାମର ଶତାଧିକ ମହିଳା ସୋମବାର ଦିନ ସେହି ରାସ୍ତାକୁ ଅବରୋଧ କରିବା ସହ କେସିଙ୍ଗା ସ୍ଥିତ 'ଗ୍ରାମ୍ୟ ନିର୍ମାଣ ବିଭାଜନ'ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ ଘେରଉ କରିଥିଲେ। ଘେରଉ କରିବା ସୂଚନା ପାଇ ଉକ୍ତ ବିଭାଗର କାର୍ଯ୍ୟରତ ଅଧିକାରୀମାନେ ଅନେକ ବର୍ଷ ପୂର୍ବେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ବିଶେଷ ଯୋଜନା ମାଧ୍ୟମରେ ଆମ୍ଭ ବିଭାଗକୁ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଫଳରେ ଆମେ ରାସ୍ତା ତିଆରି କରୁଥିଲୁ। କିନ୍ତୁ ପ୍ରକୃତରେ ସେହି ରାସ୍ତା ଆମ ବିଭାଗର ଅଧୀନରେ ନାହିଁ ତେଣୁ ଆମେ କିଛି କରିପାରିବୁ ନାହିଁ ବୋଲି ଲିଖିତ ପତ୍ର ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲେ। ଫଳରେ ଗ୍ରାମବାସୀ ସେହି ଲିଖିତପତ୍ର ନେଇ କେସିଙ୍ଗା ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ପତ୍ର ହସ୍ତାନ୍ତର କରି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ ତୁରନ୍ତ ପଦକ୍ଷେପ ନେଇ ବର୍ତ୍ତମାନ ରାସ୍ତାମରାମତି ପାଇଁ ନିର୍ଦ୍ଦେଶ ଦିଆଯିବ ଏବଂ ଶୀଘ୍ର କୌଣସି ଏକ ଯୋଜନା ମାଧ୍ୟମରେ ଉକ୍ତ ରାସ୍ତାକୁ ନୂତନ ରୂପେ ତିଆରି କରିବା ପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରିବି ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଡ଼ିଓଙ୍କ ପ୍ରତିଶ୍ରୁତି ପରେ ଗ୍ରାମର ସମସ୍ତ ମହିଳା ଏବଂ ଲୋକେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରି ଅବରୋଧ କରିଥିବା ରାସ୍ତାରୁ ହଟିଥିଲେ। ଅନ୍ୟପଟେ ଗ୍ରାମବାସୀଙ୍କ କହିବାନୁଯାୟୀ କଶୃପଡ଼ା -ସିଂଝରଣ ରାସ୍ତାର ରେଙ୍ଗାଲି ଗ୍ରାମ ନିକଟରେ ଜଣେ ବ୍ୟବସାୟୀଙ୍କ କ୍ରସର ମିଲ ସହ ଏକ ଇଟା ଫ୍ୟାକ୍ଟ୍ରି ରହିଛି। ଫଳରେ ସେହି ରାସ୍ତା ଦେଇ ନିତିଦିନ ଅନେକ ସଂଖ୍ୟାରେ ହାଇୱା, ଟ୍ରକ୍ ଏବଂ ଟ୍ରାକ୍ଟର ଭଳି ଭାରିଯାନ ଯାତାୟାତ କରିଥାଏ। ଦୀର୍ଘ ବର୍ଷ ଧରି ଉକ୍ତ ଫ୍ୟାକ୍ଟ୍ରିର ମାଲିକ ସେହି ରାସ୍ତା ବ୍ୟବହାର କରୁଥିଲେ ସୁଦ୍ଧା ରାସ୍ତା ଖରାପ ହେଲେ ତାଙ୍କ ପକ୍ଷରୁ କୌଣସି ପ୍ରକାରର ମରାମତି କରାଯାଉ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଫଳରେ ରାସ୍ତା ଆହୁରି ଶୋଚନୀୟ ହୋଇପଡ଼ିଛି। ତେଣୁ ନୂତନ ରାସ୍ତା ନିର୍ମାଣ ହେଲେ ମଧ ଉକ୍ତ ଫ୍ୟାକ୍ଟ୍ରିର ବଡ଼ ବଡ଼ ଗାଡ଼ି ମଟର ଚଳାଚଳ ଯୋଗୁଁ ରାସ୍ତା ପୁଣି ଥରେ ଖରାପ ହେବା ଗ୍ରାମ ବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

## ■ ଟେଁମରା ଗାଁକେ ସମବାକେ ଲାଗୁଛେ ଡର୍

# ପଚପଚି ଯେଉଚେ କାଦୋ, ତୁମ୍ ପଡ଼ିଛେ ପ୍ରଶାସନ

**କୋକସରା, ୭।୭(ସମିସ):** ଗାଁ ସମବା ଲୋଗରୁ ନୁଁ ମୁଡସା ତକ୍, ପଚପଚି ଯୋଉଛେ କାଦୋ ପେନ୍। ଚାଲି ନେଇ ହେବାର ଗାଁ ଖୋଏଲ। ବିଡିଓ, ସରପଞ୍ଚ ଆଜ୍ଞାମାନେ ଦେଖୁଚତ୍ କି ନେଇ, ଆମକେ ସରମ ଲାଗଛେ। ଆଁଠେକ୍ ପେନ୍ ସାଙ୍ଗେ ପଚପଚା କାଦୋ ଏନ୍ତାତି ଗାଁ କେ ସମବାକେ ଡ଼ର୍ ଲାଗୁଛେ। ଏନ୍ତା କିଛି କହି କ୍ଷୋଭ ପ୍ରକାଶ କରିଛନ୍ତି କୋକସରା ବ୍ଲକ ଟେଁମରା ଗାଁ ରାସ୍ତାରେ ଯାତାୟାତ କରୁଥିବା କିଛି ଲୋକ। ଓ ବୁଲାଣି ରାସ୍ତା ହୋଇ ଥିବାରୁ ପ୍ରତି ମୂହୁର୍ତ୍ତରେ ଦୁର୍ଘଟଣା ଘଟିବାର ମଧ ଆଶଂକା ରହିଛି। ସେହିପରି ଉକ୍ତ ଛକଠାରୁ ବଜାର ପଡ଼ିଆ, ସିର୍ଲିଗୁଡା ଯିବା ଛକ ପର୍ଯ୍ୟନ୍ତ ରାସ୍ତାରେ ମଧ କାଦୁଅ ଭର୍ତ୍ତି ହୋଇ ରହିଛି। ଅନ୍ୟପଟେ ଗାଁରେ ଆସନ୍ତା ଶୁକ୍ରବାର ଦିନ ପ୍ରସିଦ୍ଧ ଆଷାଢ଼ କେନା ମଣ୍ଡେଇ ଯାତ୍ରା ହେବାକୁ ଥିବାବେଳେ ଏହି ଯାତ୍ରାରେ ହଜାର ହଜାର ହଜାର ଲୋକଙ୍କ ସମାଗମ ହେବାର ରହିଛି। ଟେଁମରା ପଞ୍ଚାୟତ ମୁଖ୍ୟାଳୟ ହୋଇଥିବା ବେଳେ ରାସ୍ତା ସମସ୍ୟା



ସୂଚନା ଯେ' ବ୍ଲକ ଓ ପଞ୍ଚାୟତ ଅଧିନରେ ଥିବା ଟେଁମରା ଗାଁ ମୁଖ୍ୟରାସ୍ତା ସାମାନ୍ୟ ବର୍ଷା ହେଲ ପାଣି ଜମି ରହୁଛି। ଗାଁ ପ୍ରବେଶ ପଥଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ କାଦୁଅ ପଚପଚ ହୋଇ ଶୋଚନୀୟ ହୋଇପଡ଼ିଛି। ଗାଁ ଆରମ୍ଭ ତିନି ଛକଠାରେ ଜଣେ ନିର୍ବାଚିତ ଜନ ପ୍ରତିନିଧି ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ ତାଙ୍କ ଘର ନିକଟରେ ଥିବା ଡ୍ରେନକୁ ପୋତି ଦେଇଥିବା ଲୋକେ ପ୍ରକାଶ କରିଛନ୍ତି। ଡ୍ରେନକୁ ବନ୍ଦ କରିବା ଫଳରେ ସାମାନ୍ୟ ବର୍ଷା ହେଲେ ମଧ ପାଣି ନିଷ୍କାସନ ହୋଇ ନପାରି ରାସ୍ତାରେ ଆଣ୍ଠୁଏ ଆଣ୍ଠୁରେ ପାଣି ଜମି ରହିଛି। ଏହି ରାସ୍ତାରେ ଯାତାୟାତ ବେଳେ ଲୋକଙ୍କୁ ଅନେକ ଅସୁବିଧା ହେଉଛି। ଅନ୍ୟପଟେ ଛକ ସମାଧାନ କରିବା ପାଇଁ ବାରମ୍ବାର ଦାବି କରିଥିଲେ ମଧ କାହାରି ଦୃଷ୍ଟି ପଡ଼ିନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ତେଣୁ ବର୍ତ୍ତମାନ ପରିସ୍ଥିତିକୁ ଦେଖି ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ମରାମତି କରିବା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ଏନେଇ ଟେଁମରା ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ମତାମତ ନେବାରୁ ଡ୍ରେନକୁ ଖୋଲି ପାଣି ନିଷ୍କାସନ ପାଇଁ ଆମେ ଗ୍ରାମବାସୀ ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନୁରେଦ କରିବା ସତ୍ତ୍ୱେ କାହାରି କଥା ସେ ଶୁଣୁ ନାହାନ୍ତି। ବର୍ତ୍ତମାନ ପରିସ୍ଥିତିରେ ଆମେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରୁଛୁ। ସିସି ରାସ୍ତା ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଛି ସିଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।

## ବନ୍ୟ ପଶୁପକ୍ଷୀ ଓ ଜଙ୍ଗଲ ସୁରକ୍ଷାରେ ସମର୍ପିତ ଠାକୁର

# ଫେରିଲା ସବୁଜିମା, ବନ୍ୟ ପଶୁପକ୍ଷୀ

**ସିନାପାଲି, ୭।୭(ସମିସ)**

ପ୍ରାଣିଜଗତର ସ୍ଥିତି, ବିକାଶ ଏବଂ ବିଳୟ ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭର କରେ। କିନ୍ତୁ ପରିତାପର ବିଷୟ ଯେ, ଆଧୁନିକ ସଭ୍ୟତା ଜଙ୍ଗଲ ଭଳି ପ୍ରାଣଦାୟୀ ସମ୍ପଦ ଅବକ୍ଷୟର କାରଣ ହୋଇଛି। ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ଆମ ଦେଶରେ ପାଳନ କରାଯାଇ ଆସୁଥିବା ବେଳେ ୭୬ ତମ ବନମହୋତ୍ସବ ସପ୍ତାହ ପାଳନ କରାଯାଉଛି। ବନ ମହୋତ୍ସବର ଉଦ୍ଦେଶ୍ୟ ହେଉଛି ପରିବେଶ ସନ୍ତୁଳନ ରକ୍ଷା ପାଇଁ ଲୋକମାନଙ୍କୁ ଗଛ ଲଗାଇବା ଓ ଏହାର ଯତ୍ନ ନେବାକୁ ସଚେତନ କରାଇବା। ପ୍ରତିବର୍ଷ ସରକାର ବନୀକରଣ ନାମରେ ଅନେକ ଯୋଜନା କରୁଛନ୍ତି। ଶହଶହ କୋଟି ଅର୍ଥ ଖର୍ଚ୍ଚ ହୋଇ କୋଟିକୋଟି ସଂଖ୍ୟାରେ ଚାରା ରୋପଣ ହେଉଥିବା ଦର୍ଶାଯାଉଛି। ଚାରାରୋପଣ ପାଇଁ ନେତା, ଅଧିକାରୀ, ସମାଜସେବୀ ମଧ ନାହିଁ ନଥିବା ଉତ୍ସାହ ପ୍ରଦର୍ଶନ କରୁଛନ୍ତି। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଏନେଇ ସଭାସମିତି, ଶୋଭାଯାତ୍ରା, ପ୍ରତିଯୋଗିତା ଆଦି ହେଉଛି। ସମାନ୍ତରାଳ ଭାବରେ ଏହି ସମୟରେ ଗଛଲଗା ଖବର ଓ ଚିତ୍ରରେ ଖବରକାଗଜ ପୃଷ୍ଠା ଓ ସାମାଜିକ ଗଣମାଧ୍ୟମର କାନ୍ଥ ଉଚ୍ଛୁଳି ଯାଉଛି। ତେବେ ଏଠି ଆପଣାଛାଏଁ ପ୍ରଶ୍ନ ଉଠେ ଯେ, ଏ ଗଛ ଲଗା କ'ଣ କେବଳ ଲୋକ ଦେଖାଣିଆ ପାଇଁ ? ଯଦି ନୁହେଁ, ଏବଂ ସତରେ ବନୀକରଣ କାର୍ଯ୍ୟକାରୀ ହେଉଥାନ୍ତା ତେବେ ତ ସମଗ୍ର ପରିବେଶ ସବୁଜମୟ ହୋଇ ସାରିଥାନ୍ତା। ତେବେ ସମସ୍ତେ ସମାନ ନୁହଁନ୍ତି। ଆମ ଭିତରେ ବି ଏଭଳି କିଛି ନିର୍ମାୟା ମଣିଷ ଅଛନ୍ତି, ଯେଉଁମାନେ'ଜଙ୍ଗଲ ଓ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା'କୁ କେବଳ ସ୍ଲୋଗାନ ଭିତରେ ସୀମିତ ନରଖି ବାସ୍ତବରେ କରି ଦେଖାଇବାକୁ ସଙ୍କଳ୍ପ କରିଛନ୍ତି। ଏମିତି କିଛି ମଣିଷ ଯିଏ ଅନ୍ୟ କାହାର ସାହାର୍ଯ୍ୟ ସହାୟତାକୁ ଅପେକ୍ଷା ନକରି ନିଜେନିଜେ ଏହି ମହତ ଅଥଚ କଠିନ



କାର୍ଯ୍ୟ କରିଚାଲିଛନ୍ତି। ସେମାନେ କେବଳ ପରିବେଶର ସୁରକ୍ଷା କରୁନାହାନ୍ତି, ବରଂ ଜଙ୍ଗଲ ସୃଷ୍ଟି କରିବାରେ ନିଜ ଜୀବନର ଅମୂଲ୍ୟ ସମୟତକ ଲଗାଇ ଦେଇଛନ୍ତି। ନିଜେ ଅସହାୟତାର ଯନ୍ତ୍ରଣା ଭୋଗୁଥିଲେ ମଧ ପରିବେଶକୁ ସବୁଜସୁନ୍ଦର କରି ରଖିବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ନଙ୍ଗଲବୋର୍ଡ ପଞ୍ଚାୟତର ଗୋଲାବେଡା ଗ୍ରାମର ଆଦିବାସୀ ଶ୍ରେଣୀର ଠାକୁର ମାଝି ଏହାର ପ୍ରକୃଷ୍ଟ ଉଦାହରଣ। କେବେ ବିଦ୍ୟାଳୟର ବାରଣ୍ଡା ମାଡି ନଥିବା ଠାକୁର ସମ୍ପୂର୍ଣ୍ଣ ନିଜସ୍ୱ ଉଦ୍ୟମରେ ଏକ ବିରାଟ ଜଙ୍ଗଲକୁ ସୁରକ୍ଷା ଦେବା ସହ ବନ୍ୟ ପଶୁପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳର ସୁବିଧା ପାଇଁ ପୋଖରୀ (ଚହଲା) ଖନନ କରି ବେଶ୍ ଚର୍ଚ୍ଚାରେ। ଗୋଲାବେଡା ଗ୍ରାମର ଠାକୁର ମାଝି। ନାମ ଯେମିତି କୁ ସେବା ସେମିତି।



ପରିବେଶ ସାଙ୍ଗକୁ ଜଙ୍ଗଲ ରେ ରହୁଥିବା ବନ୍ୟ ପ୍ରାଣୀ ଙ୍କ ପାଇଁ ସାଜିଛନ୍ତି ଜିଅନ୍ତା ଠାକୁର। ଗାଁ ଟି ସୀମାନ୍ତ ଛତିଶଗଡ଼ ରାଜ୍ୟରେ ଅବସ୍ଥିତ। ଗାଁକୁ ଲାଗି ରହିଛି ବିସ୍ତୀର୍ଣ୍ଣ ଜଙ୍ଗଲ। ଜଙ୍ଗଲରେ ଭରି ରହିଥିଲା ଭଳିକି ଭଳି ବିଭିନ୍ନ ପ୍ରକାରର ଗଛ। ହେଲେ ଏହି ଜଙ୍ଗଲ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା। କାଳକ୍ରମେ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଲା। ଏହି ଘଟଣା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ବ୍ୟଥିତ ମନକୁ ବୁଝାଇବା ପାଇଁ ମନରେ ଚିନ୍ତା କରି ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଅଣ୍ଟା ଭିଡ଼ିଲେ। ପ୍ରଥମେ ଗାଁ ଲୋକଙ୍କୁ ନେଇ ଏକ କମିଟି ଗଠନ କଲେ ପରେ ଛତିଶଗଡ଼ ରାଜ୍ୟ ସୀମା ଗାଁ ଲୋକଙ୍କୁ ନେଇ ଉଭୟ ରାଜ୍ୟର ମିଳିତ ଭାବେ କମିଟି ଗଠନ କଲେ। ଏହି କମିଟି ଉଭୟ ରାଜ୍ୟ ସୀମା ଜଙ୍ଗଲରେ ପାଳି କରି ଦିନ ରତି ଜଗି ବସିଲେ। ଫଳରେ ବିରାଟ ଜଙ୍ଗଲକୁ ଧ୍ୱଂସ ମୁଖରୁ ରକ୍ଷା ପାଇଲା ବୋଲି ଠାକୁର ମାଝି ପ୍ରକାଶ କରିଛନ୍ତି। ଜଙ୍ଗଲ ସୁରକ୍ଷା ଫଳରେ ସବୁଜିମା ଫେରିବା ସହ ବନ୍ୟ ପଶୁ ପକ୍ଷୀ ମାନଙ୍କ ଆଗମନ ହେଉଥିବା ବେଳେ ଜଙ୍ଗଲ ଟି ଘଞ୍ଚ ସବୁଜରେ ହସି ଉଠୁଛି। ବନ୍ୟ ପଶୁପକ୍ଷୀଙ୍କ କଳରବରେ ଜଙ୍ଗଲ ପ୍ରକମ୍ପିତ ହେଉଛି। ଏପରିକି ବନ୍ୟ ପଶୁ ପକ୍ଷୀଙ୍କ ପାନୀୟ ଜଳ ଚିନ୍ତା କରି ଏକ ଚହଲା ଖନନ କରିଛନ୍ତି। ବନ୍ୟ ପଶୁପକ୍ଷୀ ତୃଷ୍ଣା ମେଣ୍ଟାଇ ପୁଣି ଫେରି ଯାଉଛନ୍ତି। ଏହି ଜଙ୍ଗଲକୁ ଶିକାରୀମାନେ ଶିକାର ଉଦେଶ୍ୟ ରେ ଆସୁଥିଲେ। ଦିନ ରାତି ପରିଶ୍ରମ କରି ଲୋକଙ୍କୁ ସଚେତନ କରିବା ସହ ଏଥିରୁ ନିବୃତ୍ତ ରହିବା ପାଇଁ ତାଗିଦ କରିବା ପରେ ଏବେ ଆଉ ଜଙ୍ଗଲ ପାଖ ମାଡୁ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି ଠାକୁର। ଜଙ୍ଗଲ ସୁରକ୍ଷା ପରେ ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରି ବଜାରରରେ ବିକ୍ରିକରି ଲାଭବାନ ହୋଇ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି ଉଭୟ ରାଜ୍ୟର ଲୋକେ।କୌଣସି ସରକାରୀ ସାହାଯ୍ୟକୁ ଅପେକ୍ଷା ନ କରି ଏଭଳି ମହତ କାର୍ଯ୍ୟ ପାଇଁ ବେଶ୍ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ପରିଣତ ବୟସରେ ମଧ ନିଜକୁ ପରିବେଶ ସୁରକ୍ଷା ପାଇଁ ଯେଉଁ ସମର୍ପିତ ଭାବନା ରଖିଛନ୍ତି। ଅନ୍ୟମାନଙ୍କ ପାଇଁ ବେଶ ପ୍ରେରଣା ଯୋଗାଇବ ଏହା ନିଃସନ୍ଦେହ।

# କିଞ୍ଜିରକେଲା ଓ ତଲସରାରେ ବେଧଡ଼କ ଚାଲିଛି ମଦ କାରବାର

**ବାଲିଶଙ୍କରା, ୭।୭ (ସମିସ)**

ଆଦିବାସୀ ଅଧ୍ୟୁଷିତ ବାଲିଶଙ୍କରା ବ୍ଲକର କିଞ୍ଜିରକେଲା ଓ ତଲସରା ଥାନା ଅଞ୍ଚଳରେ ବେଧଡକ ଭାବେ ବିଦେଶୀ ଓ ଦେଶୀ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ଢ଼ାବା, ଛକ, ବିଦ୍ୟାଳୟ ଓ ବ୍ୟାଙ୍କ ନିକଟରେ ଖୁଲମଖୁଲା ଭାବେ ବିକ୍ରି ହେଉଛି ମଦ। ବିଶେଷ କରି ଯୁବଗୋଷ୍ଠୀ ମଦରେ ଲିପ୍ତ ରହୁଥିବା ନଜରକୁ ଆସୁଛି। ଅପରାଧୀକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଦାୟିତ୍ୱରେ ଥିବା ଅବକାରୀ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ନିରବଦ୍ରଷ୍ଟା ପାଲଟିଥିବା ଅଭିଯୋଗ ହୋଇଛି। କିଞ୍ଜିରକେଲା ଥାନାରୁ ମାତ୍ର ଅଧା କିଲୋମିଟର ମଧ୍ୟରେ ଷ୍ଟେଟ ବ୍ୟାଙ୍କ ନିକଟରେ ମଦ କାରବାର ହେଉଛି। ରଷ୍ଟୀ, ସିକାଯୋର, ଗୁଣ୍ଡିଆଡ଼ିହି, ବନ୍ଧବାହାଲ, ଗାଇଡେଗା, ଫଟିକପଡ଼ା ଅଞ୍ଚଳରେ ଖୁଲମଖୁଲା ମଦ କାରବାର ହେଉଛି। ଏନେଇ ସବଡେଗା ଅବକାରୀ ଅଧିକାରୀ ସତ୍ୟଜିତ ସାହୁଙ୍କୁ ପଚାରିବାରୁ କାହାକୁ ମଦ ବିକ୍ରି କରିବା ପାଇଁ ଅଧିକାର ଦିଆଯାଇନାହିଁ ବୋଲି କହିଛନ୍ତି। ଅନ୍ୟପଟରେ ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଚାଷୀ ନିଜ ପାଇଁ ଘରେ ମହୁଲି ଦାରୁ ତିଆରି କରି କାର୍ଯ୍ୟରୁ ଆସି ଥକା ମେଣ୍ଟାଇବାକୁ ପିଇବା ପାଇଁ ରଖିଥାନ୍ତି। ଅବକାରୀ ବିଭାଗ ଆସି ତାକୁ ଜବତ କରି ଘର ଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛନ୍ତି, ହେଲେ ଖୁଲମଖୁଲା ଲିଟର ଲିଟର ମଦ ବିକ୍ରି କରୁଥିବା ଲୋକ ଧରୁନାହିଁ। ବଡ ମାଛ ଛାଡି ଛୋଟ ମାଛକୁ ଧରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖୁଲମଖୁଲା ମଦ କାରବାରକୁ ବନ୍ଦ କରିବା ପାଇଁ ବାଲିଶଙ୍କରା ବ୍ଲକର ବିଭିନ୍ନ ମହଲରୁ ଦାବି ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଅବକାରୀ ବିଭାଗ ନିବଦ୍ରଷ୍ଟା**

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଲାଙ୍ଗିର, ୭।୭ (ସମିସ):** ବଲାଙ୍ଗିର ଟାଉନଥାନା ଚଟିଆପାଲିରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ପୂର୍ବରୁ ଛିଡ଼ା ହୋଇଥିବା ଏକ ଜେସିବିରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ପୌରସଂସ୍ଥାରେ କାର୍ଯ୍ୟ କରୁଥିବା ସଫେଇକର୍ମଚାରୀ ଶିବାଭୋଇ(୧୯) ବୋଲି ଜଣାପଡ଼ିଛି। ତାଙ୍କ ନିଜ ଗାଁ ଭୁତିଆରବାହାଲ ନିକଟସ୍ଥ ନାରାୟଣପୁର ଗାଁର ବୋଲି ସୂଚନା ମିଳିଛି। ସ୍ଥାନୀୟଲୋକେ ଝୁଲନ୍ତା ମୃତଦେହକୁ ଦେଖିବା ପରେ ଟାଉନଥାନାକୁ ଖବର ଦେଇଥିଲେ। ଖବରପାଇ ଟାଉନ ଥାନାର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିବା ଜଣାପଡ଼ିଛି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ।

# ବିପଦସଙ୍କୁଳ ବନଡେଗା-ଆମଝରଣ ପୋଲ; ମରାମତି ଦାବି



**ବାଲିଶଙ୍କରା, ୭।୭ (ସମିସ):** ବାଲିଶଙ୍କରା ବ୍ଲକର ସୀମାନ୍ତ ବନଡେଗା ପଞ୍ଚାୟତର ବନଡେଗା ଗ୍ରାମ ଓ ଆମଝରଣ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ତିଆରି ପୋଲ ଲଗାତାର ବର୍ଷା ଯୋଗୁଁ ଭାଙ୍ଗିଯାଇ ବିପଦସଙ୍କୁଳ ହୋଇପଡ଼ିଛି। ପୋଲ ଭାଙ୍ଗିଯିବା ଭୟରେ ପୋଲ ଉପରେ ଯାନବାହାନ ମୋଟାମୋଟି ଯାଇପାରୁନାହିଁ। ଏହି ପୋଲ ଦେଇ ୯ ଖଣ୍ଡ ଗ୍ରାମବାସୀ ଯିବାଆସିବା କରିଥାନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ପୋଲର ମରାମତି କରା ନଗଲେ ଗୁରୁତର ରୋଗୀ, ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ନେବାରେ ଅସୁବିଧା ହେବାର ସମ୍ଭାବନା ରହିଛି। ପୋଲକୁ ତୁରନ୍ତ ମରାମତି କରିବା ପାଇଁ ଦାବି ହୋଇଛି।

# ଆଇଟିଆଇ କର୍ମଚାରୀଙ୍କ ମୃତଦେହ ଉଦ୍ଧାର



**ମାମଲା ରୁଜୁ କରି ଜିଆର୍‌ପିର ଛାନ୍‌ଭିନ୍**

**ବଲାଙ୍ଗିର, ୭।୭ (ସମିସ):** ବଲାଙ୍ଗିର ଲୋଇସିଂହା ରେଲଲାଇନ ଖମାରମୁଣ୍ଡା ନିକଟରେ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ଲୋଇସିଂହା ଥାନା ଖଲିଆପାଲି ଗାଁର ଶ୍ରୀନିବାସ ଷଡଙ୍ଗୀ ବୋଲି ଜଣାପଡ଼ିଛି। ଏନେଇ ବଲାଙ୍ଗିର ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ରାମସିଂହା ଖଲିଆପାଲି ଗାଁର ଶ୍ରୀନିବାସ ଷଡ଼ଙ୍ଗୀ ଗତ କିଛିବର୍ଷ ହେଲା ସ୍ଥାନୀୟ ଏକ ଘରୋଇ ଆଇଟିଆଇରେ କାମ କରୁଥିଲେ। ଆଇଟିଆଇ ମାଲିକଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିବାବେଳେ ସେ ସବୁ ବୁଝାବୁଝି କରୁଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ସମ୍ପୃକ୍ତଙ୍କ ମୃତଦେହ ବଲାଙ୍ଗିର - ଲୋଇସିଂହା ରେଲଲାଇନ ଖମାରମୁଣ୍ଡା ଠାରେ ସୋମବାର ସକାଳୁ ଉଦ୍ଧାର ହୋଇଥିଲା। ଏନେଇ ଜିଆରପି ଖବର ପାଇବା ପରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ପରିବାର ଲୋକଙ୍କୁ ଖବର ଦେଇଥିଲା। ତେବେ ଯୁବକ ଜଣକ ବେଶ ଶାନ୍ତସରଳ ସ୍ୱଭାବର ହୋଇଥିବାବେଳେ ତାଙ୍କର ସେହିଭଳି କିଛି ସମସ୍ୟା ନଥିଲା। କାହିଁକି ସେ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଯଦି ସେ ଆତ୍ମହତ୍ୟା କରିଛନ୍ତି ତେବେ କାହିଁକି ଆତ୍ମହତ୍ୟା କରିଛନ୍ତି। ଯଦି ହତ୍ୟା କରାଯାଇଛି ତେବେ କାହିଁକି ତାହା ଜିଆରପି ଖୋଜି ବାହାର କରିବା ସହ ଘଟଣା ପଛର କାରଣ ସ୍ପଷ୍ଟ କରିବାକୁ ତାଙ୍କ ସମ୍ପର୍କୀୟ ଦାବି କରିଛନ୍ତି। ତେବେ ମାତ୍ର ୩୦ ବର୍ଷ ବୟସରେ ଏହିଭଳି ଭାବେ ସନ୍ଦେହଜନକ ମୃତ୍ୟୁ କୁ ଗାଁ ଲୋକେ ମଧ୍ୟ ସହଜରେ ଗ୍ରହଣ କରିପାରିନାହାନ୍ତି। ଜିଆରପି ଏନେଇ ମାମଲା ରୁଜୁ କରିଥିବାବେଳେ ଏହି ଘଟଣାର କାରଣ ଶୀଘ୍ର ସ୍ପଷ୍ଟ କରିବାକୁ ଦାବି ହୋଇଛି।

# ଅସହାୟଙ୍କୁ ଉଦ୍ଧାର କଲେ ସମାଜସେବୀ

**ବଲାଙ୍ଗିର, ୭।୭ (ସମିସ):** କରାଟେ କୋଚ୍ ତଥା ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ବଲାଙ୍ଗିର ଭୀମଭୋଇ ମେଡିକାଲ ହସ୍‌ପିଟାଲ ଏକ୍ସରେ ବିଭାଗ ସମ୍ମୁଖ ରାସ୍ତା ମଝିରେ ଏକ ଅଜଣା ବୃଦ୍ଧା ଝିପି ଝିପି ବର୍ଷାରେ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ଅନେକ ଲୋକ ସେହି ରାସ୍ତା ଦେଇ ଯାଆୟତା କରୁଥିଲେ ମଧ୍ୟ କେହି ଉଦ୍ଧାର କରିବାକୁ ଆସୁନ ଥିଲେ। ଶ୍ରୀ ଭୋଇ ସଙ୍ଗେ ସଙ୍ଗେ ଦୁଇ ଜଣ ଯୁବକଙ୍କୁ ଡାକି ତାଙ୍କ ସହଯୋଗ କ୍ରମେ ବୃଦ୍ଧାଙ୍କୁ ଜରୁରୀକାଳିନ ୱାର୍ଡକୁ ଚିକିତ୍ସା ପାଇଁ ନେଇଥିଲେ। ସେଠି ଡେଷ୍ଟିଚ୍ୟୁଟ ବିଭାଗ ନ ଥିବାରୁ ଡାକ୍ତର ଭୀମ ଭୋଇ କଲେଜକୁ ରେଫର କରିଥିଲେ। ପରେ ଶ୍ରୀ ଭୋଇ ବୃଦ୍ଧାଙ୍କୁ ମେଡିକାଲ କଲେଜକୁ ନେଇଥିଲେ। ମେଡିକାଲ କଲେଜ ରେ ବୃଦ୍ଧାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାନସିକ ବିଭାଗ ପରିବର୍ତ୍ତେ ଅନ୍ୟତ୍ର ଏକ କୋଣରେ ରଖାଯାଇଥିବା ଶ୍ରୀ ଭୋଇ କହିଛନ୍ତି। ସେଠି କାର୍ଯ୍ୟରତ ଥିବା ପୁଲିସ କର୍ମଚାରୀଙ୍କୁ ମଧ୍ୟ ଏ ବିଷୟରେ ଅବଗତ କରିଥିବା ଅସୀମ ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ଦୁଇ ଦିନ ହେଲା ବୃଦ୍ଧା ଜଣକ ସେହି ଝିପି ଝିପି ବର୍ଷା ପାଣିରେ ସେହିଭଳି ପଡ଼ିରହିଥିବା ସେଠିକାର କିଛି ଲୋକ କହୁଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଉପ ମୁଖ୍ୟମନ୍ତ୍ରୀ



**ବେଲପଡ଼ା, ୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ। ଏହି ଅବସରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଥମେ ସେ ବେଲପଡ଼ାରେ ହେବାକୁ ଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ତାଙ୍କୁ ବିଭିନ୍ନ ସ୍ୱୟଂସହାୟକ ଦଳର ମହିଳାମାନେ ସ୍ୱାଗତ କରିଥିଲେ। ବ୍ଲକ ସଭାଗୃହରେ କିଛି ନୂତନ ହିତାଧିକାରୀମାନଙ୍କୁ ଆବାସ ଘର ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପରେ ବେଲପଡ଼ା ପଞ୍ଚାୟତ ସମିତି କଲେଜରେ ପହଞ୍ଚି ନୂତନ ଶ୍ରେଣୀଗୃହ ପାଇଁ ଶିଳାନ୍ୟାସ ଦେଇଥିଲେ। ଏହାପରେ ମଣ୍ଡଳ ଗାଁର ଥିବା ଅଭୟ ପ୍ରସାଦ ଠାକୁର ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିନବ ମିଶ୍ରଙ୍କ ଉପସ୍ଥିତିରେ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ବେଲପଡ଼ା ବିଡିଓ ରାଜେଶ ମେହେର, ଏବିଡିଓ ସାରଥୀ ସାହୁ, ସିଡିପିଓ ବିଦ୍ୟୁତ ପ୍ରଭା ନାଗ, ବ୍ଲକ ଅଧକ୍ଷା ଟିନା କୁମ୍ଭାର, ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ତନ୍ମୟ କୁମାର ପାଣିଗ୍ରାହୀ, ଅଧ୍ୟାପକ ସୁଦାମ ମହାପାତ୍ର, ମନୋଜ କୁମାର ମହାକୁଡ଼, ସୂର୍ଯ୍ୟମଣି ମେହେର, ସୁଶୀଲ ମେହେର, ସଞ୍ଜୟ ନନ୍ଦ, ରମାକାନ୍ତ ପୁଟେଲ, ଲିଳିମା ପଣ୍ଡା, ତୁଳସୀ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପଧାନ ଉପସ୍ଥିତ ଥିଲେ।

# ଲୁଲକିଡିହିରେ ଜନଅଭିଯୋଗ ଶୁଣାଣି




**ବାଲିଶଙ୍କରା, ୭।୭ (ସମିସ):** ବାଲିଶଙ୍କରା ବ୍ଲକର ଉପାନ୍ତ ଅଞ୍ଚଳ ଲୁଲକିଡିହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଉପାନ୍ତ ଅଞ୍ଚଳ ସହ ଛତିଶଗଡ଼ ଓ ଝାରଖଣ୍ଡ ରାଜ୍ୟ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ବିଭିନ୍ନ ସମସ୍ୟା ରହିଛି। ବଣ ଜଙ୍ଗଲ ପାହାଡ ଘେରା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ମୋବାଇଲ ଟାୱାର, କୃତ୍ରିମ ଘାସ ପଡ଼ିଆ, ବିଦ୍ୟୁତ, ରାସ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବାନେଇ ଜିଲ୍ଲାପାଳଙ୍କ ପାଖରେ ୧୨୦ଟି ଅଭିଯୋଗ ହୋଇଥିଲା। ଲୁଲକିଡିହି ସରପଞ୍ଚ ଯଶପା ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ଦାଶରଥି ସାରାବୁ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ଜିଲ୍ଲା ପୁଲିସ ପ୍ରଶାସନ ଓ ବାଲିଶଙ୍କରା ବ୍ଲକ ପ୍ରଶାସନ ଏବଂ ଜନପ୍ରତିନିଧି, ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଜିପିଇଓ ପାସ୍କାଲ ଲାକଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁଣ କୁମାର ପଟେଲ, ସମାଜସେବୀ ଅରୁଣ କୁମାର ଗୁପ୍ତା, ପୂର୍ବତନ ଲୁଲକିଡିହି ସରପଞ୍ଚ ଦୀପକ ତିର୍କୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ଏହି ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣି ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ଏହି ଅଭିଯୋଗ ଶୁଣାଣିରେ ତଲସରା ପୁଲିସ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।

# କୁମୁଡାଫାଳ-ଭଣ୍ଡାରୀଶଙ୍କରା ରାସ୍ତାରେ ଗର୍ତ୍ତ; ମରାମତି ଦାବି



**ବାଲିଶଙ୍କରା, ୭।୭ (ସମିସ):** ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତର କୁମୁଡାଫାଳରୁ ଭଣ୍ଡାରୀଶଙ୍କରାକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଲଗାତାର ବର୍ଷା ଯୋଗୁଁ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି। ୧୫ ନମ୍ବର ୱାର୍ଡର କୁମୁଡାଫାଳ ଗ୍ରାମରେ ୩୦୦ ରୁ ଅଧିକ ଲୋକ ବସବାସ କରୁଛନ୍ତି। ଏମାନେ ସମସ୍ତେ ଭଣ୍ଡାରୀଶଙ୍କରା ଉପରେ ନିର୍ଭର କରନ୍ତି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ଆସିବା କରିଥାନ୍ତି। ଏବେ ରାସ୍ତା ମଝିରେ ଗାତ ହୋଇଯିବା ସହ ରାସ୍ତା କାଦୁଅ ହେବାରୁ ଯିବାଆସିବାରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ସ୍ୱେଚ୍ଛାସେବୀ ମତୁ ଚିତା ସହ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ ଉଦ୍‌ଯାପିତ



**ବଲାଙ୍ଗିର, ୭।୭ (ସମିସ):** ବଲାଙ୍ଗିର ସଦର ରେଞ୍ଜ ଅଧୀନ ମିର୍ଦ୍ଧାପାଲି ଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ଅଜିତ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ବଲାଙ୍ଗିର ଜିଲ୍ଲା ପାଇଁ ବନୀକରଣ କେତେ ଆବଶ୍ୟକ ଓ ଜିଲ୍ଲା ତଥା ରାଜ୍ୟର ପ୍ରତିଟି ବ୍ୟକ୍ତି ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହାସହ ଏକ 'ପେଡ ମା କେ ନାମ'ର ମଧ୍ୟ ଶୁଭାରମ୍ଭ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆରସିସିଏଫ୍ ସୁନ୍ତୋଷ ଯୋଷୀ, ଜିଲ୍ଲାପାଳ ଗୌରୱ ଶିବାଜୀ ଇସାଲୱର, କେନ୍ଦୁପତ୍ର ବଲାଙ୍ଗିର ଡିଏଫ୍‌ଓ, କେନ୍ଦୁପତ୍ର ଟିଟିଲାଗଡ଼ ଡିଏଫଓ, ସିଆରପିଏଫ୍ ୧୮ ୯ ବାଟାଲିଆନର କମାଣ୍ଡେଣ୍ଟ, ଅତିରିକ୍ତ କମାଣ୍ଡେଣ୍ଟ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ମିର୍ଦ୍ଧାପାଲିରେ ଏକ ବନୀକରଣ ପ୍ରକଳ୍ପ କରାଯାଇଥିବା ବେଳେ ସେଠାରେ ଛଅ ହଜାର ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବନୀକରଣ ପ୍ରକଳ୍ପରେ ଅତିଥିମାନେ ଚାରାରୋପଣ କରି ଏହାକୁ ଶୁଭାରମ୍ଭ କରିଥିଲେ। ସଦର ରେଞ୍ଜର ନବୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ବନୀକରଣ ପ୍ରକଳ୍ପ ଆରମ୍ଭ କରାଯାଇଥିବାବେଳେ କାର୍ଯ୍ୟକ୍ରମକୁ ଅର୍ଜୁନ କୁମାର ସାହୁ ସଂଯୋଜନା କରିଥିଲେ। ଏସିଏଫ୍ ମାନସ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିର୍ଦ୍ଧାପାଲି ଗ୍ରାମବାସୀ, ସ୍ଥାନୀୟ ଏସଏଚଜି ମହିଳା ଓ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ପ୍ରିୟଦର୍ଶିନୀ ପାଢ଼ୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



**କୁତ୍ରା, ୭।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କୁ ସୁନ୍ଦରଗଡ଼ଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରିୟଦର୍ଶିନୀ ପାଢ଼ୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା ଓ ଜଙ୍ଗଲ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଚଳିତବର୍ଷ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁନ୍ଦରଗଡ଼ଠାରେ ୭୬ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏହି ପୁରସ୍କାରକୁ ପ୍ରିୟଦର୍ଶିନୀ ପାଢ଼ୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ମହାଜନ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଖୁସୱାନ ସିଂ, ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମାସ୍ୱାମୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ପ୍ରିୟଦର୍ଶିନୀ ପାଢ଼ୀ ବର୍ତ୍ତମାନ ଇକୋ କ୍ଲବ ଇନଚାର୍ଜ ଭାବରେ କାର୍ଯ୍ୟରତ ଅଛନ୍ତି। ଶ୍ରୀମତୀ ପାଢ଼ୀ ଓ ଇକୋ କ୍ଲବର ସମସ୍ତ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସରରେ ସବୁଜ ସୁନ୍ଦର ପରିବେଶ ଗଢ଼ି ଉଠିଛି। ଏହି ସମ୍ମାନରେ ସମ୍ମାନିତ ହେବା ପରେ ଶ୍ରୀମତୀ ପାଢ଼ୀଙ୍କୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସାଧୁବାଦ ଜଣାଇଥିଲେ।

**ପାଟଣାଗଡ଼ ଜନ ପ୍ରତିନିଧିଙ୍କ ଆନ୍ଦୋଳନ ପ୍ରସଙ୍ଗ**

# ସମାଧାନ ବଦଳରେ ନିଆଁରେ ଘିଅ ଢାଳିଲେ ଉପମୁଖ୍ୟମନ୍ତ୍ରୀ

**ବଲାଙ୍ଗିର, ୭।୭ (ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଓ ପାଟଣାଗଡ଼ ପୌର କାର୍ଯ୍ୟାଳୟ ଗତ କିଛିଦିନ ହେଲା ଠପ୍ ହୋଇପଡ଼ିଥିବାବେଳେ ଏନେଇ ମୁହଁ ଖୋଲିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ନିଜେ ବ୍ଲକ ଅଧ୍ୟକ୍ଷ ଓ ପୌରାଧ୍ୟକ୍ଷ ହୋଇ ନିଜେ ଯଦି ଆନ୍ଦୋଳନ କରିବେ ସେଥିରେ ତାଙ୍କର କିମ୍ବା ଜିଲ୍ଲା ପ୍ରଶାସନର କିଛି ଯାଏ ଆସେ ନାହିଁ ବୋଲି କହିବା ସହ ଏହାକୁ ରାଜନୈତିକ କାର୍ଯ୍ୟକ୍ରମ ବୋଲି କହିଛନ୍ତି। ତେବେ ନିଜ ନିର୍ବାଚନମଣ୍ଡଳିର ଏହି ସମସ୍ୟାକୁ ନିଜେ ସରକାରରେ ଥାଇ ସମାଧାନ କରିବା ବଦଳରେ ଏହାକୁ ରାଜନୀତି ବୋଲି କହିବାକୁ ନେଇ ପାଟଣାଗଡ଼ ରାଜନୀତି ସରଗରମ ହୋଇଛି।

ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା କରାଯାଉଥିବା ନେଇ ଜିଲ୍ଲାରେ ଅଭିଯୋଗ ହୋଇଛି। କିଛିଦିନ ତଳେ ଜିଲ୍ଲାପରିଷଦ ସଦସ୍ୟମାନେ ଜିଲ୍ଲା ପ୍ରଶାସନ ଓ ସରକାର ବିରୋଧରେ ଆନ୍ଦୋଳନ କରିଥିଲେ। ସେହିପରି ଏହି ସମସ୍ୟାକୁ ନେଇ ପାଟଣାଗଡ଼ରେ ପାଟଣାଗଡ଼ ବ୍ଲକ ଓ ପାଟଣାଗଡ଼ ଏନ୍‌ଏସିର ସଦସ୍ୟମାନେ ଆନ୍ଦୋଳନ ଡାକରା ଦେଇଥିଲେ। ଗତ ପ୍ରାୟ ଦୁଇ ସପ୍ତାହ ହେଲା ଏହି ଆନ୍ଦୋଳନ ଜାରି ରହିଥିବା ବେଳେ ଏନେଇ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ବନ୍ଦ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହି ଆନ୍ଦୋଳନକୁ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ସମର୍ଥନ କରିଥିବାବେଳେ ଏହାକୁ ନେଇ ଗତ ଦୁଇ ସପ୍ତାହ ହେଲା ଉଭୟ ବ୍ଲକ ଓ ଏନ୍‌ଏସି କାର୍ଯ୍ୟ ଠପ ହୋଇପଡ଼ିଛି। ଏମିତିରେ ଏହାକୁ ବନ୍ଦ କରିବା ସହ ସମସ୍ୟାର ସମାଧାନ କରିବା ପାଇଁ ଦାବି ହେଉଥିବାବେଳେ ଏହି ନିଆଁରେ ଘିଅ ଢାଳିଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ବଲାଙ୍ଗିର ବନ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସମୟରେ ତାଙ୍କ ନିର୍ବାଚନମଣ୍ଡଳିରେ ହେଉଥିବା ଏହି ଆନ୍ଦୋଳନକୁ ନେଇ ମତ ରଖିଥିଲେ। ସେ କହିଛନ୍ତି ଯେ କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଆନ୍ଦୋଳନ କରାଯାଉଛି। ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କ ଦଖଲରେ ବ୍ଲକ ଓ ଏନ୍‌ଏସି ରହିଛି। ତାଙ୍କ ବୈଠକ ଓ କାର୍ଯ୍ୟକ୍ରମରେ ବିଜେପି କିମ୍ବା ତାଙ୍କ ପ୍ରତିନିଧିଙ୍କୁ ବିରୋଧ କରାଯାଉଛି। ସେଥିରେ ସେ ତ ମୁହଁ ଖୋଲୁନାହାନ୍ତି ତେବେ ଅନ୍ୟମାନେ କାହିଁକି ଏହାକୁ ନେଇ ଲୋକଙ୍କୁ ହଇରାଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ସୂଚନାଯୋଗ୍ୟ ଯେ ବିଜେପି ସରକାର ଗଠନ କରିବାପରେ ଜିଲ୍ଲା ତଥା ବ୍ଲକର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ବିଜେପି କର୍ମୀମାନଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଉଥିବା ଦେଖିବାକୁ ମିଳିଛି। ଅଥଚ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ପ୍ରଶାସନ ତରଫରୁ ସାମାନ୍ୟ ନିମନ୍ତ୍ରଣଟିଏ ବି କରାଯାଉ ନ ଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଆସୁଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ କିଛି ଅନୁଗତଙ୍କୁ ଜିଲ୍ଲାସ୍ତରୀୟ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଅତିଥି ଭାବେ ନିମନ୍ତ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ ବିଜେପିର ଏହା ଏକଚାଟିଆ ମନୋଭାବକୁ ପ୍ରଦର୍ଶିତ କରୁଥିବା କିଛି ଦିନ ପୂର୍ବରୁ ବିଜେଡି ନେତା ଲକ୍ଷ୍ମଣ ମେହେର ଅଭିଯୋଗ କରିଥିଲେ। ତେବେ ପାଟଣାଗଡ଼ ଆନ୍ଦୋଳନକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

**ନିଜ ଦଖଲରେ ଥାଇ ଆନ୍ଦୋଳନ କରିବା ରାଜନୀତି**

# ଦେଢ଼ ବର୍ଷ ପରେ ପୁଣି ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା

ନବରଙ୍ଗପୁର, ୭।୭ (ସମିସ): ପାଖାପାଖି ଦେଢ଼ବର୍ଷ ପରେ ପୁଣି ଥରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା। ଉପାନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲ୍ଲାଗୁଡ଼ିକର ଗୁରୁତର ରୋଗୀମାନଙ୍କ ଚିକିତ୍ସା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ରାଜଧାନୀରୁ ବରିଷ୍ଠ ଓ ବିଶେଷଜ୍ଞ ଡ଼ାକ୍ତରମାନେ ଉପାନ୍ତ ଅଞ୍ଚଳକୁ

**ଉପାନ୍ତରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲେ ନବୀନ ପଟ୍ଟନାୟକ**

ଯାଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଏପରିକି ଆବଶ୍ୟକସ୍ଥଳେ ରୋଗୀମାନଙ୍କୁ କଟକ, ବ୍ରହ୍ମପୁର, ଭୁବନେଶ୍ୱର ଆଦି ସହରର ବଡ଼ ଡ଼ାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରାୟ ଦେଢ଼ବର୍ଷ ଧରି ବନ୍ଦ ହୋଇ ଯାଇଥିବା ସେବାକୁ ପୁନର୍ବାର ଆରମ୍ଭ



କରାଯାଇଛି। ୪ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ଡାକ୍ତର ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୨୬୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଆଜି ସ୍ନାୟୁ ବିଭାଗର ଡା. ରାକେଶ ମହାନ୍ତି, ମୂତ୍ରାଶୟ ବିଭାଗ ଡା. ବିଶ୍ୱଜିତ ସାହୁ, କିଡ୍‌ନୀ ଜନିତ ରୋଗ ବିଭାଗର ଡା. ଲିପିକା ପାଣିଗ୍ରାହୀ, ହୃଦ୍‌ରୋଗ ବିଭାଗର ଡା. ସୁମିତ୍ କୁମାର ସାହୁ, ପେଟ ଓ ଗ୍ୟାସ୍ ଜନିତ ବିଭାଗ ଡା. ରାକେଶ ମହାନ୍ତି ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆସନ୍ତା ୮, ୯ ଓ ୧୦ ତାରିଖରେ ରୋଗୀମାନଙ୍କୁ ସୁପରସ୍ପେସିଆଲିଟି ବରିଷ୍ଠ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି। ୧୦ ତାରିଖ ଦିନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଜନିତ ପରାମର୍ଶ ଓ ଔଷଧ ପ୍ରଦାନ କରାଯିବ। ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏହି ଶିବିରକୁ ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ନିରୀକ୍ଷଣ କରିବା ସହ ରୋଗୀମାନଙ୍କ ଯେଭଳି କୌଣସି ଅସୁବିଧା ନ ହୁଏ, ତା' ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଓ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ଡିପିଏଚଓ ଡା. ନବକିଶୋର ବେହେରା, ଡା. ସୁକାନ୍ତ ଶତପଥୀ, ଡିପିଏମ୍, ଏନ୍‌ଏଚ୍‌ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ହସ୍ପିଟାଲ ମ୍ୟାନେଜର୍, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

■ ବଣ୍ଡାଘାଟିରେ ଜନନୀ ଯନ୍ତ୍ରଣା

## ୭ କିମି ଭାରରେ ବୁହାହେଲେ ଗର୍ଭବତୀ



ମାଲକାନଗିରି/ଖଇରପୁଟ, ୭।୭ (ସମିସ): ରାସ୍ତା ନଥିବାରୁ ଭାରରେ ୭ କିମି ବୁହା ହେଲେ ଗର୍ଭବତୀ। ମାଲକାନଗିରି ଜିଲ୍ଲାରୁ ପୁଣି ଏଭଳି ଏକ ଜନନୀ ଯନ୍ତ୍ରଣାର ଚିତ୍ର ପଦାକୁ ଆସିଛି। ଜିଲ୍ଲାର ଖଇରପୁଟ ବ୍ଲକ୍ ବଣ୍ଡାଘାଟିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଘାଟିର ଭଜଗୁଡ଼ା ଗ୍ରାମର ରଞ୍ଜନ ଭଜଙ୍କ ସ୍ତ୍ରୀ ସୁନାଇ ଭଜ ଗର୍ଭବତୀ ଥିଲେ। ଆଜି ତାଙ୍କ ପ୍ରସବ ବେଦନା ହେବାରୁ ପରିବାରଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି ଗାଁକୁ ଆସିପାରିନଥିଲା। ଡୁସେଇପଡା ଗାଁମୁଣ୍ଡରେ ଅଟକି ରହିଥିଲା। ତେଣୁ, ପରିବାରଲୋକେ ଆଶାଦିଦିଙ୍କ ସହ ଦୀର୍ଘ ୧୦କିଲୋମିଟ ଭାରରେ ସୁନାଇଙ୍କୁ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଇରପୁଟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ୮ ଲକ୍ଷ ଇନାମୀ ମାଓବାଦୀ ନିହତ

ମାଲକାନଗିରି, ୭।୭(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ନିହତ ହୋଇଛି। ମୃତ ମାଓବାଦୀ ହେଲା, ପିଏଲଜିଏ ବାଟାଲିୟନ ନମ୍ବର ୧ର ଡେପୁଟି କମାଣ୍ଡର୍ ସୋଢ଼ି କନ୍ନା ଓରଫ୍ ପଦନାମ। ପଦନାମ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ନ୍ୟାସନାଲ ପାର୍କ ଜଙ୍ଗଲରେ ମାଓବାଦୀ ମାନେ ଏକ ଶିବିର କରି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଜି, ସିଆରପିଏଫ ଓ ଏସ୍‌ଟିଏଫର ଯବାନ ମାନେ ସେଠାରେ ଅପରେସନ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

## ଯୁକ୍ତ ୨ ନାମଲେଖା ମେଧା ତାଲିକା: ରେଭେନ୍ସା ପ୍ରଥମ ପସନ୍ଦ

ଭୁବନେଶ୍ୱର, ୭।୭ (ସମିସ): ଯୁକ୍ତ ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହୋଇଛି। କଳାରେ ୮୧.୩୩% କଟ୍-ଅଫ୍ ଯାଇଥିବା ବେଳେ ବିଜ୍ଞାନରେ ୯୧.୮୩% ଓ ବାଣିଜ୍ୟରେ ୮୦.୨୦% ମାର୍କ କଟ୍-ଅଫ୍ ଯାଇଛି। ସମୁଦାୟ ୪ଲକ୍ଷ ୪୬ହଜାର ୨୦୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ଏହାର ପ୍ରାୟ ୯୩% ଅର୍ଥାତ୍ ୪ଲକ୍ଷ

■ ପ୍ରଥମ ରାଉଣ୍ଡରେ ୯୩% ଛାତ୍ରଛାତ୍ରୀ ମନୋନୀତ
■ ୮ରୁ ୧୪ ମଧ୍ୟରେ ନାମଲେଖା; ୨୪ରୁ ପାଠପଢ଼ା

୧୩ହଜାର ୮୦୪ଜଣ ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ୧୪ ତାରିଖ ମଧ୍ୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଚୟନ ପିଲାଙ୍କ ମଧ୍ୟରେ ୧ଲକ୍ଷ ୯୬ହଜାର ୨୬୮ଜଣ ଛାତ୍ର ଥିବା ବେଳେ ୨ଲକ୍ଷ୧୭ହଜାର୫୨୯ ଜଣଛାତ୍ରୀ ରହିଛନ୍ତି। ସେହିପରି କଳା ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ଲକ୍ଷ ୬୪ହଜାର ୭୬୬ ଜଣ, ବିଜ୍ଞାନରେ ୧ଲକ୍ଷ ୧୭ହଜାର ୮୯ଜଣ, ବାଣିଜ୍ୟରେ ୨୦,୫୫୨ଜଣ, ଉପଶାସ୍ତ୍ରୀ(ସଂସ୍କୃତ)ରେ ୬,୮୧୧ଜଣ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ୪,୫୮୬ ଜଣ ଚୟନ ହୋଇଛନ୍ତି। ପ୍ରଥମ ଚଏସ୍ ଦେଇଥିବା ୨ଲକ୍ଷ ୮୭ହଜାର ୨୧୯ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବାଧ୍ୟ। ଅର୍ଥାତ୍ ପ୍ରଥମ ରାଉଣ୍ଡ ପରେ ପ୍ରାୟ ୭୦% ସିଟ୍ ପୂରଣ ହେବ।

କଳା ପାଠ୍ୟକ୍ରମ ପାଇଁ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ କଟ୍-ଅଫ୍ ୮୧.୩୩% ଯାଇଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୭.୩୩% ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୮୬% କଟ୍-ଅଫ୍ ଯାଇଛି। ସେହିପରି ବିଜ୍ଞାନ ପାଠ୍ୟକ୍ରମ ପାଇଁ ରେଭେନ୍ସା କଟ୍-ଅଫ୍ ସର୍ବାଧିକ ୯୧.୮୩% ଥିବା ବେଳେ ବିଜେବି କଲେଜର ୮୯.୪୦% ଓ ବାଲେଶ୍ୱରସ୍ଥିତ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୭.୫% କଟ୍-ଅଫ୍ ରହିଛି। ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସାର ୮୦.୨୦% କଟ୍-ଅଫ୍ ଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୮.୬୭% ଏବଂ ବିଜେବି କଲେଜର ୭୩.୫୦% କଟ୍-ଅଫ୍ ଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୨୪ରୁ ପାଠପଢ଼ା ଆରମ୍ଭ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି।

## ଓପିଜିସି ଜନଶୁଣାଣିରେ ପ୍ରବଳ ହଟ୍ଟଗୋଳ

ଇବ୍‌ଥର୍ମାଲ, ୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍(ଓପିଜିସି)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୨x୬୬୦) ମେଗାୱାଟ୍ ୟୁନିଟ୍ ୫ ଓ ୬ ପାଇଁ ତେଲେନପାଲି ହାଟ ପଡ଼ିଆରେ ସୋମବାର ଜନଶୁଣାଣି କରାଯାଇଛି। ପ୍ରବଳ ବିରୋଧ, ପାଟିତୁଣ୍ଡ ଓ ହଟ୍ଟଗୋଳ ମଧ୍ୟରେ ଜନଶୁଣାଣି ଶେଷ ହୋଇଥିବା ବେଳେ ମାତ୍ର ୫ଜଣ ମତ ରଖିଛନ୍ତି। ଏପରିକି, କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ୍ ଛାଉଣୀ କରାଯାଇଥିଲା।



ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ପ୍ରଦୂଷଣ ବୋର୍ଡ ଅଧିକାରୀ ହିରଣ୍ୟ ନାଏକଙ୍କ ଉପସ୍ଥିତିରେ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଶୁଣାଣିକୁ ସ୍ଥାନୀୟ ପଞ୍ଚାୟତର ଜନସାଧାରଣ ବିରୋଧ କରିଥିଲେ। ଏହାସତ୍ତ୍ୱେ ଓପିଜିସି ଇଏଚ୍‌ଏସ୍ ମୁଖ୍ୟ ସୀତାରାମ ସାହୁ ଉଦ୍ଦେଶ୍ୟ ଜ୍ଞାପନ ସହ କାର୍ଯ୍ୟନିର୍ବାହୀ ସାରଣୀର ବିବରଣୀ ପାଠ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ ଶହଶହ ଅଞ୍ଚଳବାସୀ ତଥା ଆଖପାଖ ୧୦ଟି ପଞ୍ଚାୟତର ପିଆରଆଇ ମେମ୍ବର, ଜନପ୍ରତିନିଧି, ରାଜନୈତିକ ଦଳ ପ୍ରତିନିଧି ସମସ୍ତେ ଏକ ସ୍ୱରରେ ଜନଶୁଣାଣିର ତୀବ୍ର ବିରୋଧ କରିଥିଲେ। ମହିଳାମାନେ ମଧ୍ୟ ବିରୋଧରେ ସାମିଲ ହୋଇଥିଲେ। ବିରୋଧର ସ୍ୱର ଏତେ ତୀବ୍ର ଥିଲା ଯେ କେବଳ "ଜନଶୁଣାଣି ବନ୍ଦକର, ପିଜିସି ଗୋ ବ୍ୟାକ୍" ନାରା ଶୁଭୁଥିଲା।

ଜଣଶୁଣାଣିରେ ୫ ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୨ଜଣ ସ୍ତ୍ରୀ ଲୋକ ଯାଇ ତାଙ୍କ ଅଭିଯୋଗ ପତ୍ର ଦେଇଥିଲେ, ଅନ୍ୟ ଦୁଇଜଣ ଓପିଜିସି ବିରୋଧରେ କହିଥିଲେ ଏବଂ ମାତ୍ର ଜଣଙ୍କ ପାଇଁ ଜନଶୁଣାଣି ହେଲା। ଫଳରେ ଏହା ବହୁ ଆଡ଼ମ୍ବରରେ ଲଘୁକ୍ରିୟା ବୋଲି ଚର୍ଚ୍ଚା ହୋଇଛି। କେବଳ ବିଜେପି ସଭାପତି ରଘୁନନ୍ଦନ ପଣ୍ଡା କହିଥିଲେ। ହେଲେ ସେ କହିଲା ବେଳେ ତାଙ୍କ ବିରୋଧରେ ହଜାର ହଜାର ଲୋକ ନାରାବାଜି କରିଥିଲେ। ନିଜେ ଅପରେସନ ଡାଇରେକ୍ଟର ଏଆର୍ ଦାସ ଲୋକଙ୍କ ପାଖକୁ ଯାଇ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଜନଶୁଣାଣିକୁ ବର୍ଜନ କରିବା ସହ ଆଗକୁ ଓପିଜିସିକୁ କୌଣସି ପ୍ରକାରେ ଜମି ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ କୁହାଯାଇଥିଲା। ଶେଷରେ ଓପିଜିସି ଅପରେସନ୍ ଡାଇରେକ୍ଟର୍ ଅଞ୍ଜନ ରଞ୍ଜନ ଦାସ ମଧ୍ୟ ମତ ରଖିଲା ବେଳକୁ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା। ଏ ସଂକ୍ରାନ୍ତରେ

■ ମାତ୍ର ୫ ଜଣ ରଖିଲେ ମତ
■ ପୁଲିସ ଛାଉଣୀରେ ହେଲା ଜନଶୁଣାଣି

ଉପଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି ଯେ ଜନଶୁଣାଣି ସଫଳ ହେଲା କି ବିଫଳ ହେଲା, କୁହାଯାଇ ପାରିବନାହିଁ।

ଆଜିର ଜନଶୁଣାଣିରେ ଓପିଜିସି ସିନିୟର ଭିପି ସୁକାନ୍ତ ମହାପାତ୍ର, ସିନିୟର ଜିଏମ୍ ଏଚ୍‌ଆର୍ ସୁବାଶିଷ ମୁଖାର୍ଜୀ, ବିଡିଓ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ଆଡିସିନାଲ ଏସ୍‌ପି ଜେମସ୍ ସାମତ, ଡିଏସପି ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଏଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ସମେତ ୯ଜଣ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ। ଏହାସହ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।


■ ଲାଲବାହିନୀର ବର୍ବରତା

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ମାଲକାନଗିରି, ୭।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ବିଜାପୁର ଜିଲ୍ଲା ଚିନାପୋଡିକାଲ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ମୃତ ପୂର୍ବତନ ସରପଞ୍ଚ ହେଉଛନ୍ତି, ବିଜୟ ଜବା। ପ୍ରାୟ ୧୦ ସଶସ୍ତ୍ର ମାଓବାଦୀ ଗାଁ ମଧ୍ୟକୁ ପଶି ବିଜୟଙ୍କୁ ଘରୁ ଉଠାଇ ଆଣି ନିସ୍ଥୁକ ମାଡ଼ ମାରିବା ସହ ହତ୍ୟା କରିଥିଲେ। ପରେ ତାଙ୍କ ମରଶରୀରକୁ ଗ୍ରାମ ନିକଟରେ ଫିଙ୍ଗି ସେଠାରୁ ଚାଲି ଯାଇଥିଲେ। ପୁଲିସ୍ ସୂଚନାଦାତା ସନ୍ଦେହରେ ଏହି ହତ୍ୟା କରାଯାଇଥିବା ସୂଚନା ମିଳିଛି। ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଆଜି ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଭିଜିଲାନ୍ସ ଜାଲରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଡାକ୍ତର





ରେଢ଼ାଖୋଲ/ସମ୍ବଲପୁର, ୭।୭ (ସମିସ) : ଜଣେ ହିତାଧିକାରୀଙ୍କଠାରୁ ସବ୍‌ସିଡି ଟଙ୍କା ରିଲିଜ୍ କରିବା ପାଇଁ ଲାଞ୍ଚ ନେଉଥିବା ସମୟରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଅଧିକାରୀ (ବିଭିଓ) ଡା. ଶୁଭ ପ୍ରକାଶ ସୋରେନ ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟ (ପିଏ) ମହେଶ୍ୱର ସାହୁଙ୍କୁ ସମ୍ବଲପୁର ଭିଜିଲାନ୍ସ ଗିରଫ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡା. ସୋରେନଙ୍କ ଭଡ଼ାଘର ଓ କାର୍ଯ୍ୟାଳୟରେ ମଧ୍ୟ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ବ୍ରଏଲର୍ ପୋଲଟରି ଫାର୍ମି ସ୍କିମ୍‌ର ଜଣେ ହିତାଧିକାରୀ ଗତ ଏପ୍ରିଲ ମାସରେ ବ୍ରଏଲର୍ ଫାର୍ମ ନିର୍ମାଣ କରି ସବ୍‌ସିଡି ଅର୍ଥ ୯୦୦୦୦ ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ଡା. ସୋରେନଙ୍କୁ ତାଙ୍କ ସବସିଡିର ଦ୍ୱିତୀୟ କିସ୍ତି ୫୪୦୦୦ ଟଙ୍କା ରିଲିଜ୍ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଭିଓ ଡା. ସୋରେନ୍ ତାହା ରିଲିଜ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହିତାଧିକାରୀଜଣଙ୍କ ଏ ସଂପର୍କରେ ସମ୍ବଲପୁର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଟୋଲ ଫ୍ରି ନଂ. ୧୦୬୪ରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସର ଏକ ଟିମ୍ ଜାଲ୍ ବିଛାଇ ଆଜି ବିଭିଓ ଡା. ଶୁଭ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମହେଶ୍ୱର ସାହୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ଏକା ସମୟରେ ଡା. ସୋରେନଙ୍କ ରେଢ଼ାଖୋଲସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟ ଯାଞ୍ଚ କରାଯାଇଥିଲା। ଉଭୟ ଡା. ଶୁଭ ପ୍ରକାଶ ସୋରେନ ଓ ମହେଶ୍ୱର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନା କେସ ନଂ ୧୪/୨୦୨୫ ଦଫା ୭/୧୨ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୮ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଇଟିଆରର ଗୁପ୍ତ ତଥ୍ୟ ଲିକ୍ ଘଟଣା: ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ

କଟକ,୭।୭(ସମିସ): ଦେଶର ସୁରକ୍ଷା ସଂପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚାନ୍ଦିପୁର ଆଇଟିଆର୍‌ର ପୂର୍ବତନ ଚୁକ୍ତିଭିତ୍ତିକ ଏସି ଅପରେଟର୍ ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିଛନ୍ତି।

ଜାମିନରେ ଛାଡ଼ ପାଇବା ପରେ କୌଣସି ଅପରାଧରେ ଜଡ଼ିତ ହେବେ ନାହିଁ, ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ, ଜାମିନ ପାଇବା ପରେ ସେ ରହିବା ସ୍ଥାନର ସାନି ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ଯଦି ସର୍ତ୍ତ ଉଲ୍ଲଂଘନ ହୁଏ, ତେବେ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୨୦୨୧, ସେପ୍ଟେମ୍ବର ୧୫ରୁ ସେ ଗିରଫ ହୋଇ ଜେଲରେ ଥିବା ବେଳେ ଏପର୍ଯ୍ୟନ୍ତ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସରିନାହିଁ। ଚାର୍ଜସିଟ୍‌ରେ ୨୮ଜଣଙ୍କ ନାଁ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ, ବାଲେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ବିଚାରାଧୀନ ଏ ସଂପର୍କିତ ମାମଲାରେ ଚାରି ବର୍ଷରେ ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏହା ସମ୍ବିଧାନ ପ୍ରଦତ୍ତ ତ୍ୱରିତ ଶୁଣାଣି ଅଧିକାରର ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏପରି ଯୁକ୍ତିକୁ ଗ୍ରହଣ କରି ବସନ୍ତଙ୍କୁ ଜାମିନ ମଞ୍ଜୁର କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଚାର୍ଜସିଟ କରିବା ପରେ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

■ କାଶଲପୁର ବିଜ୍ଞାନ ବାରିକ ହତ୍ୟା ମାମଲା

## ବାପ-ଦୁଇପୁଅଙ୍କୁ ଆଜୀବନ

ବୌଦ୍ଧ, ୭।୭(ସମିସ): ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା ତେଲିବନ୍ଧ ପଞ୍ଚାୟତ କାଶଲପୁର ଗ୍ରାମର ବିଜ୍ଞାନ ବାରିକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ପ୍ରତାପ କୁମାର ପାତ୍ର ଦୋଷୀ ବାପ ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସେମାନେ ହେଲେ, କାଶଲପୁର ଗ୍ରାମର ସୁଦାମ ବାରିକ ଏବଂ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ। ସୂଚନାନୁଯାୟୀ, ଗତ ୨୬ସେପ୍ଟେମ୍ବର ୨୦୨୩ ସନ୍ଧ୍ୟାରେ ଗ୍ରାମର ଧୋବେଇ ବାରିକ ଓ ପୁଅ ବିଜ୍ଞାନ ବାରିକଙ୍କୁ ଗ୍ରାମର ସୁଦାମ ବାରିକ ଓ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଧୋବେଇ ଓ ବିଜ୍ଞାନ ଗୁରୁତର ଆହତ ହୋଇଥିଲେ। ଉଭୟ ବାପ-ପୁଅଙ୍କୁ ବୌଦ୍ଧ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଡାକିଥିବା ବେଳେ ଅଭିଯୁକ୍ତମାନେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମଧ୍ୟ ଧମକ ଦେଇଥିଲେ। ଉଭୟଙ୍କୁ ପ୍ରଥମେ ବୌଦ୍ଧ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବିଜ୍ଞାନ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ପ୍ରାଣ ହରାଇଥିଲେ। ଧୋବେଇ ବାରିକଙ୍କ ବୌଦ୍ଧ ଥାନାରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିଲା ଓ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଚିଚାର ଚାଲିଥିଲା।

**ପ୍ରହସନ ପାଲଟିଛି ମାଧ୍ୟମିକ ଶିକ୍ଷକଙ୍କ ବଦଳି**

## ଅବଧି ସରିଲା; ବଦଳି ନୋହିଲା

ଭୁବନେଶ୍ୱର,୭।୭(ସମିସ): ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେଲାଣି। ହେଲେ ସରୁନାହିଁ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା। ସମସ୍ତ ଆବେଦନର ଭେରିଫିକେସନ୍ ସରିଛି। ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ମାନେ ସେମାନଙ୍କ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିକଟରେ ଦାଖଲ କରିସାରିଛନ୍ତି। ହେଲେ ବଦଳି ତାଲିକା ପ୍ରକାଶ ପାଉନି। ବଦଳି କ୍ୟାଲେଣ୍ଡର ଅନୁଯାୟୀ ନୂତନ ଶିକ୍ଷାନୁଷ୍ଠାନରେ ଯୋଗଦେବାର ଆଜି ଶେଷ ତାରିଖ ହୋଇଥିବାବେଳେ ଚୂଡ଼ାନ୍ତ ତାଲିକା କେଉଁଠି ଅଟକିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବିଭାଗ, ନିର୍ଦ୍ଦେଶାଳୟ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବଦଳି ବିଳମ୍ବ ହେଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ଗତ ମେ ୨୨ ତାରିଖରେ ବଦଳି କ୍ୟାଲେଣ୍ଡର ପ୍ରକାଶ ପାଇଥିଲା। ଜୁନ୍ ୫ ତାରିଖ ମଧ୍ୟରେ ଆଶାୟୀ ଶିକ୍ଷକମାନେ ଆବେଦନ କରିଥିଲେ। ଜୁନ୍ ୨୪ ଓ ୨୫ ତାରିଖରେ ରାଜ୍ୟ ସ୍ତରୀୟ ବଦଳି କମିଟି ବସି ତାଲିକା ଚୂଡ଼ାନ୍ତ କରିବା ପରେ ୨୬ରୁ ୩୦ ତାରିଖ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ମିଳିଥିବା ସୂଚନା ଅନୁଯାୟୀ, ଏବେଯାଏଁ ରାଜ୍ୟସ୍ତରୀୟ ବଦଳି କମିଟି ବସିନାହିଁ। ସମୟ ଅବଧି ସରି ସାରିଥିବାବେଳେ କେବେ କମିଟି ବଦଳି ତାଲିକା ଚୂଡ଼ାନ୍ତ କରିବ, ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ନିଜ ନିର୍ଦ୍ଦେଶନାମାକୁ ନିଜେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପାଳନ କରୁ ନ ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ପରୋକ୍ଷରେ ଚେତାବନୀ ଦେବା ସହ ବଦଳି ପ୍ରକ୍ରିୟା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ବଦଳି ପ୍ରକ୍ରିୟା ବିଳମ୍ବ ହେଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ବଦଳି ଆଦେଶ ପ୍ରକାଶ ନ କଲେ ଆବେଦନକାରୀ ଶିକ୍ଷକମାନେ ରାସ୍ତାକୁ ଓହ୍ଲାଇବ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ୭୬ତମ ବନ ମହୋତ୍ସବ: ଏ ବର୍ଷ ଲାଗିବ ୭.୫ କୋଟି ଚାରା

ଭୁବନେଶ୍ୱର,୭।୭(ସମିସ): ୨୦୩୬ ସୁଦ୍ଧା ଭିଜନ୍ ଓଡ଼ିଶା କାର୍ଯ୍ୟକ୍ରମରେ 'ସବୁଜ ଓଡ଼ିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।




ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଗତବର୍ଷ ଏକ୍ ପେଡ୍ ମା' କେ ନାମ ଅଭିଯାନରେ ୬.୬୯ କୋଟି ଚାରା ରୋପଣ କରାଯାଇଥିଲା ଏବଂ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତବର୍ଷ 'ଏକ୍ ପେଡ୍ ମା' କେ ନାମ-୨.୦' ଅଭିଯାନରେ ୭.୫କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିବା ବେଳେ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ ସବୁଜ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାଜ୍ୟବାସୀଙ୍କୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିଥିବା ବେଳେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ବିଶ୍ୱ ବନ ଦିବସ, ଜୁନ୍ ୫ ବିଶ୍ୱ ପରିବେଶ ଦିବସ, ଜୁଲାଇ ମାସରେ ବନ

■ ୨୦୩୬ ସୁଦ୍ଧା ୧୦ ଲକ୍ଷ 'ସବୁଜ ଜୀବିକା' ସୃଷ୍ଟି ହେବ
■ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ମହୋତ୍ସବ ସପ୍ତାହ ପାଳନ ଏବଂ ଅକ୍ଟୋବର ମାସରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ କରାଯାଇଥାଏ। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କାର ଦିଆଯାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସବୁ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରିଛନ୍ତି। ଅନେକ ପୁରସ୍କାରର ସଂଖ୍ୟା ଓ ପୁରସ୍କାର ରାଶି ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ଏହି ସମସ୍ତ ପୁରସ୍କାର ଆଜିଠାରୁ କାର୍ଯ୍ୟକାରୀ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୪୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୬ ଲୋକଙ୍କ ପ୍ରାଣହାନି।
- ୨୦୦୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପରଲୋକ।



# ରସଗୋଲା ଦିବସ

ଆଜି ରସଗୋଲା ଦିବସ। ଓଡ଼ିଶାର ପାରମ୍ପରିକ ମିଠା ରସଗୋଲା ପାଇଁ ଆଜିର ଦିନଟି ସମର୍ପିତ। । ଓଡ଼ିଆ ଘରେ ଅତିଥି ଚର୍ଚ୍ଚା ହେଉ କି ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ସବୁଠି ଲୋଡ଼ା ରସଗୋଲା। ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ଶ୍ରୀମନ୍ଦିରରେ କେଉଁ ଅନାଦି କାଳରୁ ରସଗୋଲା ପ୍ରସାଦ ରୂପେ ଅର୍ପଣ କରାଯାଉଅଛି। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶହ ଶହ ବର୍ଷ ହେଲା ରସଗୋଲା ଲାଗି ହୋଇଆସୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଅନ୍ତିମ ପର୍ବ ହେଉଛି 'ନୀଳାଦ୍ରିବିଜେ'। ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣି ପରେ ବାହୁଡ଼ା ଦଶମୀ ଦିନ ଶ୍ରୀଜୀଉମାନେ ସିଂହଦ୍ୱାରକୁ ଫେରନ୍ତି। ତ୍ରୟୋଦଶୀ ଦିନ ଶ୍ରୀବିଗ୍ରହମାନେ ରତ୍ନ ସିଂହାସନକୁ ବିଜେ କରି ଥାଆନ୍ତି। ଏହାକୁ 'ନୀଳାଦ୍ରି ବିଜୟ' ବା 'ନୀଳାଦ୍ରିବିଜେ' କୁହାଯାଏ। ବିଶ୍ୱାସ ରହିଛି, ରଥଯାତ୍ରାରେ ସଙ୍ଗରେ ନେଇ ନ ଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି ମା'ଲକ୍ଷ୍ମୀ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଜୟବିଜୟ ଦ୍ୱାରକୁ ବନ୍ଦ କରି ଦିଅନ୍ତି ମା' ଲକ୍ଷ୍ମୀ। ଅଭିମାନୀନି ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି ମହାପ୍ରଭୁ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରଚାରପ୍ରସାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରିବିଜେ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲ। ଏହାପରେ ୨୦୧୬ ଜୁଲାଇ ୧୭ ଠାରୁ ଏହି ଦିବସ ପାଳନ ହେଉଛି। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାର ବ୍ୟବସାୟୀ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ଦେବା ପାଇଁ ଓଡ଼ିଆ ଲୋକେ ଏକଜୁଟ ହୋଇଥିଲେ। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା।



# ଆସିବ 'ଗଲିବୟ'ର ସିକ୍ୱେଲ

ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଲିବୟ'ର ସିକ୍ୱେଲ ଆସିବ। ଏହାର ମୂଳ ଫିଲ୍ମରେ ଆଲିଆ ଭଟ୍ଟ, ରଣବୀର ସିଂହ, ସିଦ୍ଧାନ୍ତ ଚତୁର୍ବେଦୀ, କଲ୍‌କି କୋଚଲିନ୍ ନଜର ଆସିଥିଲେ। ଫିଲ୍ମଟି ଦର୍ଶକଙ୍କ ସହ ଫିଲ୍ମ ସମୀକ୍ଷକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା। ଏହା ୧୩ଟି ଫିଲ୍ମ ଫେୟାର୍ ପୁରସ୍କାର ଜିତିଥିଲା, ଯାହା ଏକ ରେକର୍ଡ ମଧ୍ୟ। ୬ ବର୍ଷ ପରେ ଜୋୟା ଏବେ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରୁଛନ୍ତି। ଜୋୟା କିନ୍ତୁ ଏହାର ନିର୍ଦ୍ଦେଶନା ଦେବେ ନାହିଁ। 'ଖୋ ଗଏ ହମ୍ କହାଁ' ଫେମ୍ ଅର୍ଜୁନ୍ ବରେନ୍ ସିଂହ ଏହାର ନିର୍ଦ୍ଦେଶନା ଦେବେ। ସିକ୍ୱେଲରେ କିନ୍ତୁ ରଣବୀର ଓ ଆଲିଆ ଦେଖାଯିବେ ନାହିଁ। ଏଥିରେ ଭିକି କୌଶଳ ଓ ଅନନ୍ୟା ପାଣ୍ଡେଙ୍କୁ ବ୍ରେକ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ 'ଗଲିବୟ'ର ସଫଳତାକୁ ଏହାର ସିକ୍ୱେଲ ଦୋହରାଇ ପାରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ପକ୍ଷୀ ରକ୍ଷା ପାଇଁ ମଶା ଛାଡୁଛି ଡ୍ରୋନ୍

ବୈଜ୍ଞାନିକମାନେ ଏକ ବିଶାଳ ଡ୍ରୋନ୍‌କୁ ଉପଯୋଗ କରି ଆମେରିକାର ହାୱାଇ ଜଙ୍ଗଲରେ ମଶା ପଲଙ୍କୁ ଛାଡୁଛନ୍ତି। ତେବେ ଏଠାରେ ଦେଖାଯାଉଥିବା ହନିକ୍ରିପର୍ ପକ୍ଷୀଙ୍କ ଜୀବନ ରକ୍ଷା ପାଇଁ ଏଭଳି କିଛି କରାଯାଉଛି। ଏହି ପକ୍ଷୀ ପରିବେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କ୍ରମାଗତ ଭାବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଶା ଦ୍ୱାରା ବ୍ୟାପୁଥିବା ଏଭିୟନ ମ୍ୟାଲେରିଆ ଏହି ପକ୍ଷୀଙ୍କ ଜୀବନ ନେଉଛି। ତେଣୁ ହନିକ୍ରିପର୍ ପକ୍ଷୀ ଏଭିୟନ ମ୍ୟାଲେରିଆଠାରୁ ଜୀବିତ ରହିବା ଲାଗି ଏବେ ସଂଘର୍ଷ କରୁଛନ୍ତି। ତେବେ ଡ୍ରୋନ୍‌ରେ ଛଡ଼ା ଯାଉଥିବା ମଶାକୁ ବୈଜ୍ଞାନିକମାନେ ଗବେଷଣାଗାରରେ ତିଆରି କରିଛନ୍ତି। ଏହି ମଶା କାମୁଡୁ ନ ଥିବା ବେଳେ ଏଥିରେ ଏକ ଜୀବାଣୁ ଅଛି। ଏହି ଜୀବାଣୁ ଆକ୍ରମଣକାରୀ ମଶାଙ୍କ ବଂଶବିସ୍ତାରକୁ ରୋକିବା ଦିଗରେ କାର୍ଯ୍ୟ କରିବ। ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଏହି ବିଶେଷ ଅଣ୍ଡିରା ମଶାମାନଙ୍କୁ ନିରନ୍ତର ଛାଡ଼ିବା ଦ୍ୱାରା ଏଭିୟନ୍ ମ୍ୟାଲେରିଆ ବାହକ ମଶାଙ୍କ ସଂଖ୍ୟା ହ୍ରାସ ପାଇବ। ଏହି ପ୍ରକାରେ ରୋଗର ପ୍ରସାରକୁ ରୋକା ଯାଇପାରିବ। ସେହିପରି ଏବେ ସୁଦ୍ଧା ଏକଥା ସ୍ପଷ୍ଟ ହୋଇପାରି ନାହିଁ, ଏତେ ସଂଖ୍ୟକ ମଶା ଛଡ଼ାଯିବା ପରେ କିଛି ଲାଭ ମିଳିଛି କି ନାହିଁ। ହେଲେ ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି, ଏହି ପ୍ରକାରେ ହନିକ୍ରିପର୍ ପକ୍ଷୀଙ୍କୁ ରକ୍ଷା କରାଯାଇପାରିବ। ସେହିପରି ଏହି ମଶା ଏଠାରେ ନ ଥିଲେ। ୧୮୨୬ ମସିହାରେ ଏକ ଜାହାଜରୁ ଏହି ମଶା ଏଠାକୁ ଆସିଥିଲା। ସେବେଠାରୁ ସେମାନେ ଏହାର ଗରମ ଏବଂ ଆର୍ଦ୍ର ଜଳବାୟୁରେ ବଂଶବିସ୍ତାର କରିଚାଲିଲେ।








# ମକା ମଞ୍ଜି ଛଡା ଯନ୍ତ୍ର



ମକା ଚାଷ ଶୀତ, ବର୍ଷା ଓ ଖରାଦିନେ କରାଯାଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ବାଲିଆ, ଦୋରସା ଓ ପଟୁମାଟି ଆବଶ୍ୟକ ହୋଇଥାଏ। ତେବେ ମକାର ବହୁବିଧ ବ୍ୟବହାର ଏହାକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରୁଛି। ଯେମିତିକ ମକାରୁ ଖଇ, କର୍ଣ୍ଣଫ୍ଲେକ୍ସ ତଥା ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ହୁଏ। ଏହା ସହ ଗୋଖାଦ୍ୟ, କୁକୁଡ଼ାଖାଦ୍ୟ ଆଦି ପ୍ରସ୍ତୁତି ବେଳେ ମକା ବିଶେଷ ଭାବେ ଦରକାର ହୋଇଥାଏ। ତେବେ ମକାରୁ ଦାନା କାଢ଼ିବାକୁ ଚାଷୀଙ୍କୁ ଅଧିକ ସମୟ ଲାଗୁଥିବାବେଳେ ଏଥିପାଇଁ ଅଧିକ ପରିଶ୍ରମ ଓ ଖର୍ଚ୍ଚ ବଢ଼ିଥାଏ। ଖାସ୍‌କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହି ପ୍ରକ୍ରିୟା ବହୁତ ମହଙ୍ଗା ପଡ଼ିଯାଏ। ତେଣୁ ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଦ୍ୱାରା ପେଡାଲ ପରିଚାଳିତ ମକା ମଞ୍ଜିଛଡ଼ା ଯନ୍ତ୍ର ବିକଶିତ କରାଯାଇଛି। ଏହା କେବଳ ମକା ଚୋପାରୁ ଦାନା ବାହାର କରିବ ତାହା ନୁହେଁ; ଚାଷୀଙ୍କ ସମୟ ଏବଂ ଶ୍ରମ ହ୍ରାସ ପାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମେସିନ୍ କୌଣସି ଇନ୍ଧନ କିମ୍ବା ବିଦ୍ୟୁତ୍ ବିନା ଚାଲୁଥିବାରୁ ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ରରେ କ୍ଷମତା ୧୩୦ କିଗ୍ରା ପ୍ରତି ଘଣ୍ଟାରେ ମକା ଦାନା କାଢ଼ିପାରେ। ଏଥିରେ ଦୁଇଜଣ ଲୋକ ବସି ଆରାମରେ ଯନ୍ତ୍ରକୁ ଚଳାଇ ପାରିବେ ସେ ନେଇ ଡିଜାଇନ୍ ହୋଇଛି। ଅର୍ଥାତ୍ ଜଣେ ଗୋଡରେ ପ୍ୟାଡେଲ ମାରି ଯନ୍ତ୍ରକୁ ସଞ୍ଚାଳିତ କରିବା ସମୟରେ ଅନ୍ୟ ଜଣ ଯନ୍ତ୍ରରେ ମକା ପକାଇବା କାର୍ଯ୍ୟ କରିଥାନ୍ତି। ଏହାର ମକା ଚୋପା କାଢ଼ିବାର କ୍ଷମତା ୯୭ ପ୍ରତିଶତ ଏବଂ ଦାନା କାଢ଼ିବାର ଦକ୍ଷତା ୯୫ ପ୍ରତିଶତ ଯାଏଁ ଥିବାରୁ ଚାଷୀଭାଇ ଏଥିରୁ ଅଧିକ ଲାଭବାନ ହୋଇପାରିବେ। ତେଣୁ ମକା ଚାଷ କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଏହି ଯନ୍ତ୍ରଟି କୌଣସି ବରଦାନଠାରୁ କମ୍ ନୁହେଁ।

# ଜହ୍ନି ଗଛ ପାଇଁ ଦେଶୀ ଟନିକ୍

**ବର୍ଷାଦିନିଆ ପନିପରିବା ଚାଷରୁ ଅଧିକ ଲାଭ ମିଳେ। ଚାଷୀମାନେ ଏହି ଦିନେ ବିଭିନ୍ନ ଫସଲ ସହିତ ଜହ୍ନି ଚାଷ ମଧ୍ୟ କରିଥାନ୍ତି। ତେଣୁ ଜହ୍ନି ଗଛ ବଢୁ ନ ଥିଲେ ଏହି ଉପାୟ ଆପଣାଇ ପାରିବେ।**

ଚାଷୀମାନେ କମ୍ ସମୟରେ ଅଧିକ ଅମଳ ପାଇବା ପାଇଁ ରାସାୟନିକ ସାର, କୀଟନାଶକ ଆଦି ପ୍ରୟୋଗ କରିଥାନ୍ତି। ଏହା ବ୍ୟୟ ବହୁଳ। ଏହା ମାଟି ଓ ଫସଲ ପାଇଁ କ୍ଷତି ସୃଷ୍ଟି କରିପାରେ। ତେଣୁ ପ୍ରାକୃତିକ ଉପାୟ ଆପଣାଇ ଚାଷୀମାନେ ଜହ୍ନି ଗଛର ବୃଦ୍ଧି ପାଇଁ ନିମ ଖତ, ଦହି ଏବଂ କଦଳୀ ଚୋପାରୁ ତିଆରି ଦେଶୀ ସାର ପ୍ରୟୋଗ କରିପାରିବେ। କଦଳୀ ଚୋପାରେ ପଟାସିୟମ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ଯାହାକି ଗଛ ଓ ଫଳ ବୃଦ୍ଧି ପାଇଁ ଏହା ବହୁତ ଉପଯୋଗୀ ହୋଇଥାଏ।, ଦେଶୀ ସାର ବା କୀଟନାଶକ ପ୍ରୟୋଗ ଦ୍ୱାରା ଫୁଲ ଝଡ଼ିବା ନିୟନ୍ତ୍ରଣ ହୋଇଥାଏ। ଏହା ରୋଗ ପୋକ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ। ନିମ ଖତ ମାଟିରେ କବକ ଏବଂ ହାନିକାରିକ ଜୀବାଣୁ ରୋକିଥାଏ। ଏହାଦ୍ୱାରା ଜହ୍ନି ଉତ୍ପାଦନ ହୁଏ। ଏକ ଗ୍ଲାସ ପାଣିରେ କଦଳୀ ଚୋପାକୁ ଅଳ୍ପ ଆଞ୍ଚରେ ରଖି ଫୁଟାନ୍ତୁ। ଏହି ପାଣି ଥଣ୍ଡା କରିବା ପରେ ଏହାକୁ ଛାଣି ନିଅନ୍ତୁ। ଛଣା ପାଣିରେ ଏକ ଚାମଚ ନିମ ଖତ ଏବଂ ଏକ ଚାମଚ ଦହିକୁ ଭଲଭାବେ ମିଶାନ୍ତୁ। ଏହି ଘୋଳକୁ କିଛି ଘଣ୍ଟା ପାଇଁ ରଖି ଜହ୍ନି ଗଛ ମୂଳେ ମାଟି କୋଡ଼ାଖୋସା କରି ପ୍ରୟୋଗ କରିପାରିବେ। ଏପରି କରିବା ଦ୍ୱାରା ଜହ୍ନି ଗଛ ଝଙ୍କାଳିଆ ହୋଇଯାଏ। ଫଳ ମଧ୍ୟ ଅଧିକ ମିଳେ। ଜୀବାମୃତ, ଘନଜୀବାମୃତ, ହାଣ୍ଡିଖତ ଅନୁମୋଦିତ ପରିମାଣରେ ବ୍ୟବହାର କଲେ ଗଛର ବୃଦ୍ଧି ତ୍ୱରାନିତ ହୁଏ।



## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ।
- ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ପାଗ ଶୁଖିଲା ନ ଥିଲେ ଘାସ ଚରିବା ପାଇଁ ବାହାରକୁ ଛାଡନ୍ତୁ ନାହିଁ।
- ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ। ହନି ଡିୟୁ, କୁର୍ଗ ହନି ଡିୟୁ ସିଓ-୧, ସିଓ-୨, ପୁଷା, ଡେଲିଶିୟଶ, ପୁଷା, ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ।
- ବର୍ଷାଋତୁରେ କୁକୁଡା ଫାର୍ମରେ ପବନର ଚଳପ୍ରଚଳ କିମ୍ବା ଉଚିତ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। କୁକୁଡା ସେଡର ଉପର ପାର୍ଶ୍ୱରେ ୧ରୁ ୨ ଫୁଟ୍ ଖୋଲା ରଖି ସେଡର ପାର୍ଶ୍ୱକାନ୍ଥଗୁଡିକ ପଲିଥିନ୍ ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କୀଟମାନଙ୍କ ଆକ୍ରମଣରୁ କୁକୁଡାଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ୱଚ୍ଛ ଓ ସୁଖିଲା ରଖନ୍ତୁ। ବର୍ଷାଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶ ନ କରିବାକୁ ଉଚିତ ବ୍ୟବସ୍ଥା କରନ୍ତୁ। ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ାମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ।

# ଯବକ୍ଷାରଜାନ ଅଭାବରୁ ଫସଲ ହାନି

**ଗଛ ବଢ଼ିବା ପାଇଁ ମୃତ୍ତିକାରୁ ବିଭିନ୍ନ ଖାଦ୍ୟସାର ଆବଶ୍ୟକ କରୁଥିବାବେଳେ ସେଥିମଧ୍ୟରୁ ଯବକ୍ଷାରଜାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ମାଟିରେ ଯବକ୍ଷାରଜାନର ଅଭାବରେ ପ୍ରଥମେ ପତ୍ର ହଳଦିଆ ପଡ଼ିଯାଏ। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ସମୟ ପୂର୍ବରୁ ଏହାର ସମାଧାନ ନ କରିଲେ ଫସଲ ଉତ୍ପାଦନରେ ହ୍ରାସ ହୋଇଥାଏ। ଏହାର ପ୍ରତିକାର କରିବା ନିହାତି ଆବଶ୍ୟକ।**



କୃଷି ବିଶେଷଜ୍ଞଙ୍କ ମୁତାବକ ଯବକ୍ଷାରଜାନ ଫସଲ ବୃଦ୍ଧି ପାଇଁ ସବୁଠୁ ଜରୁରି ପୋଷାକତତ୍ତ୍ୱ। ତେବେ ମାଟିରେ ଯବକ୍ଷାରଜାନ ଅଭାବ ହେଲେ ପ୍ରଥମେ ଗଛ ପତ୍ରରୁ ଏହାର ଲକ୍ଷଣ ଜଣାପଡ଼ିଯାଏ। ଯେପରିକି ତଳ ପତ୍ରଗୁଡିକ ପ୍ରଥମେ ଫିକା ସବୁଜ ହୋଇ ହଳଦିଆ ପଡ଼ିଯାଏ। ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ି ନ ପାରିବା, ଫସଲ ହାନି ହେବା ଆଦି ଲକ୍ଷଣ ପରିଲକ୍ଷିତ ହୋଇଥାଏ। ତେଣୁ ମାଟିରେ ଯବକ୍ଷାରଜାନ ଅଭାବ ପୂରଣ କରିବାକୁ ଜମିରେ ସବୁଜ ସାର ପ୍ରୟୋଗ କରାଯାଏ। ଜମିରେ ମୁଗ ତଥା ଡାଲିଜାତୀୟ ଫସଲ, ସୋୟାବିନ୍, ଚିନାବାଦାମ ବୁଣିବା ଦ୍ୱାରା ଏହି ଫସଲ ଅମଳ ପରେ ମାଟିରେ ପ୍ରାକୃତିକ ରୂପେ ଯବକ୍ଷାରଜାନ ମାତ୍ରା ବୃଦ୍ଧି ପାଏ। ମାଟିରେ ଯବକ୍ଷାରଜାନ ବୃଦ୍ଧି ପାଇଁ ଏହା ଏକ ପାରମ୍ପରିକ ଓ ଶସ୍ତା କୌଶଳ। ସେହିପରି ଗୋବର ଖତ, ଜିଆଖତ, ପତ୍ରରୁ ପ୍ରସ୍ତୁତ ଖତ ମୃତ୍ତିକାର ଉର୍ବରଶକ୍ତିକୁ ବୃଦ୍ଧି କରି ଧୀରେ ଧୀରେ ନାଇଟ୍ରୋଜେନ୍ ଉପଲବ୍ଧ କରାଇଥାଏ। ବିଶେଷ କଥା ହେଉଛି, ୟୁରିଆ, ଆମୋନିୟମ ସଲ୍‌ଫେଟ୍ ପରି ଉର୍ବରକ ନିର୍ଦ୍ଦିଷ୍ଟ ମାତ୍ରାରେ ଉପଯୋଗ କରିପାରିବେ। ସେହିପରି ମୃତ୍ତିକାରେ ଜୀବାଣୁ ସାର ତଥା ରାଇଜୋବିୟମ, ଆଜୋସ୍ପିରିଲମ୍ ଏବଂ ଆଜୋଟୋବ୍ୟାକ୍ଟେର ପରି ଜୈବ ଉର୍ବରକ ଯବକ୍ଷାରଜାନ ବୃଦ୍ଧି କରିବାକୁ ସାହାଯ୍ୟ କରିଥାଏ। ବିଶେଷ କଥା ହେଉଛି, ଜମିରେ ଗୋଟିଏ ପ୍ରକାର ଫସଲ ବାରମ୍ବାର ଚାଷ କରିବା ଦ୍ୱାରା ମାଟିରେ ଯବକ୍ଷାରଜାନ ହ୍ରାସ ପାଇଥାଏ। ତେଣୁ ଯବକ୍ଷାରଜାନ ସନ୍ତୁଳନ ରଖିବାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଡାଲିଜାତୀୟ ଫସଲ ଚାଷ କରିପାରିବେ।

### ଏଜ୍‌ବାଷ୍ଟନ ଦଖଲ କଲୁ ସତ; ଖେଳରେ ମଜା ଆସିଲାନି: ଗିଲ୍

# ପିଚ୍ ଉପରେ ନିର୍ଭର କରୁଛି ଟେଷ୍ଟ ମ୍ୟାଚ୍‌ର ଗୁରୁତ୍ୱ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି)



ଫ୍ଲାଟ ପିଚ୍ ଓ ଡ୍ୟୁକ୍ ବଲ୍‌ରେ ବୋଲରଙ୍କୁ ସହାୟତା ବିନା ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଇଛି। ଏଜ୍‌ବାଷ୍ଟନରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ର ବୃହତ୍ ବିଜୟ ପରେ ଏହା କହିଛନ୍ତି ଅଧିନାୟକ ଶୁବମନ ଗିଲ୍। ଦୀର୍ଘ ୫୮ ବର୍ଷ ପରେ ଏଜ୍‌ବାଷ୍ଟନରେ ଭାରତ ଟେଷ୍ଟ ମ୍ୟାଚ୍ ଜିତିଛି ସତ, କିନ୍ତୁ ଏହି ବିଜୟରେ ମଜା ନାହିଁ। ଏଠାରେ ଖେଳାଯାଇଥିବା ଟେଷ୍ଟରେ ଭାରତୀୟ ବୋଲରମାନେ ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଏହା ମଧ୍ୟରୁ ୧୫ଟି ୱିକେଟ କେବଳ ନୂଆ ବଲ୍‌ରେ ମିଳିଛି। ଏଭଳି ପରିବେଶରେ ଟେଷ୍ଟ ମ୍ୟାଚ୍ ଖେଳିବା ବାଜ୍‌ବଲ ଯୁଗର ମନ୍ତ୍ରକୁ ବିରୋଧ କରୁଛି। ଏଠାରେ ପ୍ରଥମ ତଥା ବିଦେଶ ମାଟିରେ ସର୍ବବୃହତ୍ ବ୍ୟବଧାନ ବିଜୟ ଭାରତକୁ ୧-୧ରେ ସିରିଜ୍ ବରାବର କରିବାରେ ସହାୟ ହୋଇଛି।

ଏହି ଟେଷ୍ଟରେ ଉଭୟ ଦଳ ମିଳିତଭାବେ ୧୬୯୨ ରନ୍ କରିଛନ୍ତି। ଏହା ଫଳରେ ବ୍ୟାଟ୍ସମ୍ୟାନ ଏଠାରେ ମନଇଚ୍ଛା ଖେଳିଛନ୍ତି। ଚଳିତ ସିରିଜ୍‌ରେ ଖେଳାଯାଇଥିବା ପ୍ରଥମ ଦୁଇଟି ଟେଷ୍ଟରେ ଏଯାଏ ୩,୩୬୫ ରନ୍ ସଂଗୃହୀତ ହୋଇଛି। ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଏହା ସର୍ବାଧିକ ରନ୍। କିନ୍ତୁ ଖେଳର ମାନ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବାରେ ଏହି ପିଚ୍ ସହାୟତା କରିପାରି ନାହିଁ। ଏଭଳି ପିଚ୍‌ରେ ବୋଲରଙ୍କ ଲାଗି ସଫଳତା ପାଇବା କଷ୍ଟକର। ଏହା ସହ ଅଳ୍ପ ସମୟ ପରେ ଡ୍ୟୁକ୍ ବଲ ଢିଲା (ସଫ୍ଟ) ହୋଇଯିବା ମଧ୍ୟ ବୋଲରଙ୍କୁ ଅସୁବିଧାରେ ପକାଉଛି। ଏଭଳି ପିଚ୍ ଓ ବଲ୍‌ରେ ୱିକେଟ ମିଳିବା କଷ୍ଟକର ବୋଲି ଜଣାପଡ଼ିବା ପରେ ରନ୍ ସହଜରେ ସଂଗୃହୀତ ହୋଇଥିଲା। ଗୋଟିଏ ନୂଆ ବଲ ୨୦ ଓଭର ବୋଲିଂ ହେବା ପରେ ସଫ୍ଟ ହୋଇଯାଉଛି ଓ ବ୍ୟାଟରଙ୍କୁ ରନ୍ ସଂଗ୍ରହରେ ସହାୟତା କରୁଛି। ଏ ସମ୍ପର୍କରେ ଗିଲ୍ କହନ୍ତି, ଏହି ୨୦ ଓଭର ବୋଲିଂ କରିବା ପରେ ଅବଶିଷ୍ଟ ସମୟ ରକ୍ଷଣାତ୍ମକ ଭାବେ ଖେଳିବାକୁ ପଡ଼ୁଛି। ଏହି ସମୟରେ ରନ ଅଟକାଇବା କଷ୍ଟକର ହୋଇ ପଡ଼ୁଛି। ବୋଲରଙ୍କୁ କିଛି ସହାୟତା ନ ମିଳିଲେ ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଉଛି ବୋଲି ଗିଲ୍ କହନ୍ତି।

### ■ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ

ବିଦେଶ ମାଟିରେ ସୁଇଂ ପିଚ୍‌ରେ ଖେଳିବା ଆମଲାଗି କଷ୍ଟକର ହୋଇଥାଏ। ଏଭଳି ସ୍ଥାନରେ ଆମେ ଭଲ ପ୍ରଦର୍ଶନ ଦେଇ ପାରୁ ନ ଥିବାରୁ ଏକାଧିକଥର ସମାଲୋଚିତ ହୋଇଛୁ। କିନ୍ତୁ ଏବେ ଟେଷ୍ଟ ଖେଳାଯାଉଥିବା ବଲର ସ୍ଥିତି ଓ ଫ୍ଲାଟ ପରିବେଶ ସମ୍ପର୍କରେ ଜାଣିବା ପରେ ମୁଁ ଜଣେ ଅଧିନାୟକ ଭାବେ ସଫଳ ହେବାକୁ ଚେଷ୍ଟା କରିଥିଲି। ଫଳରେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୪୭, ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୨୬୯ ଓ ୧୬୧ ରନ୍ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଶେଷ ଭାଗ ବ୍ୟାଟରଙ୍କ ହାଲ୍‌କା ମନୋଭାବ ଯୋଗୁଁ ଆମେ ବିପର୍ଯ୍ୟୟର ଶିକାର ହୋଇଥିଲୁ। ଏହାକୁ ସୁଧାରିବାରେ ଜାଡେଜା ଭାଇ ୱାଶିଂଟନ ସୁନ୍ଦର ସହାୟତା କରିବା ଫଳରେ ଆମେ ଟେଷ୍ଟ ଜିତିବାରେ ସମର୍ଥ ହୋଇଛୁ।

### ■ ଇଂଲଣ୍ଡ ପିଚ୍ ଆଉ ଫ୍ଲାଟ୍ ହେବ ନାହିଁ

ଏଜ୍‌ବାଷ୍ଟନ ଟେଷ୍ଟ ପରାଜୟ ପରେ ଇଂଲଣ୍ଡରେ ଆଉ ଫ୍ଲାଟ ପିଚ୍‌ରେ ଖେଳିବାକୁ ପଡ଼ିବ ନାହିଁ ବୋଲି ଭାରତୀୟ ଅଧିନାୟକ ଶୁବମନ ଗିଲ କହିଛନ୍ତି। ଆମର ଏତେ ସମୟ ଧରି ଟେଷ୍ଟ ଖେଳିବାର ଅଭ୍ୟାସ ନାହିଁ। ଭାରତରେ ପିଚ୍ ସ୍ପିନ୍‌କୁ ସୁହାଇଥାଏ ଓ ଟେଷ୍ଟ ୩ରୁ ୪ ଦିନ ମଧ୍ୟରେ ଶେଷ ହୋଇଯାଇଥାଏ। ଆମେ ଯେତେବେଳେ ବିଦେଶରେ ଖେଳୁ ସେଠିକାର ସୁଇଂ, ଫାଷ୍ଟ ଓ ବାଉନ୍ସି ପିଚ୍‌ରେ ମ୍ୟାଚ୍ ଅଢ଼େଇରୁ ୪ ଦିନରେ ଶେଷ ହୋଇଥାଏ। ପ୍ରଥମଥର ଏଠାରେ କ୍ରମାଗତ ଟେଷ୍ଟ ୫ ଦିନରେ ଶେଷ ହୋଇଛି। ଅବଶ୍ୟ ଆମ ପ୍ରତିଦ୍ୱନ୍ଦ୍ୱୀ ୯୦ ଓଭର ଭିତରେ ଆଉଟ ହୋଇଯାଇଥିବାରୁ ଆମକୁ ପଡ଼ିଆରେ ଗୋଟିଏ ଦିନ ବିତାଇବାକୁ ପଡ଼ିଛି। କିନ୍ତୁ ଖୁସିର କଥା ଏହି ଦୁଇଟି ଯାକ ଟେଷ୍ଟରେ ଭାରତ ବ୍ୟାଟିଂରେ ଅଧିକ ସମୟ ଦେଇଛି ଓ କ୍ଳାନ୍ତ ହେବାରୁ ବର୍ତ୍ତିଯାଇଛି।

### ■ ବୋଲରଙ୍କୁ ପ୍ରଶଂସା

ଯଶପ୍ରୀତ୍ (ବୁମ୍‌ରା) ଭାଇଙ୍କ ଅନୁପସ୍ଥିତିରେ ଆମେ ପ୍ରତିଦ୍ୱନ୍ଦ୍ୱୀ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବା ନେଇ ଅନେକ ସନ୍ଦେହ ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଦଳର ଦୁଇ ଫ୍ରଣ୍ଟଲାଇନ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶଦୀପଙ୍କ ମିଳିତ ଭାବେ ୧୭ଟି ୱିକେଟ ନେଇଛନ୍ତି। ଏହା ଆମଲାଗି ସବୁଠାରୁ ବଡ଼ ଉପଲବ୍ଧି ବୋଲି ଗିଲ କହନ୍ତି। ଏପରି ସଫଳତାକୁ ପ୍ରଶଂସା କରିବା ଲାଗି ମୋ ନିକଟରେ ଭାଷା ନାହିଁ ବୋଲି ଗିଲ୍ କହନ୍ତି। ଏହି ବୋଲର ଓ ଖେଳାଳିମାନେ ଆମ ଦେଶରେ ସର୍ବଶ୍ରେଷ୍ଠ। ଏମାନେ ଯେଉଁଠି ଖେଳନ୍ତୁ ନା କାହିଁକି ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବେ। ଫ୍ଲାଟ୍ ପିଚ୍ ଓ ସଫ୍ଟ ବଲରେ କୁଲଦୀପ ଯାଦବଙ୍କ ପରି ବୋଲର ଦଳ ଲାଗି ଅଧିକ ଲାଭବାନ ସାବ୍ୟସ୍ତ ହୋଇଥାନ୍ତେ। ତାଙ୍କୁ ନ ଖେଳାଇବା ସମ୍ପର୍କରେ ଗିଲଙ୍କ ମତ ହେଲା, କୁଲଦୀପ୍ ଭାଇଙ୍କ ବୋଲିଂର ତୁଳନା ନାହିଁ। କିନ୍ତୁ ଶେଷ ଭାଗ ବ୍ୟାଟିଂକୁ ଶକ୍ତିଶାଳୀ କରିବା ଲାଗି ୱାସି (ୱାଶିଂଟନ ସୁନ୍ଦର)ଙ୍କୁ ଖେଳାଇଥିଲୁ। ଏହା ଆମ ଲାଗି ଲାଭବାନ ସାବ୍ୟସ୍ତ ହୋଇଛି। ଏଣୁ ଆମ ନିଷ୍ପତ୍ତି ଠିକ୍ ଥିଲା ବୋଲି ସେ କହିଛନ୍ତି।

## ଆର୍ଚର, ଆଟକିନସନଙ୍କ ମୁକାବିଲା ଲାଗି ଭାରତ ପ୍ରସ୍ତୁତ

**ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି):** ଭାରତଠାରୁ ଦ୍ୱିତୀୟ ଟେଷ୍ଟ ହାରିବାର ଅଳ୍ପ ସମୟ ମଧ୍ୟରେ ତୃତୀୟ ଟେଷ୍ଟ ଲାଗି ଦଳ ଘୋଷଣା କରିଛି ଇଂଲଣ୍ଡ। ଏହି ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ। ଦଳରେ କୌଣସି ଖେଳାଳିଙ୍କୁ ବାଦ୍ ଦିଆଯାଇ ନ ଥିଲାବେଳେ ଫାଷ୍ଟ ବୋଲର ଗସ୍ ଆଟକିସନଙ୍କୁ ସାମିଲ କରିଛି। ଫଳରେ ଇଂଲଣ୍ଡ ଦଳର ବୋଲିଂ ଶକ୍ତି ବୃଦ୍ଧି ପାଇଛି। ପୂର୍ବରୁ ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଥିଲା। ଏହା ଫଳରେ ଲର୍ଡ୍ସର ସୁଇଂ ଓ ବାଉନ୍ସି ୱିକେଟରେ ଉଭୟ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ଇଂଲଣ୍ଡରେ ସ୍ପିନରଙ୍କର ଆବଶ୍ୟକତା ନାହିଁ। ଏଣୁ ଲର୍ଡସରେ ଇଂଲଣ୍ଡ କେବଳ ଫାଷ୍ଟ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଓ ପଞ୍ଚମ ଟେଷ୍ଟ ଓଭାଲରେ ଜୁଲାଇ ୩୧ରୁ ଖେଳାଯିବ।

**ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, ଗସ ଆଟକିନସନ, ସୋଏବ ବସିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

## ରାଞ୍ଚିରେ ଜନ୍ମଦିନ ପାଳିଲେ ଧୋନି



**ରାଞ୍ଚି, ୭।୭ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସୋମବାର (ଜୁଲାଇ ୭) ତାଙ୍କର ୪୪ତମ ଜନ୍ମଦିନ ପାଳିଛନ୍ତି। ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ଷ୍ଟାଡିୟମରେ ୭ ଜଣ ଲୋକଙ୍କ ଗହଣରେ ଧୋନି କେକ୍ କାଟି ସାଧାରଣ ଭାବେ ଜନ୍ମଦିନକୁ ପାଳିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ଥିଲା ଧୋନିଙ୍କ ଚିରାଚରିତ ଭାଗ୍ୟଶାଳୀ ନମ୍ବର '୭'କୁ ଏହି ସମୟରେ ଦେଖିବାକୁ ମିଳିଥିଲା। ଧୋନି ୭ଜଣ ଲୋକଙ୍କୁ କେକ୍ କାଟିବା ସମୟରେ ପାଖରେ ରଖିଥିଲେ। ସେହି ୭ଜଣ ମଧ୍ୟ କୌଣସି ମାନ୍ୟଗଣ ବ୍ୟକ୍ତି ନ ଥିଲେ। ବରଂ ରାଞ୍ଚି ଷ୍ଟାଡିୟମର ୭ଜଣ ସାଧାରଣ କର୍ମଚାରୀ ଥିଲେ।

## ୱେଷ୍ଟଇଣ୍ଡିଜର କ୍ରମାଗତ ୨ୟ ପରାଜୟ

**ସେଣ୍ଟ ଜର୍ଜ୍ସ, ୭।୭ (ଏଜେନ୍ସି):** ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୩୩ ରନରେ ଜିତିନେଇଛି। ୨୭୭ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସରେ ୧୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ରୋଷ୍ଟନ ଚେଜ୍ ୩୪, ବ୍ରାଣ୍ଡନ କିଙ୍ଗ୍ ୧୪, ସାଇ ହୋପ୍ ୧୭, ସାମରା ଜୋସେଫ୍ ୨୪ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## ୱିମ୍ବଲଡନ କ୍ୱାର୍ଟରରେ ଜୋକୋଭିଚ୍

**ଲଣ୍ଡନ, ୭।୭ (ଏଜେନ୍ସି):** ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ପୁରୁଷ ବିଭାଗରେ ସର୍ବିୟା ତାରକା ନୋଭାକ ଜୋକୋଭିଚ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬ର ଏକ ମୁକାବିଲାରେ ଜୋକୋଭିଚ୍ ୧-୬, ୬-୪, ୬-୪, ୬-୪ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଜୋକୋଭିଚ୍ ୧୬ଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟରରେ ପହଞ୍ଚିଛନ୍ତି। ଯଦି ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ ସୁଇଜରଲାଣ୍ଡର ବେଲିଣ୍ଡା ବେନିକ ଓ ଆମେରିକାର ଆମଣ୍ଡା ଆନିସିମୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ-୧୬ର ଏକ ମ୍ୟାଚରେ ବେଲିଣ୍ଡା ୭-୬ (୭/୪), ୬-୪ ସେଟ୍‌ରେ ରୁଷିଆ ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୩ତମ ସିଡ୍ ଆମେରିକାର ଆନିସିମୋଭା ୬-୨, ୭-୫, ୬-୪ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

## ସଂଯୋଗ ଗୁପ୍ତା ଆଇସିସିର ନୂଆ ସିଇଓ



**ଦୁବାଇ,୭।୭ (ଏଜେନ୍ସି):** ଜିଓଷ୍ଟାର ସିଇଓ ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)ର ନୂଆ ସିଇଓ (କାର୍ଯ୍ୟନିର୍ବାହୀ ଅଧିକାରୀ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖେଳ ପରିଚାଳନାରେ ଗୁପ୍ତାଙ୍କର ଢ଼େର ଅଭିଜ୍ଞତା ରହିଛି ଓ ତାଙ୍କ ଉପସ୍ଥିତି ଆଇସିସି ଓ କ୍ରିକେଟକୁ ଲାଭବାନ କରାଇବ ବୋଲି ଏହାର ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ଜେଫ୍ ଆଲାରଡାଇସ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଆଲାରଡାଇସ ଗତବର୍ଷ ତାଙ୍କ ପଦବୀରୁ ଓହରିଯାଇଥିଲେ।

## ସ୍ୱିଟିଙ୍କ ହ୍ୟାଟ୍ରିକ୍: ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୭।୭ (ସମିସ):** ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ମହିଳା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଓଡ଼ିଶା ସ୍ୱିଟି କୁଜୁରଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ୩-୧ରେ ଅନ୍ୟତମ ଶକ୍ତିଶାଳୀ ପଞ୍ଜାବ ଦଳକୁ ପରାସ୍ତ କରିଥିଲା। ସ୍ୱିଟି ମ୍ୟାଚର ୧୫ତମ, ୩୦ତମ ଓ ୫୯ତମ ମିନିଟ୍‌ରେ ଏହି ୩ଟି ଗୋଲ୍ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏଥିସହ ୩ ପଏଣ୍ଟ ପାଇ ଓଡ଼ିଶା ଖାତା ଖୋଲିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ମହାରାଷ୍ଟ୍ର ଦଳକୁ ଭେଟିବ।

## ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ସୁସ୍ମିତାଙ୍କୁ ୫ମ ପଦକ

**ଭୁବନେଶ୍ୱର, ୭।୭ (ସମିସ):** ଓଡ଼ିଶା ପୁଲିସରେ କାର୍ଯ୍ୟରତ ସୁସ୍ମିତା ଟିଗା ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ତାଙ୍କ ଦମ୍‌ଦାର



ପ୍ରଦର୍ଶନ ଜାରି ରଖି ୫ମ ପଦକ ବିଜୟୀ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ହାଫ୍ ମାରାଥନ (୨୧.୧ କିମି)ରେ ସୁସ୍ମିତା ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଚଳିତ ବିଶ୍ୱ ପୁଲିସ କ୍ରୀଡ଼ାରେ ସୁସ୍ମିତା ଏଥିପୂର୍ବରୁ ୧୫୦୦ ମିଟର ରେସ୍ ଓ ୩୦୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ, ୮୦୦ ମିଟରରେ ରୌପ୍ୟ ଏବଂ ୪ ଗୁଣା ୪୦୦ ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାରେ ପ୍ରଥମଥର ହେବ ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର,୭।୭ (ସମିସ):** ଓଡ଼ିଶାରେ ପ୍ରଥମଥର ହେବାକୁ ଯାଉଛି ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ। ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ଓ ପୋଖରୀପୁଟ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ଜୁଲାଇ ୮ରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ। ଦେଶର ୧୫୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ୪ ଦିନ କ୍ୱାଲିଫାଙ୍ଗ ଇଭେଣ୍ଟ ହେବ ଓ ଏହା ପରେ ମୁଖ୍ୟ ଇଭେଣ୍ଟରେ ଖେଳାଯିବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଆହ୍ୱାନ ଦେଇଛନ୍ତି। ସଂଯୋଜକ ସୁଦୀପ ବିଶୋଇ, କମଳ ଦାସ, ଶୈଳେନ୍ଦ୍ର ଚୌଧୁରୀ, କମଳ ପଟ୍ଟନାୟକ, ପ୍ରଦୀପ ମହାନ୍ତି ରହିଛନ୍ତି। ଚିଫ୍ ରେଫରୀ ସିଆର୍ ରାଜୀବ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ବୋଲି ମିଡିଆ ମ୍ୟାନେଜର ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

● ଜାତୀୟ ଶିଶୁ ଓ ମିନି ଅସିଚାଳନା

## ବିଭୂତି ପଟେଲଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର,୭।୭ (ସମିସ):** ମହାରାଷ୍ଟ୍ରର ନାସିକ୍‌ରେ ଅନୁଷ୍ଠିତ ଜାତୀୟ ଶିଶୁ (୧୦ ବର୍ଷରୁ କମ୍) ଓ ମିନି (୧୨ ବର୍ଷରୁ କମ୍) ଜାତୀୟ ଅସିଚାଳନାରେ ଓଡ଼ିଶାର ବିଭୂତି ଶଙ୍କର ପଟେଲଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ବିଭୂତି ୧୨ ବର୍ଷରୁକମ୍ ବିଭାଗର ଇପି କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ବିଭୁତି ବଲାଙ୍ଗୀର କ୍ରୀଡ଼ାଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ମୁଲ୍‌ଡର୍‌ଙ୍କ ରେକର୍ଡ ତ୍ରିଶତକ



**ବୁଲାୱାୟୋ, ୭।୭ (ଏଜେନ୍ସି):** ଘରୋଇ ଜିମ୍ବାୱେ ବିପକ୍ଷରେ ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍ କୀର୍ତ୍ତିମାନଭରା ତ୍ରିଶତକୀୟ ପାଳି ଖେଳିଛନ୍ତି। ମୁଲ୍‌ଡର୍‌ଙ୍କ ଅପରାଜିତ ୩୬୭ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୧୪ ଓଭରରେ ୫ ୱିକେଟରେ ୬୨୬ ରନ କରି ପାଳି ଘୋଷଣା କରିଛି। ମୁଲ୍‌ଡର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାର ପ୍ରଥମ ପାଳିରେ ତ୍ରିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗଙ୍କ ନାମରେ ରହିଥିଲା। ଗ୍ରାହମ ୧୯୬୯ରେ ଟେଷ୍ଟ ନେତୃତ୍ୱ ପଦାର୍ପଣର ପ୍ରଥମ ପାଳିରେ ଭାରତ ବିପକ୍ଷରେ ୨୩୯ ରନ କରିଥିଲେ।

ସେହିଭଳି ୨୯୭ ବଲ୍‌ରେ ତ୍ରିଶତକ ହାସଲ କରିଥିବା ମୁଲ୍‌ଡର୍ ମୋଟ୍ ୩୩୪ ବଲ୍ ଖେଳି ୩୬୭ ରନ କରି ଅପରାଜିତ ରହିଥିଲେ। ଏହି ପାଳିରେ ସେ ୪୯ ଚୌକା ଓ ୪ ଛକା ମାରିଥିଲେ। ଏଥିସହ ଟେଷ୍ଟରେ ସେ ଦ୍ୱିତୀୟ ଦ୍ରୁତତମ ତ୍ରିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଭାରତର ବୀରେନ୍ଦ୍ର ସେହ୍ୱାଗ ୨୦୦୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୭୮ ବଲ୍‌ରେ ତ୍ରିଶତକ ହାସଲ କରି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତ୍ରିଶତକ ହାସଲ କରିବାରେ ମୁଲ୍‌ଡର ଦକ୍ଷିଣ ଆଫ୍ରିକାର ୨ୟ ଓ ବିଶ୍ୱର ୨୯ତମ କ୍ରିକେଟର୍ ହୋଇଛନ୍ତି। ହାସିମ ଅମଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲ୍ ଗ୍ରାଉଣ୍ଡରେ ୩୧୧ ରନର ପାଳି ଖେଳିଥିଲେ। ମୁଲ୍‌ଡର ଆଉ ୩୪ ରନ କରିଥିଲେ ବ୍ରାଏନ ଲାରା (ଅପରାଜିତ ୪୦୦ ରନ)ଙ୍କ ନାମରେ ରହିଥିବା ଟେଷ୍ଟର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରକୁ ଟପିଯାଇଥାନ୍ତେ। ଦକ୍ଷିଣ ଆଫ୍ରିକାର ୬୨୬/୫ ସ୍କୋର ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ୧୭୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି।

# ରାଜ୍ୟ କ୍ରିକେଟ ଶୀର୍ଷକୁ ନେବା ପାଇଁ ଓସିଏର ଉଦ୍ୟମ

କଟକ,୭।୭ (ସମିସ)

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ। ରାଜ୍ୟ କ୍ରିକେଟକୁ ଶୀର୍ଷକୁ ନେବା ପାଇଁ ଓସିଏର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ଆଲୋଚନା ଜୋର ଧରିଛି।

ରାଜ୍ୟରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆୟୋଜନ କରାଯାଉଥିଲେ ସୁଦ୍ଧା ଏହାର ବ୍ୟାପକ ପ୍ରଚାର, ପ୍ରସାର ଅଭାବ ଯୋଗୁଁ ପ୍ରତିଭାବାନ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ଅଣଦେଖା ହୋଇ ରହିଯାଉଥିଲା। ଏଥିରେ ପରିବର୍ତ୍ତନ ଅଣାଯିବା ସହ ମ୍ୟାଚ୍ ଗୁଡ଼ିକର ସିଧାପ୍ରସାରଣ ଏଣିକି ଅର୍ନ୍ତଜାତୀୟ ସ୍ତରର ପ୍ଲାଟଫର୍ମରେ ପ୍ରଦର୍ଶନ କରାଯିବ। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଓପିଟିଏଲ ଆୟୋଜନର ମଙ୍ଗ ଧରିବ। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ହୋଇ ସାରିଛି। ଖୁବଶୀଘ୍ର ଓସିଏ ଚୂଡ଼ାନ୍ତ ଫ୍ରାଞ୍ଚାଇଜ ତାଲିକା ପ୍ରକାଶ କରିବ। ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବା ପାଇଁ କାର୍ଯ୍ୟଧାରା ଅଗ୍ରଗତି କରିଛି।

ନିକଟ ଅତୀତରେ ରାଜ୍ୟ ବରିଷ୍ଠ ଦଳର ଖେଳାଳି ଏକମାସିଆ ଶ୍ରୀଲଙ୍କା ଗସ୍ତରେ ଯାଇ ୪ଟି ତ୍ରିଦିବସୀୟ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଫେରିଛି। ଉକ୍ତ ଏକ୍ସପୋଜର ଟୁର୍‌ରେ କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନଜରରେ ରଖି ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ତେବେ ଓପିଟିଏଲରେ ପ୍ରତ୍ୟେକ ଦଳରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ସ୍ଥିର କରିଛି ଓସିଏ। ଯେଉଁଥିରେ ବରିଷ୍ଠ ବର୍ଗରୁ ୧୨ଜଣ ଏବଂ ୪ଜଣ କନିଷ୍ଠ ବର୍ଗର ଖେଳାଳି ରହିବେ। ଡ୍ରାଫ୍ଟ ତାଲିକା ଘୋଷଣା ପୂର୍ବରୁ ପ୍ରାଥମିକ ପର୍ଯ୍ୟାୟରେ କନିଷ୍ଠ ବର୍ଗର ୫୦ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରାଯାଉଛି। ସେହିପରି ଅଧିନାୟକତ୍ୱ ନିମନ୍ତେ କିଛି ବରିଷ୍ଠ ଖେଳାଳିଙ୍କ ନାମ ଏବେ ଆଲୋଚନାରେ ଥିବା ବେଳେ ଖୁବଶୀଘ୍ର ଏହା ଘୋଷଣା ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟ କ୍ରିକେଟର ଧାରା ବଦଳିବା ଭଳି ଟୁର୍ଣ୍ଣାମେଣ୍ଟ ହେବ ଓପିଟିଏଲ। ଓଡ଼ିଆ ଖେଳାଳିମାନଙ୍କ ନିମନ୍ତେ ଏହା ଏକ ବଡ ମଞ୍ଚ ସାବ୍ୟସ୍ତ ହେବ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କ ଉପରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ପଡିବ। ଖେଳାଳିମାନେ ସମ୍ପୂର୍ଣ୍ଣ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳିବାର ଅଭିଜ୍ଞତା ପାଇବେ ବୋଲି ସଞ୍ଜୟ ମତ ଦେଇଛନ୍ତି।

ODISHA PRO T20 LEAGUE

ଓପିଟିଏଲ୍‌କୁ ନେଇ ନୂଆ ଆଶା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS